ISSN-0971-8397

# ଯୋଜନା

ଜୁଲାଇ ୨୦୧୮ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ପ୍ରଗତିଶୀଳ ଭାରତ









**ସମସ୍ତଙ୍କ ପାଇଁ ସୁଲଭ ଘର**
ହରଦୀପ ସିଂହ ପୁରୀ

**୧୦୦୦ ଦିବସରେ ୧୦୦ ପ୍ରତିଶତ ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣର ଯାତ୍ରା**
ଏ କେ ଭାଲ୍ଲା

**ନବୀକରଣୀୟ ଶକ୍ତି ସମ୍ପ୍ରସାରଣ କାର୍ଯ୍ୟକ୍ରମ**
ମନୋଜ କୁମାର ଉପାଧ୍ୟାୟ, ଡକ୍ଟର ଅଭିନବ ତ୍ରିବେଦୀ

ବିଶେଷ ପ୍ରସଙ୍ଗ
**ଯୁବପିଢ଼ି ଏବଂ ଗୋଷ୍ଠୀଗତ କାର୍ଯ୍ୟରେ ନିଯୁକ୍ତି**
ଅମରେନ୍ଦ୍ର କୁମାର ଦୁବେ

ଫୋକସ୍
**କୃଷକଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତା**
ଡ. ଜଗଦୀପ ସକ୍ସେନା

## ବିକାଶର ରୋଡ୍‌ମ୍ୟାପ୍

# ବୃହତ୍ ଏକ୍ସପ୍ରେସ୍ ୱେକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ




*(୨୦୧୮ ମେ' ୨୭ ତାରିଖ ଦିନ ଉତ୍ତରପ୍ରଦେଶର ବାଘପଟଠାରେ ଇଷ୍ଟର୍ଣ୍ଣ ପେରିଫେରାଲ୍ ଏକ୍ସପ୍ରେସ୍ ୱେକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଲୋକାର୍ପିତ କରିଥିଲେ। ଉତ୍ତରପ୍ରଦେଶର ରାଜ୍ୟପାଳ ଶ୍ରୀ ରାମ ନାୟକ, କେନ୍ଦ୍ର ସଡ଼କ ଯୋଗାଯୋଗ ଏବଂ ଜାତୀୟ ରାଜପଥ, ଜାହାଜ ଏବଂ ଜଳ ସଂସାଧନ, ନଦୀ ବିକାଶ ଏବଂ ଗଙ୍ଗା ରିଜୁଭିନେସନ ମନ୍ତ୍ରୀ ଶ୍ରୀ ନୀତିନ୍ ଗଡ଼କରୀ, ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥ ଓ ହରିଆଣାର ମୁଖ୍ୟମନ୍ତ୍ରୀ ଶ୍ରୀ ମନୋହରଲାଲ୍ ଖଟ୍ଟର ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।)*

ଗତ ମେ' ୨୭ ତାରିଖ ଦିନ ଦିଲ୍ଲୀ ଜାତୀୟ ରାଜଧାନୀ କ୍ଷେତ୍ରରେ ଦୁଇଟି ନବନିର୍ମିତ ଏକ୍ସପ୍ରେସ୍‌ୱେର ଶୁଭ ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ। ଏଥିରୁ ପ୍ରଥମଟି ହେଉଛି ଚଉଦ ଲେନ୍ ବିଶିଷ୍ଟ ଦିଲ୍ଲୀ-ମିରଟ ଏକ୍ସପ୍ରେସ୍ ୱେର ପ୍ରଥମ ପର୍ଯ୍ୟାୟ, ଯାହା ନିଜାମୁଦ୍ଦିନ୍ ବ୍ରିଜ୍‌ଠାରୁ ଦିଲ୍ଲୀ-ଉତ୍ତରପ୍ରଦେଶ ସୀମା ପର୍ଯ୍ୟନ୍ତ ଲମ୍ବିଛି। ୮୪୧.୫୦ କୋଟି ଟଙ୍କା ବ୍ୟୟରେ ଏହି ୮.୩୬ କିଲୋମିଟର ବିଶିଷ୍ଟ ରାସ୍ତା ଖଣ୍ଡଟିକୁ ୩୦ ମାସର ନିର୍ଦ୍ଧାରିତ ସମୟ ପରିବର୍ତ୍ତେ ମାତ୍ର ୧୮ ମାସ ମଧ୍ୟରେ ନିର୍ମାଣ କରାଯାଇଛି। ଏହା ହେଉଛି ଦେଶର ପ୍ରଥମ ୧୪ ଲେନ୍ ବିଶିଷ୍ଟ ଜାତୀୟ ରାଜପଥ। ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ରହିଛି ରାଜପଥର ଉଭୟପାର୍ଶ୍ୱରେ ଅଢ଼େଇ ମିଟର ଚଉଡ଼ା ସାଇକେଲ୍ ପାଇଁ ରାସ୍ତା, ଯମୁନା ବ୍ରିଜ୍‌ଠାରେ ଗୋଟିଏ ଭର୍ଟିକାଲ୍ ଗାର୍ଡେନ୍, ସୌରଚାଳିତ ଆଲୋକୀକରଣ ଓ ଡ୍ରିପ୍ ସିଞ୍ଚନ ବ୍ୟବସ୍ଥା ଆଦି। ଉତ୍ତରପ୍ରଦେଶର ମିରଟ, ଉତ୍ତରାଖଣ୍ଡ ଓ ଦିଲ୍ଲୀ ମଧ୍ୟରେ ଦ୍ରୁତଗାମୀ ଓ ସୁରକ୍ଷିତ ସଡ଼କ ଯାତ୍ରା ପାଇଁ ଏହି ଦିଲ୍ଲୀ-ମିରଟ ଏକ୍ସପ୍ରେସ୍ ୱେ ପ୍ରକଳ୍ପର ପରିକଳ୍ପନା କରାଯାଇଛି। ଏହି ସଡ଼କର ମୋଟ୍ ଦୀର୍ଘତା ହେଉଛି ୮୨ କିଲୋମିଟର ଏବଂ ଆନୁମାନିକ ପ୍ରକଳ୍ପ ଖର୍ଚ୍ଚ ହେଉଛି ୪୯୭୫.୧୭ କୋଟି ଟଙ୍କା। ଏହି ଏକ୍ସପ୍ରେସ୍ ୱେ ହେଉଛି ଏଭଳି ପ୍ରଥମ ରାଜପଥ, ଯାହାର ଦିଲ୍ଲୀଠାରୁ ଦଶନା ମଧ୍ୟରେ ପ୍ରାୟ ୨୮ କିଲୋମିଟର ଦୀର୍ଘ ସାଇକେଲ୍ ଟ୍ରାକ୍ ମଧ୍ୟ ରହିଛି। ଏହି ସଡ଼କଟି ସମ୍ପୂର୍ଣ୍ଣ ନିର୍ମାଣ ହେଲେ ଦିଲ୍ଲୀରୁ ମିରଟ ଯିବା ପାଇଁ ମାତ୍ର ୬୦ ମିନିଟ୍ ସମୟ ଲାଗିବ।

ଦ୍ୱିତୀୟ ପ୍ରକଳ୍ପଟି ହେଉଛି ୧୩୫ କିଲୋମିଟର ଦୀର୍ଘ ଇଷ୍ଟର୍ଣ୍ଣ ପେରିଫେରାଲ୍ ଏକ୍ସପ୍ରେସ୍ ୱେ। ଏହା ଜାତୀୟ ରାଜପଥ-୧ର କୁନ୍ଦଲିଠାରୁ ଜାତୀୟ ରାଜପଥ-୨ ସ୍ଥିତ ପାଲ୍‌ୱାଲ୍ ପର୍ଯ୍ୟନ୍ତ ଲମ୍ବିଛି। ଏହି ପ୍ରକଳ୍ପ ପାଇଁ ୪୬୧୭.୮୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ପ୍ରକଳ୍ପଟିକୁ ପୂର୍ବ ନିର୍ଦ୍ଧାରିତ ୯୧୦ ଦିନ ପରିବର୍ତ୍ତେ ୫୦୦ ଦିନରେ ସମାପ୍ତ କରାଯାଇଛି। ଏହା ହେଉଛି ଦେଶର ପ୍ରଥମ ଏକ୍ସପ୍ରେସ୍ ୱେ, ଯାହାର ସର୍ବମୋଟ୍ ୧୩୫ କିଲୋମିଟର ଦୀର୍ଘତା ପର୍ଯ୍ୟନ୍ତ ସୌରଶକ୍ତି ବ୍ୟବସ୍ଥା କରାଯାଇଛି। ଏହି ସଡ଼କର ପ୍ରତ୍ୟେକ ୫୦୦ ମିଟର ବ୍ୟବଧାନରେ ବର୍ଷାଜଳ ସଂଗ୍ରହ ପାଇଁ ବ୍ୟବସ୍ଥା କରାଯାଇଛି।

ଦିଲ୍ଲୀ ସହର ଭିତରେ ଯାନବାହନ ଭିଡ଼ ଓ ପ୍ରଦୂଷଣ ହ୍ରାସ କରିବା ପାଇଁ ସହରର ଚାରିପଟେ ପୂର୍ବତନ ସୀମା ସଡ଼କ ଓ ପଶ୍ଚିମତଟ ସୀମା ସଡ଼କର ପରିକଳ୍ପନା କରାଯାଇଛି।

ଜୁଲାଇ ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ପଞ୍ଚବିଂଶ ବର୍ଷ / ଦଶମ ସଂଖ୍ୟା


## ଏ ସଂଖ୍ୟାରେ...


| ବିଷୟ / ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୦୪ |
| ● ସମସ୍ତଙ୍କ ପାଇଁ ସୁଲଭ ଘର<br>*ହରଦୀପ ସିଂହ ପୁରୀ* | ୦୫ |
| ● ୧୦୦୦ ଦିବସରେ ୧୦୦ ପ୍ରତିଶତ ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣର ଯାତ୍ରା<br>*ଏକେ ଭାଲ୍ଲା* | ୧୦ |
| ● ନବୀକରଣୀୟ ଶକ୍ତି ସମ୍ପ୍ରସାରଣ କାର୍ଯ୍ୟକ୍ରମ<br>*ମନୋଜ କୁମାର ଉପାଧ୍ୟାୟ, ଡକ୍ଟର ଅଭିନବ ତ୍ରିବେଦୀ* | ୧୪ |
| ● ପଳାତକ ଆର୍ଥିକ ଅପରାଧୀ ବିଲ୍ ୨୦୧୮<br>*ଡ. ଭି. ମୁରଳୀ* | ୩୩ |
| ● କ୍ରୟଶକ୍ତି ମଧ୍ୟରେ ଲୋକଙ୍କୁ ଘର ଯୋଗାଣ ନିଶ୍ଚିତ କରିବା ପ୍ରୟାସ<br>*ଡ. ରଞ୍ଜିତ ମେହେଟା* | ୩୭ |
| ● ଉଡ଼ାନ୍<br>*ସିନ୍ଧୁ ଭଟ୍ଟାଚାର୍ଯ୍ୟ* | ୪୨ |
| ● ଓଡ଼ିଶାରେ ପବନ ଶକ୍ତିର ସମ୍ଭାବନା<br>*ଅଧ୍ୟାପକ କମଳାକାନ୍ତ ଜେନା* | ୪୬ |
| ● ସାମ୍ପ୍ରତିକୀ | ୫୦ |

**ଫୋକସ୍**
କୃଷକଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତା
ଡ. ଜଗଦୀପ ସକ୍‌ସେନା: ୨୭

**ବିଶେଷ ପ୍ରବନ୍ଧ**
ଯୁବପିଢ଼ି ଏବଂ ଗୋଷ୍ଠୀଗତ କାର୍ଯ୍ୟରେ ନିଯୁକ୍ତି
ଅମରେନ୍ଦ୍ର କୁମାର ଦୁବେ: ୧୮



*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207



ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...



# ପ୍ରଗତି ପଥେ

ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ପାଇଁ ବିକାଶର ଅର୍ଥ ଭିନ୍ନ। କେତେକଙ୍କ ପାଇଁ ଏହା ଖାଦ୍ୟ, ବସ୍ତ୍ର ଓ ବାସଗୃହ ହୋଇଥିବାବେଳେ ଅନ୍ୟ କେତେକଙ୍କ ପାଇଁ ଖାଦ୍ୟର ଅର୍ଥ ଖାଦ୍ୟ ସୁରକ୍ଷା, ବସ୍ତ୍ରର ଅର୍ଥ ନିଜ ପରିଚୟର ଏକ ମାଧ୍ୟମ ଓ ବାସଗୃହର ଅର୍ଥ କେବଳ ମୁଣ୍ଡ ଉପରେ ଗୋଟିଏ ଛାତ ନୁହଁ ବରଂ ଗୁଣାତ୍ମକ ଜୀବନଯାପନ ପାଇଁ ବଡ଼ ଘର ସହିତ ଖେଳପଡ଼ିଆ ଓ ବ୍ୟାୟାମଶାଳା ଆଦି ସୁବିଧା ଥିବାକୁ ବୁଝାଇଥାଏ।

ତେବେ ଆମେ ଯେତେବେଳେ ଖାଦ୍ୟ ସୁରକ୍ଷା ପ୍ରସଙ୍ଗରେ ରୋଟିର କଥା ହେଉ, ସର୍ବପ୍ରଥମେ ଦୃଷ୍ଟି ପରିସରକୁ କୃଷକ ହିଁ ଆସିଥାଏ। ଖାଦ୍ୟ ଯୋଗାଣ ପ୍ରକ୍ରିୟାରେ କୃଷକ ହିଁ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି। ତଥାପି କୃଷକ କଲ୍ୟାଣ ପାଇଁ ନା ଖାଦ୍ୟ ପାଉଥିବା ବ୍ୟକ୍ତି ନା ନୀତି ନିର୍ଦ୍ଧାରକମାନେ ଯେତିକି ଗୁରୁତ୍ୱ ଦେବାକଥା ସେତିକି ଦେଉନାହାନ୍ତି। ତେବେ କୃଷକ କଲ୍ୟାଣ ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ହେଉଛି, ୨୦୨୨ ମସିହା ସୁଦ୍ଧା କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା। ଏତଦ୍‌ବ୍ୟତୀତ ବାରମ୍ବାର ଘଟୁଥିବା ବିପର୍ଯ୍ୟୟଜନିତ କ୍ଷତିରୁ କୃଷକଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଲାଗୁ କରାଯାଇଛି। ସେହିଭଳି ପ୍ରଧାନମନ୍ତ୍ରୀ କିଷାନ ସମ୍ପଦା ଯୋଜନା ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ, ଯାହା ମଧ୍ୟରେ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦର ପ୍ରକ୍ରିୟାକରଣ କରିବା ପାଇଁ ଓ ସେଗୁଡ଼ିକୁ ମୂଲ୍ୟଯୁକ୍ତ କରି ଇ-ନାମ ଭଳି ବଜାର ବ୍ୟବସ୍ଥା ସହ ଯୋଡ଼ିବା ପାଇଁ ପ୍ରଚେଷ୍ଟା କରାଯାଇଛି। ଏହାଦ୍ୱାରା କୃଷକମାନେ ସେମାନଙ୍କ ଉତ୍ପାଦର ଉଚିତ୍ ମୂଲ୍ୟ ପାଇପାରିବେ। ମୋଟାମୋଟି ଭାବେ ଉପଯୁକ୍ତ ନୀତି, କାର୍ଯ୍ୟକ୍ଷମ କରିହେବା ଭଳି କାର୍ଯ୍ୟକ୍ରମ ଓ ସମାନୁପାତିକ ବଜେଟ୍ ଆବଣ୍ଟନ ଦ୍ୱାରା କୃଷକ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରଚେଷ୍ଟା କରିଛନ୍ତି।

ବାସଗୃହର ଅର୍ଥ ସମସ୍ତଙ୍କ ପାଇଁ ଶସ୍ତା ବାସଗୃହ ଯୋଗାଣ। ୨୦୨୨ ମସିହା ସୁଦ୍ଧା ସମସ୍ତଙ୍କ ପାଇଁ ବାସଗୃହ ଉପଲବ୍ଧ କରାଇବା ସକାଶେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନାର ଲକ୍ଷ୍ୟ ହେଉଛି ଯେ ଦେଶର ୭୫ତମ ସ୍ୱାଧୀନତା ଦିବସ ପାଳନ ବେଳକୁ ପ୍ରତ୍ୟେକ ପରିବାର ଏମିତି ପକ୍କାଘରେ ରହୁଥିବେ, ଯେଉଁଠାରେ ପାନୀୟଜଳ, ଶୌଚାଳୟ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଦି ବ୍ୟବସ୍ଥା ରହିଥିବ।

ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଉପଲବ୍ଧତା। ପ୍ରତ୍ୟହ ସକାଳୁ କାମକୁ ବାହାରିବାବେଳେ ପ୍ରତ୍ୟେକ ନାଗରିକ ଚାହେଁ, ସେ ଯିବାକୁ ଥିବା ରାସ୍ତାରେ ଖାଲ ଢ଼ିପ ନଥାଉ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ୨୦୧୯ ମାର୍ଚ୍ଚ ସୁଦ୍ଧା ଶେଷ କରିବା ପାଇଁ ପ୍ରାୟ ୩୦୦ ପ୍ରକଳ୍ପ ଚିହ୍ନଟ କରାଯାଇଛି। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ୧୨୭ଟି ପ୍ରକଳ୍ପ ଓ ମନ୍ତ୍ରଣାଳୟର ୧୫୩ଟି ପ୍ରକଳ୍ପକୁ ପୂର୍ବ ନିର୍ଦ୍ଧାରିତ ୨୦୧୯ ଜୁନ୍ ମାସ ପରିବର୍ତ୍ତେ ୨୦୧୯ ମାର୍ଚ୍ଚ ମାସ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏତଦ୍‌ବ୍ୟତୀତ ଆହୁରି ୧୦୦ଟି ପ୍ରକଳ୍ପ କାର୍ଯ୍ୟ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୫୦୫୮ କିଲୋମିଟର ପରିବର୍ତ୍ତେ ୬୦୦୦ କିଲୋମିଟର ଦୀର୍ଘ ସଡ଼କ ନିର୍ମାଣ ସକାଶେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଲକ୍ଷ୍ୟ ନିର୍ଦ୍ଧାରିତ କରିଛି। ଦେଶର ଛୋଟ ଛୋଟ ସହରଗୁଡ଼ିକୁ ଯୋଡ଼ିବା ପାଇଁ ଓ ସେଗୁଡ଼ିକ ଜାତୀୟ ମୁଖ୍ୟଧାରାରେ ସାମିଲ୍ କରିବା ପାଇଁ 'ଉଡାନ୍' ଭଳି ଏକ ଅଭିନବ ଯୋଜନାର ପରିକଳ୍ପନା କରାଯାଇଛି।

୨୦୧୫ ମସିହା ଅଗଷ୍ଟ ୧୫ ତାରିଖ ଦିନ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ, ପରବର୍ତ୍ତୀ ୧୦୦୦ ଦିନରେ ସାର୍ବଜନୀନ ବିଦ୍ୟୁତ୍‌କରଣ ଲକ୍ଷ୍ୟ ହାସଲ କରାଯିବ। ଏହି ଲକ୍ଷ୍ୟ ହାସଲ ପାଇଁ ଶକ୍ତି ମନ୍ତ୍ରଣାଳୟ ଆବଶ୍ୟକ କାର୍ଯ୍ୟ ହାତକୁ ନେଇ ଦିନ୍ ଦୟାଲ୍ ଉପାଧ୍ୟାୟ ଗ୍ରାମ୍ୟଜ୍ୟୋତି ଯୋଜନାର ଅୟମାରମ୍ଭ କରିଥିଲେ। ଏହି ଘୋଷଣାର ୧୦୦୦ ଦିନ ମଧ୍ୟରେ ୧୮ ହଜାରରୁ ଊର୍ଦ୍ଧ୍ୱ ଘରକୁ ବିଦ୍ୟୁତ୍‌କରଣ କରାଯାଇଥିଲା।

ବିକାଶର ରାସ୍ତାରେ ଅଗ୍ରଗତି କଲାବେଳେ ପ୍ରତ୍ୟେକ ଦେଶକୁ ତା'ର ନିଜସ୍ୱ ଯୁବଶକ୍ତିର ସଦୁପଯୋଗ କରିବା ଉଚିତ୍। ଭାରତ ନିଜ ଯୁବଶକ୍ତିରୂପ ସମ୍ବଳକୁ ବିକାଶ ପ୍ରକ୍ରିୟାରେ ଉପଯୋଗ କରିବା ପାଇଁ ପଦକ୍ଷେପ ନେଇଛି। ଜାତୀୟ ସେବା ଯୋଜନା ଓ ନେହରୁ ଯୁବକେନ୍ଦ୍ର ମାଧ୍ୟମରେ ଗୋଷ୍ଠୀମଙ୍ଗଳ କାର୍ଯ୍ୟରେ ଯୁବପିଢ଼ିଙ୍କୁ ନିୟୋଜିତ କରାଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି, ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଉତ୍ପାଦନକ୍ଷମ କାର୍ଯ୍ୟବଳ ସୃଷ୍ଟିକରିବା। ସ୍କିଲ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ଜାତୀୟ ଯୁବନେତୃତ୍ୱ କାର୍ଯ୍ୟକ୍ରମ ଓ ମୁଦ୍ରା ଆଦି ଯୋଜନାଗୁଡ଼ିକ ଦ୍ୱାରା ଦେଶର ଯୁବପିଢ଼ିଙ୍କୁ ଏକ ସାମଗ୍ରିକ ସୁଯୋଗ ମିଳିବ।

କୌଣସି ଦେଶର ବିକାଶ କାର୍ଯ୍ୟସୂଚୀର ଭିନ୍ନ ଭିନ୍ନ ଦିଗ ରହିଛି। ପ୍ରତ୍ୟେକ ଦିଗ ଗୁରୁତ୍ୱପୂର୍ଣ୍ଣ। ତେବେ ସମ୍ପୂର୍ଣ୍ଣ ବିକାଶ ଲକ୍ଷ୍ୟ ହାସଲ ପାଇଁ ଏସବୁ ମଧ୍ୟରେ ସାମଞ୍ଜସ୍ୟ ଓ ସହଯୋଗ ରହିବା ଉଚିତ୍। ନିକଟ ଅତୀତରେ ସରକାର ନେଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ସମ୍ପୂର୍ଣ୍ଣ ବିକାଶର ଲକ୍ଷ୍ୟ ସାଧନ ପାଇଁ ଅଭିପ୍ରେତ।

# ସମସ୍ତଙ୍କ ପାଇଁ ସୁଲଭ ଘର

ହରଦୀପ ସିଂହ ପୁରୀ

ଦାୟିତ୍ୱ ଗ୍ରହଣ କରିବାର ଏକ ମାସ ପରେ ପ୍ରଧାନମନ୍ତ୍ରୀ ୨୦୧୪ ଜୁଲାଇରେ ସଂସଦର ମିଳିତ ଅଧିବେଶନରେ ଉଦ୍‌ବୋଧନ ଦେବା ଅବସରରେ କହିଥିଲେ ଯେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ପ୍ରତ୍ୟେକ ପରିବାରକୁ ପକ୍କା ଘର ସହ ଘରେ ଶୌଚାଳୟ, ୨୪ ଘଣ୍ଟିଆ ବିଜୁଳି ଓ ଜଳ ଯୋଗାଣ ସୁବିଧା ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଲକ୍ଷ୍ୟ ପୂରଣ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ଗରିବ ଲୋକଙ୍କୁ ସେମାନଙ୍କ କ୍ରୟଶକ୍ତି ଭିତରେ ସୁଲଭ ମୂଲ୍ୟରେ ପକ୍କାଘର ସହିତ ବିଜୁଳି, ପାଣି ଓ ଶୌଚାଳୟ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ସରକାର ରଖିଛନ୍ତି ଏବଂ ତଦନୁସାରେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇ ତାହା କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମ ବା ମିଶନଟି ଦୁଇ ଭାଗରେ ବିଭକ୍ତ। ଗୋଟିଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମିଣ ଓ ଅନ୍ୟଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ। ଗ୍ରାମାଞ୍ଚଳ ବିକାଶ ଓ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ଅଧୀନରେ ଦୁଇଟି ଯାକ ଯୋଜନା ଅଲଗା ଅଲଗା କାର୍ଯ୍ୟକାରୀ ହେଉଛି।

୨୦୧୫ ଜୁନ୍‌ରେ ପ୍ରଧାନମନ୍ତ୍ରୀ ଗ୍ରାମିଣ ଆବାସ ଯୋଜନାର ଲକ୍ଷ୍ୟ ସ୍ଥିରୀକୃତ ହୋଇଥିଲା। ଏଥିରେ ସହରାଞ୍ଚଳରେ ୧.୨କୋଟି ସୁଲଭ ମୂଲ୍ୟର ପକ୍କାଘର ନିର୍ମାଣର ଲକ୍ଷ୍ୟ ରଖାଯାଇଥିଲା। ଚଳିତ ସରକାରଙ୍କର ଚାରିବର୍ଷର କାର୍ଯ୍ୟକାଳ ମଧ୍ୟରେ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ୪୭.୫ଲକ୍ଷ ଘର ନିର୍ମାଣ ପାଇଁ ମଞ୍ଜୁରି ପ୍ରଦାନ କରିଛି। ସେଥିମଧ୍ୟରେ ଆଠ ଲକ୍ଷ ଘରର ନିର୍ମାଣ ଶେଷ ହୋଇ ତାହା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏକ ତୁଳନାତ୍ମକ ହିସାବ ଅନୁସାରେ ୨୦୦୪ରୁ ୨୦୧୪ ମଧ୍ୟରେ ତତ୍‌କାଳୀନ ସରକାର ଏହି ଯୋଜନାରେ ୧୩.୪୬ ଲକ୍ଷ ଘର ନିର୍ମାଣ ପାଇଁ ଅନୁମୋଦନ ଦେଇଥିବାବେଳେ ୫.୬୫ ଲକ୍ଷ ଘର ସମ୍ପୂର୍ଣ୍ଣ କରି ହିତାଧିକାରୀଙ୍କୁ ହସ୍ତାନ୍ତର କରିଥିଲେ।

ସ୍ମରଣଯୋଗ୍ୟ ଯେ ଯେତେବେଳେ ଜେଏନ୍‌ଏନ୍‌ୟୁଆର୍‌ଏମ୍ କାର୍ଯ୍ୟକାରୀ ହେଲା ସେତେବେଳେ ତାହା ଭାରତର ସବୁଠୁ ବଡ଼ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମର ମାନ୍ୟତା ପାଇଥିଲା। ତେବେ ଗତ ଚାରିବର୍ଷ ମଧ୍ୟରେ ବର୍ତ୍ତମାନର ସରକାର ଏହି ସୁଲଭ ମୂଲ୍ୟ ଘର ନିର୍ମାଣ ଯୋଜନାରେ ଜେଏନ୍‌ଏନ୍‌ୟୁଆର୍‌ଏମ୍‌ର ୧୦ବର୍ଷରେ ଅନୁମୋଦିତ ସୁଲଭ ଘର ସଂଖ୍ୟାଠାରୁ ୪ ଗୁଣରୁ ଅଧିକ ଘର ନିର୍ମାଣ ପାଇଁ ମଂଜୁରି ପ୍ରଦାନ କରିଛନ୍ତି।

**ସହରାୟନକୁ ସ୍ୱୀକୃତି:**

ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନାର ସଫଳତା ଉପରେ କେତେଗୁଡ଼ିଏ କଥା ନିର୍ଭର କରୁଛି। ଏଥିରେ ସବୁଠୁ ବଡ଼ କଥାଟି ହେଲା ଏକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଓ ସହରାଞ୍ଚଳର ପରିବର୍ଦ୍ଧନ। ରୋଜଗାର ପାଇଁ ଅଧିକରୁ ଅଧିକ ଲୋକ ସହରାଭିମୁଖୀ ହେଉଥିବାରୁ ସେମାନଙ୍କ ରହିବା ପାଇଁ ଶସ୍ତା ବାସ ଉପଯୋଗୀ ଘର ଦରକାର। ଏହି ଆବଶ୍ୟକତା ପୂରଣ ପାଇଁ ସହରର କାୟା ବିସ୍ତାର ଓ ବସ୍ତି

ଅଞ୍ଚଳର ବିକାଶ ପ୍ରଥମ ଆବଶ୍ୟକତା। ଏହାକୁ ହୃଦୟଙ୍ଗମ କରି ଏବେକାର ସରକାର ସହରାୟନକୁ ଏକ ନୂଆ ନୀତି ଭାବେ ଗ୍ରହଣ କରିଛନ୍ତି। ସ୍ୱାଧୀନତା ପୂର୍ବରୁ ଗ୍ରାମାଞ୍ଚଳ ଲୋକେ ସହରରେ ରହିବାକୁ କୁଣ୍ଠିତ ହେଉଥିଲେ। ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ ଥିବାରୁ ଗାଁରେ ରହିବାକୁ ପସନ୍ଦ କରୁଥିଲେ। ଏବେ ଜୀବିକାର୍ଜନର ମାର୍ଗ ବଦଳିଛି। ଗାଁ ଅପେକ୍ଷା ସହରରେ ରୋଜଗାରର ଅଧିକ ସୁବିଧା ସୁଯୋଗ ଥିବାରୁ ଅଧିକ ଲୋକ ସହରରେ ରହିବାକୁ ପସନ୍ଦ କରୁଛନ୍ତି।

କୃଷି କ୍ଷେତ୍ରରେ ଦେଶର ୪୦ ଭାଗ ଶ୍ରମଶକ୍ତି ନିୟୋଜିତ ହୋଇଥିଲେ ହେଁ ଜିଡିପିକୁ ଏହାର ଅବଦାନ ମାତ୍ର ୧୬.୪ ଶତାଂଶ। ଅପରପକ୍ଷରେ ଜିଡିପିକୁ ସେବା କ୍ଷେତ୍ରରେ ଅବଦାନ ୫୫.୨ ଶତାଂଶ। ତେବେ ବାସ୍ତବତା ହେଲା ସେବା କ୍ଷେତ୍ରର ପରିବ୍ୟାପ୍ତି ଓ ସୁଯୋଗ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳରେ ଅଧିକ। ତେଣୁ ସହରରେ ଅଧିକରୁ ଅଧିକ ଲୋକଙ୍କ ସମାବେଶ ହେବା ଓ ବାସ କରିବା ଏବେ ଏକ ନୂଆ ବାସ୍ତବତା। ଏକ ହିସାବ ଅନୁସାରେ ୨୦୩୦ ସୁଦ୍ଧା ୬୦କୋଟି ଭାରତୀୟ ଅର୍ଥାତ ଦେଶର ଜନସଂଖ୍ୟାର ୪୦ଭାଗ ସହରାଞ୍ଚଳରେ ବସବାସ କରିବେ।

ଏବେ ଦେଶର ଜନସଂଖ୍ୟା ଜନିତ ସ୍ଥିତି ବଦଳୁଛି। ତାହାକୁ ଦୃଷ୍ଟିରେ ରଖି ସରକାରଙ୍କୁ ନୂଆ ଯୋଜନାମାନ ପ୍ରଣୟନ କରିବାକୁ ପଡୁଛି। ସରକାର ଯେଉଁ ଏଗାରଟି ନିରନ୍ତର ବିକାଶ ଯୋଜନା ଲକ୍ଷ୍ୟ ରଖିଛନ୍ତି ସେଥିରେ ସହରାଞ୍ଚଳ ବିକାଶ ଅନ୍ୟତମ। ଏଥିରେ ସହରାଞ୍ଚଳ ଓ ଏହାର ଆବାସିକ ଇଲାକାଗୁଡ଼ିକୁ ସମାବେଶୀ, ନିରାପଦ ଓ ସହନଯୋଗ୍ୟ କରିବାର ଲକ୍ଷ୍ୟ ରହିଛି। ସେହି ଯୋଜନାର ଏକ ଅଂଶ ହେଲା ପ୍ରଧାନମନ୍ତ୍ରୀ ସହରାଞ୍ଚଳ ବିକାଶ ଯୋଜନା। ଏଥିପାଇଁ ସମୟସୀମା ମଧ୍ୟ ଧାର୍ଯ୍ୟ ହୋଇଛି।

ସହରାଞ୍ଚଳ ବିକାଶରେ ଯେଉଁ ଦାର୍ଶନିକ ଦିଗ ଚର୍ଚ୍ଚାକୁ ଆସୁଛି ତାହା ହେଉଛି ଗରିବ ବା ସ୍ୱଳ୍ପ ରୋଜଗାର କରୁଥିବା ଲୋକଟିକୁ କେବଳ ସହରରେ ମୁଣ୍ଡ ଗୁଞ୍ଜିବା ପାଇଁ ଘରଖଣ୍ଡିଏ ଯଥେଷ୍ଟ ନୁହେଁ। ସେ ଘରଟି ତା'ର ସ୍ୱପ୍ନ ଓ ଉଦ୍ଦେଶ୍ୟ ସାଧିତ କରୁଥିବା ଦରକାର। ସେ ଘର ଖଣ୍ଡିକ ସଂପୃକ୍ତ ବ୍ୟକ୍ତିର ଆର୍ଥିକ ସାମର୍ଥ୍ୟକୁ ପୂରଣ କରୁଥିବ। ସେଥିରେ ଚଳିବାକୁ ବ୍ୟବହାର ଉପଯୋଗୀ ଏକ ଶୌଚାଳୟ, ପାଇପଜଳର ବ୍ୟବସ୍ଥା, ବିଜୁଳି ଶକ୍ତି ଯୋଗାଣ ଓ ଘର ଦ୍ୱାର ମୁହଁରୁ ଅଳିଆ ସଂଗ୍ରହର ସୁବିଧା ଆଦି ଅନ୍ତର୍ଭୁକ୍ତ। ଏହା କେବଳ ଇଟାସିମେଣ୍ଟର ମାମୁଲି ଘର ନୁହେଁ, ଏହା ସହିତ କିଛି ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ଜଡ଼ିତ। ଅତଏବ ଏହି ଦର୍ଶନାନୁସାରେ ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସଗୁଡ଼ିକୁ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସବୁଠୁ ବଡ଼ କଥା ହେଲା ଏହି ଘରର ମାଲିକାନା ସମ୍ପୃକ୍ତ ପରିବାରର ମହିଳାଙ୍କ ନାମରେ ପଂଜୀକୃତ ହେବ। ଆବଶ୍ୟକ ପଡ଼ିଲେ ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ନାମରେ ମାଲିକାନା ସ୍ୱତ୍ୱ ରହିବ। ଏହି ବ୍ୟବସ୍ଥା ଫଳରେ ଗୋଟିଏ ପରିବାରକୁ ରହିବା ପାଇଁ କେବଳ ଘର ଖଣ୍ଡିଏ ମିଳିବ ନାହିଁ ଏହା ସହିତ ପରିବାରର ସଦସ୍ୟ ଅନ୍ୟାନ୍ୟ ସୁବିଧା ସୁଯୋଗ ଲାଭ କରି ନିରାପଦ, ସମୃଦ୍ଧ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ।

**ରାଷ୍ଟ୍ରୀୟ ଦାୟିତ୍ୱର ପୁନଃନିର୍ଦ୍ଧାରଣ:**

ଭାରତରେ ଉତ୍ତମ ବିଚାରର ଅଭାବ କେବେ ନ ଥିଲା। ଆମର ବିଜ୍ଞ ବିଚାରବନ୍ତ ବର୍ଗ ଏବଂ ଦେଶର ପ୍ରଶାସନିକ ବ୍ୟବସ୍ଥାର ଇସ୍ପାତ ପରଦା କୁହାଯାଉଥିବା ଅମଲାତନ୍ତ୍ରର ସଦସ୍ୟମାନେ ସହରାଞ୍ଚଳର ସମୁଚିତ ବିକାଶ ପାଇଁ ନାନା ବିଧ





ପ୍ରସ୍ତାବ, ସୁପାରିଶ ଓ ସମାଧାନ ସୂତ୍ରମାନ ବିଭିନ୍ନ ସମୟରେ ଦେଇଛନ୍ତି। ସେସବୁକୁ ସରକାର ଓ ବିଶେଷଜ୍ଞ ମଣ୍ଡଳୀ ଯଥାରୀତି ବିଚାର କରି ତା' ମଧ୍ୟରୁ ଉତ୍କୃଷ୍ଟ ପ୍ରସ୍ତାବମାନ ଗ୍ରହଣ କରି କାର୍ଯ୍ୟକାରୀ କରୁଛନ୍ତି। ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାରେ ଏଭଳି ବହୁତ କିଛି ବିଚାର ଓ ପ୍ରସ୍ତାବ ସନ୍ନିବେଶିତ ହୋଇଛି। ଲୋକଙ୍କୁ ସାମଗ୍ରୀ ଓ ସେବା ଯୋଗାଇବା ରାଷ୍ଟ୍ରର ପ୍ରମୁଖ ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ ଯେଉଁ ବିବୃତି ଦେଇଥିଲେ ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ନିର୍ମାଣ ଯୋଜନା ତାହାର ଏକ ଅଙ୍ଗୀକାର ମାତ୍ର। କେବଳ ଦାର୍ଶନିକ ବିଚାର ଆଲୋଚନା ବା ତର୍କ ଦ୍ୱାରା ଲୋକଙ୍କୁ ସାମଗ୍ରୀ ଓ ସେବା ମିଳିବ ନାହିଁ। ଯୋଜନା, କାର୍ଯ୍ୟକ୍ରମର ସଫଳ ରୂପାୟନ ଦ୍ୱାରା ଏହା ଉଦ୍ଦିଷ୍ଟ ବର୍ଗର ଲୋକଙ୍କ କାମରେ ଆସିବ। ଅତଏବ ଏହିସବୁ ଯୋଜନା ଓ କାର୍ଯ୍ୟକ୍ରମର ନିରବଚ୍ଛିନ୍ନ ଉପଯୁକ୍ତ ତଦାରଖ ଓ ମୂଲ୍ୟାୟନ ଲୋଡ଼ା।

ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ଚାରିଟି ବ୍ୟବସ୍ଥାରେ କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ ହେଲା ୧) ଉପସ୍ଥିତ ବସ୍ତିର ବିକାଶ, ୨) ଅଂଶୀଦାରୀ ଭିତ୍ତିରେ ସୁଲଭ ମୂଲ୍ୟର ଘର ଯୋଗାଣ, ୩) ଋଣ ଭିତ୍ତିକ ରିଆତି ବ୍ୟବସ୍ଥା ଓ ୪) ହିତାଧିକାରୀଙ୍କ ଦ୍ୱାରା ନିର୍ମାଣ ବ୍ୟବସ୍ଥା। ଏହି ଚାରି ପ୍ରକାର ବ୍ୟବସ୍ତାରେ ସହରାଞ୍ଚଳ ଗରିବ ଓ ଆର୍ଥିକ ଦୁର୍ବଳଶ୍ରେଣୀର ଲୋକଙ୍କୁ ଶସ୍ତା ଘର ଯୋଗାଇଦେବାର ବନ୍ଦୋବସ୍ତ କରାଯାଇଛି।

ଏହି ଯୋଜନାର ହିତାଧିକାରୀଙ୍କ ମଧ୍ୟରେ ଅଛନ୍ତି ଅତ୍ୟନ୍ତ ଅମାନବୀୟ ସ୍ଥିତିରେ ଥିବା ବସ୍ତିବାସିନ୍ଦା, ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ଓ ମଧ୍ୟ ଆୟକାରୀ ବର୍ଗର ଲୋକ। ମଧ୍ୟ ଆୟକାରୀ ବର୍ଗର ଲୋକଙ୍କ ପାଇଁ ବ୍ୟାଙ୍କ ଋଣ ଯୋଗାଣ ମାଧ୍ୟମରେ ଶସ୍ତା ଗୃହ ନିର୍ମାଣର ବ୍ୟବସ୍ଥା କରାଯାଇଥିବାବେଳେ ସେମାନଙ୍କର ଜମି ବା ଘର ଡିହର ଭୂମିକା ଏ କ୍ଷେତ୍ରରେ ଅଧିକ ରହୁଛି। ସେମାନେ ଘର ପାଇଁ ଯୋଗାଡ଼ କରିପାରୁ ନ ଥିବା ଅତିରିକ୍ତ ସମ୍ବଳ ବ୍ୟାଙ୍କରୁ କମ୍ ସୁଧରେ ପାଇପାରିବେ। ଆଗରୁ ସହରାଞ୍ଚଳ ଆବାସ ନିର୍ମାଣ କ୍ଷେତ୍ରରେ ସରକାର ଗୋଟିଏ ପ୍ରକାର ଯୋଜନା ଲୋକଙ୍କ ପାଇଁ ପ୍ରସ୍ତୁତ କରୁଥିଲେ। ଏଥିରେ ଅନେକ ଲୋକ ଆର୍ଥିକ ଓ ଅନ୍ୟାନ୍ୟ କାରଣରୁ ନିଜକୁ ସାମିଲ କରି ନ'ପାରି ବାଦ ପଡୁଥିଲେ। ଏବେ ଘର ତିଆରି କରିବା ପାଇଁ ଲୋକଙ୍କୁ ସରକାର ବିକଳ୍ପମାନ ଦେଉଛନ୍ତି। ଫଳରେ ଆଗ୍ରହୀ ବ୍ୟକ୍ତିବିଶେଷ ନିଜକୁ ସୁହାଇବା ଭଳି ଯୋଜନାରେ ସାମିଲ ହୋଇ ନିଜର ସ୍ୱପ୍ନର ଘର ଖଣ୍ଡିଏ ଛିଡ଼ା କରିବାରେ ସଫଳ ହେଉଛନ୍ତି। ନୂଆ ବ୍ୟବସ୍ଥାରେ ଏବେ ଲୋକଙ୍କ ଉପରେ ଯୋଜନାକୁ ଥାପି ନ'ଦେଇ ହିତାଧିକାରୀର ଆବଶ୍ୟକତା, ଦକ୍ଷତା ଓ ସ୍ଥିତିକୁ ବିଚାରକୁ ନେଇ ସରକାର ଏହି ଆବାସିକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି।

୨୦୧୪ ସାଧାରଣ ନିର୍ବାଚନ ପରେ ଲୋକସଭାରେ ନିଜର ପ୍ରଥମ ଭାଷଣରେ ପ୍ରଧାନମନ୍ତ୍ରୀ ସହଯୋଗ ଭିତ୍ତିକ ସଂଘୀୟ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ନିଜର ଦୀର୍ଘ ମୁଖ୍ୟମନ୍ତ୍ରୀତ୍ୱର ଅଭିଜ୍ଞତାରୁ ସେ ଭଲ ଭାବେ ଜାଣି ଥିଲେ ଯେ ରାଜ୍ୟ ସରକାର ଓ ସେମାନଙ୍କର ବାସ୍ତବତାକୁ ବିଚାରକୁ ନ'ନେଇ ଦିଲ୍ଲୀରେ ବସି ଯୋଜନା ତିଆରି କରି ତାହାର ରୂପାୟନ ପାଇଁ ନିର୍ଦ୍ଦେଶ ଦେଇ ଦେଲେ ତାହା ସଫଳ ହୁଏନାହିଁ। ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନା ମଧ୍ୟରୁ ଅତ୍ୟତମ। ଏହାକୁ ସହଯୋଗ ଭିତ୍ତିକ ସଂଘୀୟ ବ୍ୟବସ୍ଥା ଚିନ୍ତା ଓ ଢାଞ୍ଚାରେ କାର୍ଯ୍ୟକାରୀ କରାଯାଉଛି। ପୂର୍ବ ବ୍ୟବସ୍ଥାରେ ରାଜ୍ୟ ସରକାରମାନେ ନିଜର ଆବାସିକ ଯୋଜନା କାର୍ଯ୍ୟକାରୀ କରିବାକୁ କେନ୍ଦ୍ରର ଅନୁମୋଦନ ଲୋଡୁଥିଲେ; କିନ୍ତୁ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନାରେ ରାଜ୍ୟ ସରକାରମାନେ ନିଜେ



ଏହି ଯୋଜନା ଓ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ଦେଉଛନ୍ତି। କେନ୍ଦ୍ର ସରକାର ନିହାତି ଜରୁରୀ ହେଲେ ଏ କ୍ଷେତ୍ରରେ ଅଳ୍ପ କିଛି ପ୍ରସ୍ତାବ ଦେଉଛନ୍ତି।

ପୁରୁଣା ଢାଞ୍ଚା ଓ ପ୍ରଥାକୁ ପରିହାର କରି କେନ୍ଦ୍ରସରକାର ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ରାଜ୍ୟଙ୍କୁ ଦାୟିତ୍ୱ ଦେଇ ନିଜେ କେବଳ ଏକ ସୁବିଧାସୁଯୋଗ ଯୋଗାଣକାରୀର ଭୂମିକାରେ ନିଜକୁ ସୀମିତ କରିଛନ୍ତି। ୨୦୧୭-୧୮ ବଜେଟରେ ସୁଲଭ ମୂଲ୍ୟ ଗୃହନିର୍ମାଣ ଉଦ୍ୟୋଗକୁ ଭିତ୍ତିଭୂମିର ମର୍ଯ୍ୟାଦା ସରକାର ପ୍ରଦାନ କରିଛନ୍ତି। ୨୦୧୮-୧୯ ବଜେଟରେ ସୁଲଭ ଆବାସିକ ପାଣ୍ଠି ଗଠନ କରାଯିବା ସହ ଜାତୀୟ ଆବାସିକ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଛି। ଏହା ଫଳରେ ଏହି ଉଦ୍ୟୋଗକୁ ଅର୍ଥ ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଏହାଛଡ଼ା ସରକାର ଏହି ଉଦ୍ୟୋଗକୁ ଆୟକର କ୍ଷେତ୍ରରେ କେତେକ ରିଆତି ପ୍ରଦାନ କରିଛନ୍ତି। ଘରୋଇ ଉଦ୍ୟୋଗକୁ ଏହି କ୍ଷେତ୍ର ପ୍ରତି ଆକର୍ଷିତ କରିବା ପାଇଁ ସରକାର ଆୟକର ଆଇନର ଧାରା 80-IBA ଅନୁସାରେ ଲାଭ ଉପରେ ଶତପ୍ରତିଶତ କରଛାଡ଼ କରିଛନ୍ତି।

ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା ଭଳି ଅତି ବୃହତାକାୟ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରୀତା ପାଇଁ ଆବଶ୍ୟକ ଦକ୍ଷ ନିୟନ୍ତ୍ରଣ ବ୍ୟବସ୍ଥା ଜରୁରୀ। ତା' ନ' ହେଲେ କାମ ସୁରୁଖୁରୁରେ ହେବନାହିଁ। ଏବେ ଏହା ରିୟଲ ଇଷ୍ଟେଟର ଅନ୍ତର୍ଭୁକ୍ତ ହୋଇଥିବାରୁ ଏ କ୍ଷେତ୍ରରେ ଅଧିକ ସତର୍କତା ଲୋଡ଼ା।

ଜମିଜମା, କୋଠାବାଡ଼ି କାରବାର ଆଜି କାଲିର ଭାଷାରେ ରିୟଲ ଇଷ୍ଟେଟ ବିଜିନେସ୍ ନାମରେ ପରିଚିତ। ଏହାର ଇତିହାସ ସହିତ କେତେକ ଅସୁନ୍ଦର କଥା ଜଡ଼ିତ। ଏହି ଉଦ୍ୟୋଗରେ ସାଧୁତାକୁ ଦଣ୍ଡିତ ଓ ଅସାଧୁତାକୁ ପୁରସ୍କୃତ କରାଯାଏ। ଏଠି ରାଜନୈତିକ ନେତା, ବ୍ୟୁରୋକ୍ରାଟ ଓ ବିଲଡର୍ ଅସାଧୁ ମେଣ୍ଟ କରି ଖେଳ ଖେଳନ୍ତି ଓ ବାଜି ଜିତନ୍ତି। ଘର କିଣିବାକୁ ଆଗ୍ରହୀ



ବ୍ୟକ୍ତିବିଶେଷଙ୍କୁ ଦୁର୍ନୀତିମୂଳକ କାମ ଓ ପ୍ରଥା ଅବଲମ୍ବନ କରିବାକୁ ବାଧ କରାଯାଏ। ଏହା ସତ୍ତ୍ୱେ ମଧ ଘର କିଣିବାକୁ ଆଗ୍ରହୀ ଲୋକଟିକୁ ଘର ନିଶ୍ଚିତ ମିଳିବାର କୌଣସି ଗ୍ୟାରେଣ୍ଟି ନ ଥାଏ। ଅସାଧୁତା ଓ ତଞ୍ଚକତାର ଏହି ସଂସ୍କୃତିର ଅବସାନ ଘଟାଇବା ଓ ଠକାମୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉଦ୍ଦେଶ୍ୟରେ ସରକାର ୨୦୧୬ର ରିୟଲ ଇଷ୍ଟେଟ ଆଇନ (ରେରା) ପ୍ରବର୍ତ୍ତନ କରିଛନ୍ତି। ଦେଶ ସ୍ୱାଧୀନତାର ୭୦ବର୍ଷ ପରେ ପ୍ରଥମ ଥର ପାଇଁ ଏଭଳି ଆଇନ ରିୟଲ ଇଷ୍ଟେଟ କ୍ଷେତ୍ରରେ ପ୍ରବର୍ତ୍ତନ କରାଯାଇଛି ଏହି ଆଇନର ବଡ଼ ଦିଗ ହେଲା ରିୟଲ ଇଷ୍ଟେଟ କ୍ଷେତ୍ରର ନିୟନ୍ତ୍ରଣ ପାଇଁ ଏକ ବିଧିସଂଗତ ନିୟନ୍ତ୍ରକ ବା ରେଗୁଲେଟର ବ୍ୟବସ୍ଥା କରାଯାଇଛି। ଏହା ଫଳରେ ଘର କିଣିବାକୁ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ କଷ୍ଟଲବ୍ଧ ଧନ ଆଉ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାର ଦୟା ଉପରେ ନିର୍ଭର କରିବ ନାହିଁ। ସେହିଭଳି ଦେବାଳିଆ ଓ ଋଣ ପରିଶୋଧର ଅକ୍ଷମତା (ଇନ୍‌ସଲ୍‌ଭେନ୍ସି ଓ ବ୍ୟାଙ୍କରପ୍‌ସି) ବିଧି ଇଚ୍ଛାକୃତ ଋଣ ଖିଲାପୀଙ୍କ ପାଇଁ କେତେକ କଠୋର ନୀତି ପ୍ରବର୍ତ୍ତନ କରିଛି। ଯାହା ଫଳରେ ସେମାନେ ଋଣ କରି ସହଜରେ ଖସି ଯାଇପାରିବେ ନାହିଁ। ଏହି ବିଧି ଅନୁସାରେ ଘର ଯୋଗାଇବାକୁ ଲୋକଙ୍କଠାରୁ ଅଗ୍ରୀମ ଅର୍ଥ ଆଦାୟ କରିଥିବା ବିଲଡର ବା ସଂସ୍ଥା ନିଜକୁ ଦେବାଳିଆ ଦେଖାଇ ଖସିଯାଇପାରିବେ ନାହିଁ। ଯେମିତି ହେଉ ଲୋକଙ୍କଠାରୁ ଦେଇଥିବା ଅଗ୍ରୀମ ଟଙ୍କା ସେମାନଙ୍କୁ ଫେରାଇବାକୁ ହେବ କିମ୍ବା ଘର ଦେବାକୁ ପଡ଼ିବ। ଏଭଳି ଆଇନଗତ ବ୍ୟବସ୍ଥା ଫଳରେ ରିୟଲ ଇଷ୍ଟେଟ ଓ ଆବାସିକ ଉଦ୍ୟୋଗରୁ ଦୁର୍ନୀତି ବହୁ ପରିମାଣରେ କମିଯିବ।

**ଉପସଂହାର:**

ଆକଳନ ଅନୁସାରେ ସହରାଞ୍ଚଳ ଆବାସ ଆବଶ୍ୟକତା ପୂରଣ ପାଇଁ ଭାରତକୁ ୨୦୩୦ ପର୍ଯ୍ୟନ୍ତ ପ୍ରତିବର୍ଷ ୭୦୦ ରୁ ୯୦୦ ନିୟୁତ ବର୍ଗମିଟରର ଆବାସିକ ଓ ବ୍ୟାବସାୟିକ ଘର ତିଆରି କରିବାକୁ ପଡ଼ିବ। ତେଣୁ ଏହି ହିସାବରେ ବର୍ତ୍ତମାନଠାରୁ ୨୦୩୦ ମଧ୍ୟରେ ଭାରତକୁ ପ୍ରତିବର୍ଷ ଚିକାଗୋ ସହର ଭଳି ଗୋଟିଏ ଗୋଟିଏ ନୂଆ ସହର ନିର୍ମାଣ କରିବାକୁ ପଡ଼ିବ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଏସବୁ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ସହରୀ ଆବାସ ନିର୍ମାଣ ଯୋଜନାର ପରିକଳ୍ପନା, ରୂପରେଖ, କାର୍ଯ୍ୟକାରିତା ଆଦିକୁ ଅତି ସତର୍କତାର ସହ ନିରୀକ୍ଷଣ କରିବାକୁ ହେବ। ଏଥିସହିତ



ସହରାୟନର ଅନ୍ୟାନ୍ୟ ଦିଗଗୁଡ଼ିକ ଉପରେ ମଧ୍ୟ ନଜର ଦେବାକୁ ପଡ଼ିବ। ଏବେ ଦେଶରେ ସ୍ୱଚ୍ଛଭାରତ ଯୋଜନା ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଶୌଚାଳୟ ବ୍ୟବହାର କରି ବାହାରେ ମଳତ୍ୟାଗ କରିବା ଅଭ୍ୟାସର ଅବସାନ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ତେବେ ଘରେ ଶୌଚାଳୟ ତିଆରି କରିଦେଲେ ଲକ୍ଷ୍ୟ ପୂରଣ ହେବନାହିଁ। ତାହାକୁ ବ୍ୟବହାର କରିବା ପାଇଁ ମାନସିକତା ଓ ଅଭ୍ୟାସରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏହି ଅଭ୍ୟାସ ପରିବର୍ତ୍ତନ ସବୁଠୁ ବଡ଼ ଆବଶ୍ୟକତା। ଏହି ଯୋଜନାରେ ୫୭ ଲକ୍ଷ ବ୍ୟକ୍ତିଗତ ଶୌଚାଳୟ, ୩.୮ଲକ୍ଷ ଗୋଷ୍ଠୀ ଶୌଚାଳୟ ଏବଂ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନାରେ ନିର୍ମିତ ହେବାକୁ ଥିବା ସବୁ ସୁଲଭ ଘରେ ପ୍ରାୟ ୪୭.୫ଲକ୍ଷ ଶୌଚାଳୟ ନିର୍ମାଣର ଲକ୍ଷ୍ୟ ରହିଛି। ଅମୃତ ଯୋଜନାରେ ଯେଉଁ ୫୦୦ସହରରେ ଜଳଯୋଗାଣ ବ୍ୟବସ୍ଥାରେ ଉନ୍ନତି ଅଣାଯାଉଛି ଥିରେ ସିଓରେଜ (ନାଳନର୍ଦ୍ଦମା)ର ବିକାଶ କାର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ। ଏହାଦ୍ୱାରା ସେସବୁ ସହରରେ ଲୋକଙ୍କ ଆବାସିକ ସ୍ଥିତିରେ ଅବଶ୍ୟ ଉନ୍ନତି ଘଟିବ। ସେହିଭଳି ସ୍ମାର୍ଟ ସିଟି ମିଶନରେ ଦେଶର ୯୯ଟି ସହରକୁ ଚିହ୍ନଟ କରାଯାଇ ସେସବୁର ବିକାଶ କରାଯିବ। ଏଥିରେ ମଧ୍ୟ ସହରାଞ୍ଚଳ ବସ୍ତି ଅଞ୍ଚଳର ବିକାଶ ସହ ଲୋକଙ୍କୁ ଶସ୍ତାରେ ଘର ଯୋଗାଇଦେବାର ବ୍ୟବସ୍ଥା ରହିଛି। ଅଧିକରୁ ଅଧିକ ଜନ ସହଯୋଗ ମିଳିଲେ ଏହି ଯୋଜନା କେବଳ ସଫଳ ହେବ ନାହିଁ, ଘର ନ ଥିବା ଲୋକେ ମଧ୍ୟ ଉପକୃତ ହେବେ ଏବଂ ସହରର ପରିବେଶରେ ଉନ୍ନତି ଆସିବ।

ଦେଶର ସହରାଞ୍ଚଳରେ ପରିବର୍ତ୍ତନର ଏକ ନୂଆ ଧାରା ସୃଷ୍ଟି କରି ସେଠାରେ ଉତ୍ତମ ପରିବେଶରେ ରହିବା ପାଇଁ ଦରିଦ୍ର ଓ ଆର୍ଥିକ ଅନଗ୍ରସର ଲୋକଙ୍କୁ ଶସ୍ତାରେ ଘର ଯୋଗାଇ ଦେବାକୁ ଯେଉଁ ପ୍ରୟାସ ଚାଲିଛି ତାହାର ପ୍ରଭାବ ସୁଦୂର ପ୍ରସାରୀ ହେବ ବୋଲି ଆଶା କରାଯାଏ। ଏହା ଫଳରେ ଦେଶର ସହରଗୁଡ଼ିକର ସ୍ଥିତିରେ ମଧ୍ୟ ଉନ୍ନତି ଘଟିବ।

ଭାରତୀୟମାନଙ୍କୁ 'ଭଲରେ ରହିବାର ସୁଯୋଗ' ଦେବା ଓ 'ସମସ୍ତଙ୍କ ସହିତ ସମସ୍ତଙ୍କର ବିକାଶ'- ପ୍ରଧାନମନ୍ତ୍ରୀଙ୍କ ଏହି ଦୁଇ ସ୍ଲୋଗାନକୁ ବାସ୍ତବରୂପ ଦେବାରେ ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏହି ଯୋଜନା ବିଶ୍ୱର ପ୍ରଥମ ଓ ଅନନ୍ୟ। ଏହାର ରୂପରେଖ ଓ ପରିସର ଅନୁମାନ କରିବାର ସୁଯୋଗ ଅନ୍ୟ ଦେଶ ଏ ଯାଏ ପାଇନାହାନ୍ତି। ଅତଏବ ସମସ୍ତଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗାଣର ପ୍ରୟାସ ଏକ ଭାରତୀୟ ଆଦର୍ଶ ବା ମଡେଲ ଭାବେ ଆତ୍ମପ୍ରକାଶ କରୁଛି। ଏହାର ସଫଳତା ସମଗ୍ର ବିଶ୍ୱର ସହରାଞ୍ଚଳ ଆବାସିକ ସମସ୍ୟାର ସମାଧାନ ପାଇଁ ଉଭୟ ତତ୍ତ୍ୱ ଓ ବ୍ୟାବହାରିକ ଦୃଷ୍ଟିରୁ ଏକ ପରୀକ୍ଷିତ ସତ୍ୟ ଭାବେ ଗୃହୀତ ହେବ।

**ଲେଖକ ଭାରତ ସରକାରଙ୍କ ସହରାଞ୍ଚଳ ବିକାଶ ମନ୍ତ୍ରୀ।**

# ୧୦୦୦ ଦିବସରେ ୧୦୦ ପ୍ରତିଶତ ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣର ଯାତ୍ରା

ଏ କେ ଭାଲ୍ଲା

ଆମ ସମସ୍ତଙ୍କ ପାଇଁ ବିଦ୍ୟୁତ୍ ଶକ୍ତି ଏକ ମୌଳିକ ଆବଶ୍ୟକତା। ଏକବିଂଶ ଶତାବ୍ଦୀରେ ବିଜୁଳି ଶକ୍ତି ବିନା ଏକ ଦୃଶ୍ୟର କଳ୍ପନା କରନ୍ତୁ। ସମସ୍ତଙ୍କ ପାଇଁ ବିଜୁଳି ଶକ୍ତି ଉପଲବ୍ଧତାକୁ ସୁନିଶ୍ଚିତ କରାଇବା ସରକାରଙ୍କର ଏକ ବହୁଆକାଂକ୍ଷିତ ଲକ୍ଷ୍ୟ ହୋଇ ରହି ଆସିଛି ଏବଂ ଏ ଦିଗରେ ଅନେକଗୁଡ଼ିଏ ଉଦ୍ୟମ କରାଯାଇ ଅଛି। ୨୦୧୫ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଦିବସ ଅବସରରେ ଲାଲ୍‌କିଲ୍ଲାରେ ଜାତି ଉଦ୍ଦେଶ୍ୟରେ ଭାଷଣ ଦେବା ସମୟରେ ମାନ୍ୟବର ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ଦେଶର ବିଜୁଳି ଶକ୍ତି ନଥିବା ଅବଶିଷ୍ଟ ୧୮,୫୦୦ ପାଖାପାଖି ଗ୍ରାମକୁ ଆସନ୍ତା ୧୦୦୦ ଦିନ ମଧ୍ୟରେ ବିଦ୍ୟୁତୀକରଣ କରାଯିବ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏହିସବୁ ଅବଶିଷ୍ଟ ଗ୍ରାମକୁ ବିଦ୍ୟୁତ୍ ଶକ୍ତି ସଂଯୋଗର କାର୍ଯ୍ୟ ଶେଷ କରିବାର କାର୍ଯ୍ୟ/ ଦାୟିତ୍ୱ ଶକ୍ତି ମନ୍ତ୍ରଣାଳୟ ଉପରେ ନ୍ୟସ୍ତ କରାଗଲା। ତେବେ ଏଭଳି ଏକ ଆହ୍ୱାନମୂଳକ କାର୍ଯ୍ୟ ନିମନ୍ତେ ପ୍ରଥମ କାର୍ଯ୍ୟ ଥିଲା ଏହାକୁ ମାପ ବା ଆକଳନ କରିବା। ମ୍ୟାନେଜ୍‌ମେଣ୍ଟ୍ ବା ପରିଚାଳନା ଶାସ୍ତ୍ରରେ କୁହାଯାଏ, 'କୌଣସି କାର୍ଯ୍ୟକୁ ଯଦି ମାପ ବା ଆକଳନ କରି ପାରିବ ନାହିଁ, ତା'ହେଲେ ତୁମେ ତାହାକୁ ପରିଚାଳନା କରି ପାରିବ ନାହିଁ।' ଗ୍ରାମାଞ୍ଚଳରେ ପ୍ରଶାସନିକ ୟୁନିଟ୍ ବା ଏକକର ପ୍ରାଥମିକ ଚିହ୍ନଟକରଣ ହେଉଛି ଏକ ସେନ୍‌ସସ୍ ବା ଜନସଂଖ୍ୟା ଗ୍ରାମ ଏବଂ ସେଥିପାଇଁ ସବୁ ଜନସଂଖ୍ୟା ଗ୍ରାମରେ ବିଜୁଳି ଶକ୍ତି ଉପଲବ୍ଧ କରାଇବା ସମ୍ବନ୍ଧରେ ନିଶ୍ଚିତ ହେବା ଅର୍ଥାତ୍ ୧୦୦ ପ୍ରତିଶତ ଗ୍ରାମାଞ୍ଚଳ ବିଦ୍ୟୁତୀକରଣ ସମସ୍ତଙ୍କ ପାଇଁ ବିଜୁଳି ଶକ୍ତି ଉପଲବ୍ଧ କରାଇବା ଦିଗରେ ପ୍ରଥମ ପଦକ୍ଷେପ ହେଲା। ବିଜୁଳି ଶକ୍ତି ଉପଲବ୍ଧତା ବ୍ୟତୀତ ଶକ୍ତି ଯୋଗାଣର ଗୁଣାତ୍ମକ ମାନ ଏବଂ ଭରସା ବା ନିର୍ଭରଯୋଗ୍ୟତା, ବିଶେଷକରି ଗ୍ରାମାଞ୍ଚଳମାନଙ୍କରେ, ହେଉଛି ସବୁ ଲୋକଙ୍କର ଆଶାକୁ ପୂରଣ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ତେଣୁ ଗ୍ରାମାଞ୍ଚଳଗୁଡ଼ିକରେ ଶକ୍ତି ବଣ୍ଟନର ସମସ୍ତ ଦିଗକୁ ନେଇ 'ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା' (ଡିଡିୟୁଜିଜେୱାଇ) ନାମରେ ଏକ ସମନ୍ୱିତ ଯୋଜନା ପ୍ରସ୍ତୁତ କରାଗଲା ଏବଂ ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ଭାରତ ସରକାରଙ୍କ ଦ୍ୱାରା ତାହାର ଶୁଭାରମ୍ଭ କରାଗଲା।

ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା (ଡିଡିୟୁଜିଜେୱାଇ)


ଏହି ଯୋଜନାରେ (୧) ବିଦ୍ୟୁତୀକରଣ ହୋଇ ନଥିବା ସବୁ ଗ୍ରାମର ବିଦ୍ୟୁତୀକରଣ, (୨) ସବୁ ଘର ବା ପରିବାରମାନଙ୍କୁ ବିଜୁଳି ବ୍ୟବହାରର ସୁଯୋଗ ପ୍ରଦାନ ନିମନ୍ତେ ବିଦ୍ୟୁତୀକରଣ ହୋଇ ସାରିଥିବା ଗ୍ରାମମାନଙ୍କରେ ସଘନ ବିଦ୍ୟୁତୀକରଣ, (୩) ଶକ୍ତି ଯୋଗାଣର ମାନରେ ଉନ୍ନତି ତଥା ନିର୍ଭରଯୋଗ୍ୟତାକୁ ବଢ଼ାଇବା ପାଇଁ ଉପ- ପରିବହନ ଏବଂ ବଣ୍ଟନ ଭିତ୍ତିଭୂମିର ଦୃଢ଼ୀକରଣ ଓ ଉନ୍ନତିକରଣ, (୪) କୃଷକମାନଙ୍କୁ ଶକ୍ତି ଯୋଗାଣ ସୁନିଶ୍ଚିତ କରାଇବା ପାଇଁ ଫିଡରର ପୃଥକୀକରଣ ଏବଂ (୫) ଶକ୍ତି ଯାଞ୍ଚ ଓ କ୍ଷତି ହ୍ରାସ କରିବା ନିମନ୍ତେ ଫିଡର, ବଣ୍ଟନ ଟ୍ରାନ୍ସଫର୍ମର ଏବଂ ଉପଭୋକ୍ତାମାନଙ୍କ ଘରେ

ମିଟର ସଂଯୋଗୀକରଣ। ପୂର୍ବରୁ ପ୍ରଚଳିତ ଗ୍ରାମ୍ୟ ବିଦ୍ୟୁତୀକରଣ ଯୋଜନାକୁ ଡିଡିୟୁଜିଜେୱାଇରେ ଏକ ଅଲଗା ଗ୍ରାମାଞ୍ଚଳ ବିଦ୍ୟୁତୀକରଣ ଉପାଦାନ ଭାବରେ ମିଶ୍ରଣ କରି ଦିଆଗଲା।

ଯୋଜନାର ମୋଟ ବ୍ୟୟ ଅଟକଳ ହେଉଛି ୭୫,୮୯୩ କୋଟି ଟଙ୍କା ଯେଉଁଥିରେ ଭାରତ ସରକାରଙ୍କର ହାରାହାରି ବଜେଟ୍ ସହାୟତା ହେଉଛି ୬୩,୦୨୭ କୋଟି ଟଙ୍କା। ଯୋଜନା ଅଧୀନରେ ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡ଼ିକ କାର୍ଯ୍ୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ରହିଛି।

୧୦୦ ପ୍ରତିଶତ ଗ୍ରାମ୍ୟ ବିଦ୍ୟୁତୀକରଣ ନିମନ୍ତେ ଯୋଜନା ଏବଂ କୌଶଳ ସମସ୍ତ ଅଣବିଦ୍ୟୁତୀକରଣ ଗ୍ରାମଗୁଡ଼ିକର ବିଦ୍ୟୁତୀକରଣ କାର୍ଯ୍ୟକୁ ଏକ ମିଶନ ଭାବରେ ଡିଡିୟୁଜିଜେୱାଇ ଯୋଜନା ଅଧୀନରେ ଗ୍ରହଣ କରାଯାଇଥିଲା। ୨୦୧୫- ୧୬ର ତିନିବର୍ଷ ପୂର୍ବରୁ ଗ୍ରାମାଞ୍ଚଳ ବିଦ୍ୟୁତୀକରଣର ଗତି ଆପାତତଃ ଧୀମା ରହିଥିଲା (୨୦୧୨- ୧୩: ୨୫୮୭, ୨୦୧୩- ୧୪: ୧୧୯୭, ୨୦୧୪- ୧୫: ୧୪୦୫) ଯେଉଁଥିରୁ ବୁଝି ହେଉଥିଲା ଯେ ଚିରାଚରିତ ଧାରାରେ ଯଦି କାର୍ଯ୍ୟ ଚାଲୁ ରୁହେ, ତା'ହେଲେ ଗ୍ରାମ୍ୟ ବିଦ୍ୟୁତୀକରଣ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ଶେଷ ହେବାକୁ ଆହୁରି ୧୦ ବର୍ଷ ସମୟ ଲାଗି ଯାଇଥାନ୍ତା। ତେଣୁ ବର୍ତ୍ତମାନର ପରିସ୍ଥିତିକୁ ବୁଝିବା ପାଇଁ, ସମ୍ବଳର ଉପଲବ୍ଧତା, ପ୍ରଗତିର ଗତିକୁ ଅଧିକ ବଢ଼ାଇବା ନିମନ୍ତେ ସମ୍ଭାବ୍ୟ ପ୍ରତିଷେଧକମୂଳକ ବ୍ୟବସ୍ଥା, ନିରୀକ୍ଷଣ ପ୍ରକ୍ରିୟା ଇତ୍ୟାଦି ସମ୍ବନ୍ଧରେ ସମସ୍ତ ପକ୍ଷଙ୍କ ସହିତ ବିଶଦ ଭାବରେ ପରାମର୍ଶ କରାଗଲା ଏବଂ ଏହା ନୂଆ ନୂଆ ଧାରଣା, କୌଶଳ ଓ ଆଭିମୁଖ୍ୟ ପ୍ରଦାନ କଲା। ଏଗୁଡ଼ିକ ବସ୍ତୁତଃ ନିମ୍ନୋକ୍ତ ପ୍ରସଙ୍ଗଗୁଡ଼ିକୁ ଅନ୍ତର୍ଭୁକ୍ତ କରୁଥିଲା:

(୧) ଜନଗଣନା ୨୦୧୧ କୋଡ୍ ଗ୍ରାମଗୁଡ଼ିକର ଉପଯୁକ୍ତ ଚିହ୍ନଟୀକରଣ: ୨୦୧୧ ଜନଗଣନା କୋଡ୍ ଅନୁସାରେ ବଳିଷ୍ଠ ଯୋଜନା



କରିବା ନିମନ୍ତେ ସଠିକ୍ ଭାବରେ ଗ୍ରାମର ନାମ, ଭୌଗୋଳିକ ଅବସ୍ଥିତି, ଜନସଂଖ୍ୟାର ପ୍ରତ୍ୟେକଟି ଅଂଶ ଇତ୍ୟାଦି ଜାଣିବା ପାଇଁ ସବୁ ରାଜ୍ୟଙ୍କୁ ବିଦ୍ୟୁତୀକରଣ ହୋଇ ନଥିବା ଅବଶିଷ୍ଟ ରାଜ୍ୟମାନଙ୍କୁ ଚିହ୍ନଟ କରିବାକୁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପୂର୍ବରୁ ସାଧାରଣତଃ ଗ୍ରାମମାନଙ୍କ ସଂଖ୍ୟା ଅନୁସାରେ ପ୍ରଗତିକୁ ମାପ କରାଯାଉଥିଲା।

(୨) ଦୁର୍ଗମ/ ବିଦ୍ୟୁତ୍ ଶକ୍ତି ପହଞ୍ଚି ନଥିବା ଗ୍ରାମମାନଙ୍କ ପାଇଁ ସୌରଶକ୍ତି ପରିଚାଳିତ ପିଭିଭିତ୍ତିକ ଗ୍ରୀଡ୍- ବିହୀନ (ଅଫ୍- ଗ୍ରୀଡ୍) ସମାଧାନ: ଲକ୍ଷ୍ୟ କରାଗଲା ଯେ ଏହି ଅବଶିଷ୍ଟ ବିଦ୍ୟୁତୀକରଣ ହୋଇ ନଥିବା ଗ୍ରାମମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରାମ ଦୁର୍ଗମ ଅଞ୍ଚଳମାନଙ୍କରେ ଅବସ୍ଥିତ, ବରଫ ପରିବେଷ୍ଟିତ ପାହାଡ଼ ପର୍ବତ ବା ଘଞ୍ଚ ଜଙ୍ଗଲ ଏବଂ ବାମପନ୍ଥୀ ଚରମପନ୍ଥୀ ପ୍ରଭାବିତ ଅଞ୍ଚଳ ଇତ୍ୟାଦିରେ। ଏହି ଗ୍ରାମମାନଙ୍କରେ ପହଞ୍ଚିବା, ସାମଗ୍ରୀଗୁଡ଼ିକର ପରିବହନ ତଥା ବିଦ୍ୟୁତ ଶକ୍ତି ଯୋଗାଇବା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ କରିବା ବାସ୍ତବରେ ଏକ ଆହ୍ୱାନ ଥିଲା। ତେଣୁ ସ୍ଥିର କରାଗଲା ଯେ ଯଦି କୌଣସି ଗ୍ରାମକୁ ଗ୍ରୀଡ୍ ସମ୍ପ୍ରସାରଣ ସମ୍ଭବପର ନହେବ କି କମ୍ ବ୍ୟୟସାପେକ୍ଷ ନହେବ, ତା'ହେଲେ ସେହିସବୁ ଗ୍ରାମକୁ ଗ୍ରୀଡ୍- ବିହୀନ ସୋଲାର ଫଟୋଭୋଲ୍‌ଟାଇକ୍‌ଭିତ୍ତିକ ସମାଧାନର ମାଧ୍ୟମ ବ୍ୟବହାର କରି ବିଦ୍ୟୁତୀକରଣ କରାଯିବ। ତଦନୁଯାୟୀ ଡିଡିୟୁଜିଜେୱାଇ ଅଧୀନରେ ଗ୍ରୀଡ୍- ବିହୀନ ଗ୍ରାମମାନଙ୍କ ପାଇଁ ପ୍ରକଳ୍ପଗୁଡ଼ିକୁ ମଧ୍ୟ ଅନୁମୋଦନ କରାଗଲା।

(୩) ସାଧାରଣ ମାନକବିଶିଷ୍ଟ ନିଲାମି କାଗଜପତ୍ର ପ୍ରସ୍ତୁତ କରାଗଲା ଏବଂ ଇ- ଟେଣ୍ଡର ଉପରେ ଧ୍ୟାନ ଦିଆଗଲା।

(୪) ଅଭିନବ ପାଣ୍ଠି ବ୍ୟବସ୍ଥା: କାମର ଗତି ବଢ଼ିବା ସଙ୍ଗେ ସଙ୍ଗେ ରାଜ୍ୟମାନଙ୍କୁ ଯୋଜନା ଅଧୀନରେ ପାଣ୍ଠି ଉପଲବ୍ଧ କରାଇବା ସମ୍ବନ୍ଧରେ ସୁନିଶ୍ଚିତ ହେବାର ଆବଶ୍ୟକତା ଥିଲା। ବଜେଟ୍ ସହାୟତା ବ୍ୟତୀତ ଅର୍ଥ ମନ୍ତ୍ରଣାଳୟ ମଧ୍ୟ ଶକ୍ତି ମନ୍ତ୍ରଣାଳୟକୁ ଖୋଲା ବଜାରରୁ ଆର୍ଥିକ ସଂସ୍ଥା ଯଥା ପାୱାର୍ ଫାଇନାନ୍‌ସ୍ କର୍ପୋରେସନ୍ (ପିଏଫ୍‌ସି) ଏବଂ ରୁରାଲ୍ ଇଲେକ୍ଟ୍ରିଫିକେସନ୍ କର୍ପୋରେସନ୍ (ଆରଇସି)ଙ୍କ ଜରିଆରେ ବଣ୍ଡ୍ ରୂପରେ ଟଙ୍କା ଉଠାଇବାକୁ ଅନୁମତି ପ୍ରଦାନ କଲା ଯଦ୍ଦ୍ୱାରା କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ରାଜ୍ୟମାନଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଉପଲବ୍ଧ ହେବ।

ଅତିରିକ୍ତ ବଜେଟ୍ ସମ୍ବଳ (ଇବିଆର୍) ଭାବରେ ଗତ ଦୁଇବର୍ଷ ମଧ୍ୟରେ ୯୦୦୦ କୋଟି ଟଙ୍କା ସୃଷ୍ଟି କରାଯାଇ ପାରିଥିଲା।

(୫) କାର୍ଯ୍ୟ ସମ୍ପାଦନ ପାଇଁ ରାଜ୍ୟମାନଙ୍କୁ ନମନୀୟତା: ବିବିଧତାଭରା ଭୌଗୋଳିକ, ଜନସଂଖ୍ୟାଭିତ୍ତିକ ତଥା ଅନ୍ୟାନ୍ୟ ଅବସ୍ଥାକୁ ବିଚାରକୁ ନେଇ ଅନୁଭବ କରାଗଲା ଯେ ସବୁ ରାଜ୍ୟ ବା ଅଞ୍ଚଳ ପାଇଁ ଗୋଟିଏ ପ୍ରକାରର ଯୋଜନା ଫଳପ୍ରଦ ହେଇ ନପାରେ ଏବଂ ସେଥିପାଇଁ ରାଜ୍ୟମାନଙ୍କୁ ଯେଉଁଟି ସୁବିଧାଜନକ ହେବ, ସେହି ଅନୁସାରେ ପ୍ରସ୍ତୁତ ହୋଇ ରହିଥିବା ପ୍ରକଳ୍ପ/ ଆଂଶିକ ଭାବେ ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ/ ବିଭାଗୀୟ ଢାଞ୍ଚାରେ କାର୍ଯ୍ୟ କରିବାକୁ ନମନୀୟତା ପ୍ରଦାନ କରାଗଲା।

(୬) ହାତଧରି ଚଲାଇବା ରାଜ୍ୟ (ହ୍ୟାଣ୍ଡହୋଲ୍ଡିଂ ଷ୍ଟେଟ୍ସ)/ ଡିସ୍କମ୍ସ: ଯେଉଁଠାରେ ଆବଶ୍ୟକ ହେଉଥିଲା, ସେଠାରେ ରାଜ୍ୟମାନଙ୍କୁ/ ଡିସ୍କମ୍ମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଉଥିଲା। ପ୍ରାୟ ସବୁ ରାଜ୍ୟରେ ନୋଡାଲ ଏଜେନ୍ସି ବା ଶୀର୍ଷସ୍ତରୀୟ ସଂସ୍ଥା ସେମାନଙ୍କର କାର୍ଯ୍ୟାଳୟ ଖୋଲିଥିଲେ, ଦୈନନ୍ଦିନ ଭିତ୍ତିରେ ରାଜ୍ୟ କର୍ମଚାରୀମାନଙ୍କ ସହିତ ଭାବ ବିନିମୟ ପାଇଁ ଏହାର ବରିଷ୍ଠ ଅଧିକାରୀମାନଙ୍କୁ ନିଯୋଗ କରାଇଥିଲେ ଏବଂ କାର୍ଯ୍ୟଗୁଡ଼ିକୁ ସଂଗଠିତ ତଥା ସମ୍ପନ୍ନ କରାଇବାରେ ସହାୟତା ପ୍ରଦାନ କରିଥିଲେ। ରାଜ୍ୟ ଡିସ୍କମ୍ (ଡିଆଇଏସ୍ସିଓଏମ୍)/ ଶକ୍ତି ବିଭାଗକୁ ଶକ୍ତିଶାଳୀ କରାଇବା ତଥା ସେମାନଙ୍କର ସାମର୍ଥ୍ୟ ବୃଦ୍ଧି କରିବା ନିମନ୍ତେ ଆରଇସି ବ୍ଲକ୍/ ଜିଲ୍ଲା ସ୍ତରରେ ଗ୍ରାମ ବିଦ୍ୟୁତ୍ ଅଭିଯାତ୍ରୀମାନଙ୍କୁ ସେମାନଙ୍କ ନିରୀକ୍ଷଣ ଓ କାର୍ଯ୍ୟକ୍ରମର ତ୍ୱରିତ ରୂପାୟନରେ ସାହାଯ୍ୟ କରିବା ପାଇଁ ନିଯୁକ୍ତ କଲେ। ଏହିସବୁ ଜିଭିଏମାନେ ସ୍ଥାନୀୟ ଅଞ୍ଚଳଗୁଡ଼ିକର ଗ୍ରାଜୁଏଟ୍ ଇଞ୍ଜିନିୟର ଯେଉଁମାନେ କି ଡିସ୍କମ୍କୁ ବ୍ୟାପକ ଭାବରେ କ୍ଷେତ୍ର ନିରୀକ୍ଷଣ କାର୍ଯ୍ୟରେ ସହାୟତା କଲେ।

(୭) ମାଇଲଷ୍ଟୋନ୍ଭିତ୍ତିକ ନିରୀକ୍ଷଣ: ଗ୍ରାମ୍ୟ ବିଦ୍ୟୁତୀକରଣର ସମଗ୍ର ପ୍ରକ୍ରିୟାକୁ ନିରୀକ୍ଷଣ ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ସାରଣୀ ଏବଂ ପ୍ରଗତିକୁ ବଜାୟ ରଖିବା ନିମନ୍ତେ ୧୨ ଗୋଟି ପର୍ଯ୍ୟାୟ/ ମାଇଲଷ୍ଟୋନ୍ରେ ବିଭାଜିତ କରାଯାଇଥିଲା। ଏହି ମାଇଲଷ୍ଟୋନ୍ ମଧ୍ୟରେ ସମସ୍ତ ପ୍ରକ୍ରିୟା ଅନ୍ତର୍ଭୁକ୍ତ ଥିଲା ଯାହା ମଧ୍ୟରେ ରହିଥିଲା କାର୍ଯ୍ୟ ପ୍ରଦାନ, ସର୍ବେକ୍ଷଣ ବା ସର୍ଭେ, ସାମଗ୍ରୀ ଆହରଣ, କର୍ମସ୍ଥଳୀରେ ସାମଗ୍ରୀ ପହଞ୍ଚାଇବା, ଭିତ୍ତିଭୂମି ପାଇଁ କାର୍ଯ୍ୟ (ଗାତ ଖୋଳିବା) ଏବଂ ତାକୁ ସମାପ୍ତ କରିବା ଏବଂ ଶକ୍ତି ଯୋଗାଣ ଇତ୍ୟାଦି। ପ୍ରକଳ୍ପର ପରିସମାପ୍ତି ଏବଂ ଗ୍ରାମମାନଙ୍କୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା କାର୍ଯ୍ୟ ସମ୍ପନ୍ନ ହୋଇଥିବା ସମ୍ବନ୍ଧରେ ନିଶ୍ଚିତ ହେବା ପାଇଁ ପ୍ରକଳ୍ପ ପରିଚାଳନା କାର୍ଯ୍ୟର ସମସ୍ତ ଉପକରଣଗୁଡ଼ିକର କଠୋର ଭାବରେ ଉପଯୋଗ କରାଯାଇଥିଲା।

(୮) ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ: କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଥିବା ସମ୍ବନ୍ଧରେ ନିଶ୍ଚିତ ହେବା ପାଇଁ ତଥା ଏହିସବୁ ଗ୍ରାମର ବିଦ୍ୟୁତୀକରଣର ପ୍ରକ୍ରିୟା ଏବଂ ପ୍ରଗତି ସମ୍ପର୍କରେ ସମସ୍ତ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରିବା ନିମନ୍ତେ ମୋବାଇଲ୍ ଆପ୍ 'ଗର୍ବ'ର ଶୁଭାରମ୍ଭ କରାଗଲା। ସର୍ବସାଧାରଣଙ୍କ ସମ୍ମୁଖରେ ସୂଚନାର ଆବଣ୍ଟନ ସମଗ୍ର ବ୍ୟବସ୍ଥାରେ ମଧ୍ୟ ଏକ ସମ୍ପ୍ରସାରିତ ଉତ୍ତରଦାୟିତ୍ୱର ପରିବେଶ ସୃଷ୍ଟି କଲା।

(୯) ନିୟମିତ ସମୀକ୍ଷା ଏବଂ ନିରୀକ୍ଷଣ: କେନ୍ଦ୍ର ସରକାର ତଥା ରାଜ୍ୟ ଏବଂ ଡିସ୍କମ୍ ସ୍ତରରେ ସମୀକ୍ଷା ଏବଂ ନିରୀକ୍ଷଣ ନିମନ୍ତେ ଏକ ନିୟମିତ ସମୀକ୍ଷ ଓ ନିରୀକ୍ଷଣ ବ୍ୟବସ୍ଥା ପ୍ରତିଷ୍ଠା କରାଗଲା। ଉତ୍ତମ ସଂଯୋଜନା ଏବଂ ପ୍ରକଳ୍ପ ପରିଚାଳନା ନିମନ୍ତେ ଆଞ୍ଚଳିକ ସମୀକ୍ଷା ବୈଠକଗୁଡ଼ିକ ମଧ୍ୟ ସମ୍ପନ୍ନ କରାଗଲା। କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟର ପ୍ରଗତିକୁ ପ୍ରତିହତ କରୁଥିବା ପ୍ରସଙ୍ଗଗୁଡ଼ିକ ଏହିସବୁ ସମୀକ୍ଷା ବୈଠକରେ ଉପସ୍ଥାପନ କରାଗଲା ଏବଂ ସେଗୁଡ଼ିକର ଯେତେ ଶୀଘ୍ର ସମ୍ଭବ ସମାଧାନ କରାଗଲା।

**ପ୍ରଗତି:**

ରାଜ୍ୟମାନେ ଉପରୋକ୍ତ ରଣକୌଶଳ ଅନୁସାରେ କାର୍ଯ୍ୟାନ୍ୱୟନ କଲେ ଏବଂ ଏକ ସୁଚିନ୍ତିତ ସମବାୟଭିତ୍ତିକ ଯୋଜନା ଓ କୌଶଳ କାର୍ଯ୍ୟାରମ୍ଭର ପ୍ରଥମ ବର୍ଷରେ ପରିଦୃଶ୍ୟ ହେଲା। ପୂର୍ବ ବର୍ଷମାନଙ୍କ ତୁଳନାରେ ୨୦୧୫-୧୬ରେ ଗ୍ରାମ୍ୟ ବିଦ୍ୟୁତୀକରଣ କ୍ଷେତ୍ରରେ ପ୍ରଗତି ଯଥେଷ୍ଟ ଉନ୍ନତି କଲା (୭୧୦୮ ଗ୍ରାମ ବିଦ୍ୟୁତୀକରଣ ହେଲା) ଏବଂ ଏହା ପୂର୍ବ ତିନି ବର୍ଷରେ ସନ୍ତୁଷ୍ଟ ରହିବା ଭଳି ପ୍ରଗତି ତୁଳନାରେ ଯଥେଷ୍ଟ ଅଧିକ ଥିଲା। (୨୦୧୨-୧୩: ୨୫୮୭, ୨୦୧୩-୧୪: ୧୧୯୭, ୨୦୧୪-୧୫: ୧୪୦୫)

**ପର୍ଯ୍ୟାୟଭିତ୍ତିକ ପ୍ରଗତି ନିମ୍ନମତେ ଥିଲା:**

| ଘୋଷଣା କରାଯିବାଠାରୁ ଦିନର ସଂଖ୍ୟା | ବିଦ୍ୟୁତୀକରଣ ହୋଇଥିବା ଗ୍ରାମ |
|---|---|
| ୨୦୦ | ୬୦୨୧ |
| ୪୦୦ | ୧୦,୨୩୩ |
| ୬୦୦ | ୧୩,୧୭୪ |
| ୮୦୦ | ୧୪,୭୦୧ |
| ୧୦୦୦ | ୧୮,୪୫୨ |

*୧,୨୭୧ ଗ୍ରାମରେ କେହି ବାସ କରୁନଥିବା କିମ୍ବା ଗୋଚର ଜମି ପାଇଁ ସଂରକ୍ଷିତ ରହିଥିବା ଜଣା ପଡ଼ିଥିଲା।

**କାର୍ଯ୍ୟାନ୍ୱୟନ ନିମନ୍ତେ ଆହ୍ୱାନ ସମୂହ ଏବଂ ପ୍ରତିଷେଧକାତ୍ମକ ପଦକ୍ଷେପ:**

ଉଲ୍ଲେଖଯୋଗ୍ୟ ଯେ ଏହିସବୁ ଅବଶିଷ୍ଟ ଗ୍ରାମମାନଙ୍କ ମଧ୍ୟରୁ ଅନେକଗୁଡ଼ିଏ ଦୁର୍ଗମ ତଥା ପାହାଡ଼ ପର୍ବତପୂର୍ଣ୍ଣ, ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଅଗମ୍ୟ, ବାମପନ୍ଥୀ ଚରମବାଦ ଅଞ୍ଚଳମାନଙ୍କରେ ଥିଲା ଯେଉଁଠି ପହଞ୍ଚିବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା। ଏଣୁ ଗ୍ରାମ୍ୟ ବିଦ୍ୟୁତୀକରଣ କାର୍ଯ୍ୟକ୍ରମର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ଏସବୁ ଆହ୍ୱାନକୁ ଅତିକ୍ରମ କରିବା ଯାହାକି ସ୍ୱାଧୀନତାର ଅନେକ ବର୍ଷ ପରେ ସୁଦ୍ଧା ଦେଶର ଗରିବ ଲୋକମାନଙ୍କୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ ରୂପେ ଉଭା ହୋଇଥିଲା। କାମ ଆଗେଇ ଚାଲିବା ସହିତ ଅସୁବିଧାର ସ୍ତର ଆହୁରି ବଢ଼ି ଚାଲିଲା। ଯେଉଁସବୁ ପ୍ରମୁଖ ଆହ୍ୱାନ ଏ କ୍ଷେତ୍ରରେ ଦେଖା ଦେଇଥିଲା ସେଗୁଡ଼ିକ ହେଉଛି:

ପାରମ୍ପରିକ ଗ୍ରୀଡ୍ ବ୍ୟବସ୍ଥା ପ୍ରଦାନ କରିବା ନିମନ୍ତେ ଉପଲବ୍ଧ କରାଇବା କ୍ଷେତ୍ରରେ ଅସୁବିଧା ଏବଂ ସେଥିପାଇଁ ଅଯୋଗ୍ୟ: ୨,୭୬୨ ଗ୍ରାମ

କଷ୍ଟସାଧ୍ୟ ପାହାଡ଼ିଆ ଅଞ୍ଚଳ: ୨୪୫ ଗ୍ରାମ (ଜାମ୍ମୁ- କାଶ୍ମୀର- ୫୪, ଅରୁଣାଚଳ ପ୍ରଦେଶ- ୧୮୨, ମେଘାଳୟ- ୯)

୧- ୧୦ ଦିନଠାରୁ ଅଧିକ ପର୍ଯ୍ୟନ୍ତ ସାମଗ୍ରୀକୁ ମୁଣ୍ଡରେ ମୁଣ୍ଡେଇ ନେବା: ୧୦୨ ଗ୍ରାମ (ଅରୁଣାଚଳ- ୯୦, ମଣିପୁର- ୧୨)

ଚପର ବା ହେଲିକପ୍ଟର ଦ୍ୱାରା ସାମଗ୍ରୀ ପରିବହନ: ୫୧ ଗ୍ରାମ (ଜାମ୍ମୁ- କାଶ୍ମୀର- ୩୫, ଅରୁଣାଚଳ ପ୍ରଦେଶ- ୧୬)

ବାମପନ୍ଥୀ ଚରମ ପନ୍ଥା (ଏଲ୍‌ଡବ୍ଲ୍ୟୁଇ) କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ ଗ୍ରାମ: ୭,୬୧୪ ଗ୍ରାମ (ବିହାର- ୧୦୪୪, ଝାଡ଼ଖଣ୍ଡ- ୨୪୭୮, ଛତିଶଗଡ଼- ୧୦୫୧, ମଧ୍ୟପ୍ରଦେଶ- ୧୪, ଓଡ଼ିଶା- ୩୦୨୭)



ଜଙ୍ଗଲ ଅନୁମୋଦନ: ୪୧୫ ଗ୍ରାମ (ଝାଡ଼ଖଣ୍ଡ- ୧୫୫, ଉତ୍ତରାଖଣ୍ଡ- ୨୩, ଓଡ଼ିଶା- ୪୫, ଆସାମ- ୩୨, ମଧ୍ୟପ୍ରଦେଶ- ୧୬୦)

ରେଳବାଇ ଅନୁମୋଦନ: ୩୮ ଗ୍ରାମ (ବିହାର- ୩୭ ଏବଂ ଆସାମ- ୧)

ନିମ୍ନରେ ପ୍ରଦତ୍ତ ଫଟୋଗୁଡ଼ିକ ଉପରୋକ୍ତ ବର୍ଣ୍ଣନାର ଏକ ପ୍ରତୀକାତ୍ମକ ଚିତ୍ର:

ଏହି କାର୍ଯ୍ୟର ବହୁମୁଖୀତାକୁ ଏହାଦ୍ୱାରା କଳନା କରାଯାଇ ପାରିବ ଯେ କାର୍ଯ୍ୟ ସମ୍ପାଦନ କରାଯିବା ପ୍ରକ୍ରିୟାରେ ୯ ଗୋଟି ରାଜ୍ୟ ଜଣାଇଲେ ଯେ ଆହୁରି ୧୨୨୭ଟି ଜନଗଣନା ଗ୍ରାମ ରହିଛି ଯାହାକୁ ସେମାନେ ବିଦ୍ୟୁତୀକରଣ ନହୋଇଥିବା ପାଇଛନ୍ତି। ସେଭଳି ଗ୍ରାମଗୁଡ଼ିକର ବିଦ୍ୟୁତୀକରଣ କାର୍ଯ୍ୟକ୍ରମକୁ ମଧ୍ୟ ତୁରନ୍ତ ହାତକୁ ନିଆ ଯାଇଥିଲା। ଏଗୁଡ଼ିକ ମଧ୍ୟରୁ ୧୧୯୩ ଗ୍ରାମକୁ ବିଦ୍ୟୁତୀକରଣ କରାଯାଇ ସାରିଛି ଏବଂ ଅବଶିଷ୍ଟ ୩୪ଟି ଗ୍ରାମରେ କେହି ବାସ କରୁ ନଥିବା ଜଣାପଡ଼ିଛି।

ତେଣୁ ରାଜ୍ୟ, ଡିସ୍‌କମ୍, କଣ୍ଟ୍ରାକ୍ଟର, ଭେଣ୍ଡର, ସାମଗ୍ରୀ ନିର୍ମାତା ଏବଂ ରାଜ୍ୟଗୁଡ଼ିକର ଲୋକମାନଙ୍କ ସହାୟତା ଓ ସମର୍ଥନ ଫଳରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଧାର୍ଯ୍ୟ କରା ଯାଇଥିବା ୧୦୦୦ ଦିନର ଲକ୍ଷ୍ୟ ପୂରଣ ହେବାର ବହୁ ପୂର୍ବରୁ ଆମ୍ଭେମାନେ ଲକ୍ଷ୍ୟ ହାସଲ କରି ପାରିଥିଲୁ।

ତେବେ ଶକ୍ତି ମନ୍ତ୍ରଣାଳୟର ଯାତ୍ରା ତଥାପି ଅବ୍ୟାହତ ରହିଛି। ଆମର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଦେଶର ସବୁ ପରିବାରଙ୍କୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା। ଏଥିପାଇଁ ଆମ୍ଭେମାନେ 'ପ୍ରଧାନମନ୍ତ୍ରୀ ସହଜ ବିଜ୍‌ଲୀ ହର୍‌ଘର୍ ଯୋଜନା'- ସୌଭାଗ୍ୟ ଆରମ୍ଭ କରିଛୁ ଯଦ୍ୱାରା ୨୦୧୯ ୩୧ ମାର୍ଚ୍ଚ ସୁଦ୍ଧା ସାର୍ବଜନୀନ ଘରୋଇ ବିଦ୍ୟୁତୀକରଣର ଲକ୍ଷ୍ୟ ହାସଲ କରିବାକୁ ଅବଶିଷ୍ଟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରହିଥିବା ଯେତେସବୁ ଘର ବା ପରିବାର ବିଜୁଳି ଶକ୍ତି ପାଇ ନାହାନ୍ତି, ସେମାନଙ୍କୁ ସଂଯୋଗ ଓ ସେବା ଯୋଗାଇ ଦେବୁ।

ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟର ସଚିବ।

# ନବୀକରଣୀୟ ଶକ୍ତି ସମ୍ପ୍ରସାରଣ କାର୍ଯ୍ୟକ୍ରମ

ମନୋଜ କୁମାର ଉପାଧ୍ୟାୟ, ଡକ୍ଟର ଅଭିନବ ତ୍ରିବେଦୀ

ଦେଶର ଶକ୍ତି ଆବଶ୍ୟକତା ଦୃଷ୍ଟିରୁ ନବୀକରଣୀୟ ଶକ୍ତି କ୍ଷେତ୍ର ଏକ ସମାଧାନ ଭାବେ ମୁଣ୍ଡ ଟେକିଛି। ଗତ କିଛିବର୍ଷ ଭିତରେ ଏହି କ୍ଷେତ୍ରର ପ୍ରଭାବ ବେଶ୍ ଦୃଶ୍ୟମାନ ହୋଇପାରିଛି। ଇତିମଧ୍ୟରେ ୨୦୨୨ ମସିହା ସୁଦ୍ଧା ଭାରତ ୧୭୫ ଗିଗାୱାଟ୍ ନବୀକରଣୀୟ ଶକ୍ତି ଉତ୍ପାଦନ କ୍ଷମତା ହାସଲ କରିବା ପଥରେ ଅଗ୍ରସର ହେଉଛି।

ନବୀନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ବିଶ୍ୱର ଅନ୍ୟତମ ବୃହତ୍ ନବୀକରଣୀୟ ଶକ୍ତି କ୍ଷମତା ସମ୍ପ୍ରସାରଣ ଯୋଜନା ପାଇଁ ତଥା ଦେଶର ଭବିଷ୍ୟତକୁ ନିର୍ମଳ ଶକ୍ତି ଯୋଗାଇବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛି। ଗତ ଚାରିବର୍ଷ (୨୦୧୪ ମଇରୁ ୨୦୧୮ ମାର୍ଚ୍ଚ) ମଧ୍ୟରେ ଦେଶରେ ୩୭.୩୩ ଗିଗାୱାଟ୍ ନବୀକରଣୀୟ ଶକ୍ତି ଉତ୍ପାଦନ କ୍ଷମତା ଯୋଡ଼ି ହୋଇଯାଇଛି। ଫଳରେ ଭାରତର ବର୍ତ୍ତମାନ ନବୀକରଣୀୟ ଶକ୍ତି ଉତ୍ପାଦନ ଦକ୍ଷତା ୬୯ ଗିଗାୱାଟ୍ (୨୦%)କୁ ବୃଦ୍ଧି ପାଇଛି। ୨୦୨୨ ମସିହା ସୁଦ୍ଧା ୧୭୫ ଗିଗାୱାଟ୍ ନବୀକରଣୀୟ ଶକ୍ତି ଉତ୍ପାଦନ କ୍ଷମତା ହାସଲ କରିବା ସକାଶେ ମନ୍ତ୍ରଣାଳୟ ତରଫରୁ ସୌର, ପବନ, ଜୈବିକ ଆଦି ବିଭିନ୍ନ ଶକ୍ତି ଉତ୍ସରୁ ଅଧିକରୁ ଅଧିକ ନବୀକରଣୀୟ ଶକ୍ତି ଉତ୍ପାଦନ ସକାଶେ ବିଭିନ୍ନ ପଦକ୍ଷେପମାନ ନିଆଯାଇଛି। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ସୌର ପାର୍କ ନିର୍ମାଣ, କେନାଲ ଖଣ୍ଡିରେ ଓ କେନାଲ ଉପରେ ସୌର ପ୍ରକଳ୍ପ ନିର୍ମାଣ ଓ ବାୟୋଗ୍ୟାସ୍ ଆଧାରିତ ଗ୍ରୀଡ୍ ସ୍ଥାପନ ଆଦି ଅନ୍ତର୍ଭୁକ୍ତ।

କୋଇଲା/ଗ୍ୟାସ୍ ଆଧାରିତ ଶକ୍ତି ଉତ୍ପାଦନ ଖର୍ଚ୍ଚ ସହ ସୌରଶକ୍ତି ଉତ୍ପାଦନ ଖର୍ଚ୍ଚର ସାମଞ୍ଜସ୍ୟତା ସକାଶେ ଉଦ୍ଦିଷ୍ଟ ଅନ୍ୟତମ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ହେଉଛି ଜାତୀୟ ସୌର ଅଭିଯାନ। ଏହା ଅଧିନରେ ଶସ୍ତା ଦରରେ ସୌର ଶକ୍ତି (ୟୁନିଟ୍ ପିଛା ୨ ଟଙ୍କା ୪୪ ପଇସା) ଓ ପବନ ଶକ୍ତି (ୟୁନିଟ୍ ପିଛା ୨ ଟଙ୍କା ୬୪ ପଇସା) ଉତ୍ପାଦନ ସମ୍ଭବ ହୋଇପାରିଛି। ନବୀକରଣୀୟ ଶକ୍ତି ଉତ୍ସ ପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯାଇଥିବାରୁ ଏହି ଐତିହାସିକ ଉପଲବ୍ଧି ସମ୍ଭବ ହୋଇପାରିଛି।

**ସୌର ଶକ୍ତିର କ୍ରମାନ୍ୱୟ ଦର ହ୍ରାସ:**

ଉତ୍ପାଦନ ଆଧାରିତ ସହାୟତା, ରିଆତି ଆଦି ବିଭିନ୍ନ ଆର୍ଥିକ ସାହାଯ୍ୟ ପ୍ରଦାନ କରି ଭାରତ ସରକାର ନବୀକରଣୀୟ ଶକ୍ତି ଉତ୍ପାଦନକୁ ପ୍ରୋତ୍ସାହନ ଯୋଗାଉଛନ୍ତି। ଏତଦ୍‌ବ୍ୟତୀତ ନବୀନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ତରଫରୁ ଆହୁରି ଅନ୍ୟାନ୍ୟ ପଦକ୍ଷେପ ମଧ୍ୟ ନିଆଯାଇଛି। ସେଗୁଡ଼ିକ ମଧ୍ୟରୁ ଅନ୍ୟତମ ହେଉଛି, ବିଦ୍ୟୁତ୍ ଅଧିନିୟମରେ ସଂଶୋଧନ ଆଣି ନବୀକରଣୀୟ ଶକ୍ତି କ୍ରୟ (ଆର୍‌ପିଓ) ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ନବୀକରଣୀୟ ଶକ୍ତି ଉତ୍ପାଦନ ଦାୟିତ୍ୱ (ଆର୍‌ଜିଓ)କୁ ସୁନିଶ୍ଚିତ କରିବା, ସବୁଜ ଶକ୍ତି ବିତରଣ ବ୍ୟବସ୍ଥା ମାଧ୍ୟମରେ ନବୀକରଣୀୟ ଶକ୍ତି ବିତରଣ ବ୍ୟବସ୍ଥା କରିବା, ବିତରଣ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ସମନ୍ୱିତ ଶକ୍ତି ବିକାଶ ପ୍ରକଳ୍ପ

### ସୌର ଶକ୍ତିର କ୍ରମାନ୍ୱୟ ଦର ହ୍ରାସ

| କ୍ର.ନଂ. | ସମୟ | କ୍ଷମତା | ଟଙ୍କା/କିଲୋୱାଟ୍ ଆୱାର୍ | ଯୋଜନା | ରାଜ୍ୟ |
|---|---|---|---|---|---|
| ୧ | ଫେବ୍ରୁଆରୀ ୨୦୧୭ | ୭୫୦ ମେଗାୱାଟ୍ | ୩.୩୦ | ରାଜ୍ୟ ଯୋଜନା | ମଧ୍ୟପ୍ରଦେଶ (ରେୱା ସୌର ପାର୍କ) |
| ୨ | ମେ' ୨୦୧୭ | ୨୫୦ ମେଗାୱାଟ୍ | ୨.୬୨ | ଭିଜିଏଫ୍ | ରାଜସ୍ଥାନ (ବଦ୍‌ଲା ଚତୁର୍ଥ ସୌର ପାର୍କ) |
| ୩ | ମେ' ୨୦୧୭ | ୫୦୦ ମେଗାୱାଟ୍ | ୨.୪୪ | ଭିଜିଏଫ୍ | ରାଜସ୍ଥାନ (ବଦ୍‌ଲା ତୃତୀୟ ସୌର ପାର୍କ) |
| ୪ | ଅଗଷ୍ଟ ୨୦୧୭ | ୫୦୦ ମେଗାୱାଟ୍ | ୨.୬୫ | ରାଜ୍ୟ ଯୋଜନା | ଗୁଜୁରାଟ (ଅଣ ସୌର ପାର୍କ) |

***ଉତ୍ସ: ନବୀନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ***

(ଆଇପିଡିଏସ୍)ରେ ଆବଶ୍ୟକ ବ୍ୟବସ୍ଥା କରିବା ଓ ସବୁଜ ଜଳବାୟୁ ପାଣ୍ଠି ସମେତ ଦ୍ୱିପାକ୍ଷିକ ଓ ଅନ୍ତର୍ଜାତୀୟ ସ୍ତରର ଦାତାମାନଙ୍କ ଠାରୁ ଅର୍ଥ ଯୋଗାଡ଼ କରିବା ଆଦି। ଏହିସବୁ ବ୍ୟବସ୍ଥା ମାଧ୍ୟମରେ ନବୀକରଣୀୟ ଶକ୍ତି ଉତ୍ପାଦନ ଦକ୍ଷତା ଲକ୍ଷ୍ୟ ହାସଲ ପାଇଁ ପ୍ରୟାସ ଜାରି ରହିଛି।

**ନବୀନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟର ପଦକ୍ଷେପ:**

**ସୌରଶକ୍ତି କ୍ଷେତ୍ରରେ**

- ସୌରଶକ୍ତି ଉଦ୍ୟାନ ଓ ଅତି ବୃହତ୍ ସୌରଶକ୍ତି ପ୍ରକଳ୍ପ ଯୋଜନା ଅଧିନରେ ଉତ୍ପାଦନ ଦକ୍ଷତାକୁ ୨୦ ଜିଗାୱାଟ୍‌ରୁ ବୃଦ୍ଧି କରି ୪୦ ଜିଗାୱାଟ୍ କରାଯାଇଛି।
- ଗୃହ ନିର୍ମାଣ ସମ୍ପର୍କିତ ଆଇନ୍‌ରେ ଆବଶ୍ୟକ ସଂଶୋଧନ ଆଣି ଛାତ ଉପରେ ସୌରଶକ୍ତି ଉତ୍ପାଦନ ବ୍ୟବସ୍ଥା କରିବା ପାଇଁ ପ୍ରଚେଷ୍ଟା କରାଯାଇଛି। ଏଥିପାଇଁ ବିଭିନ୍ନ ବ୍ୟାଙ୍କ୍ ଋଣ ଆଣିବା ସକାଶେ ଛାତ ଉପରେ ସୌରଶକ୍ତି ଉତ୍ପାଦନ ବ୍ୟବସ୍ଥାକୁ ଯୋଡ଼ିବା ପାଇଁ ମଧ୍ୟ ବିଚାର ଚାଲିଛି।
- ସ୍ମାର୍ଟସିଟି ପ୍ରକଳ୍ପ ପାଇଁ ଅନ୍ତତଃ ୧୦% ନବୀକରଣୀୟ ଶକ୍ତି ବ୍ୟବହାର ପାଇଁ ତଥା କୋଠାବାଡ଼ି ଛାତରେ ସୌରଶକ୍ତିଚାଳିତ ଫଟୋଭୋଲ୍ଟାଇକ୍ ସେଲ୍‌ର ବ୍ୟବହାର ପାଇଁ ବ୍ୟବସ୍ଥା କରାଯାଇଛି।
- ସୌରଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ଅଂଶଧନ ବ୍ୟବସ୍ଥା ସକାଶେ ଟିକସମୁକ୍ତ ସୌର ବଣ୍ଡ୍ ଜାରି କରିବା ପାଇଁ ପଦକ୍ଷେପ ନିଆଯାଇଛି।
- ସୌରଶକ୍ତି କ୍ରୟ ପାଇଁ ଦର ଆଧାରିତ ପ୍ରତିଯୋଗିତାମୂଳକ ଠିକା ପ୍ରକ୍ରିୟା ଲାଗୁ କରାଯାଇଛି।
- ଆନୁଷ୍ଠାନିକ, ଆବାସିକ ଓ ସାମାଜିକ ସ୍ତରର କୋଠା ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ସକାଶେ ସାଧାରଣବର୍ଗ ରାଜ୍ୟଗୁଡ଼ିକ ପାଇଁ ନିର୍ଦ୍ଧାରିତ ଖର୍ଚ୍ଚର ୩୦% ଓ ସ୍ୱତନ୍ତ୍ର ପାହ୍ୟା ରାଜ୍ୟଗୁଡ଼ିକ ପାଇଁ ୭୦% କେନ୍ଦ୍ରୀୟ ଆର୍ଥିକ ସହାୟତା ବ୍ୟବସ୍ଥା ରହିଛି।
- ବୈଷୟିକ ଜ୍ଞାନସମ୍ପନ୍ନ କାର୍ଯ୍ୟବଳ ସୃଷ୍ଟି ପାଇଁ 'ସୂର୍ଯ୍ୟ ମିତ୍ର' ଯୋଜନା ଆରମ୍ଭ ହୋଇଛି। ଏହା ଅଧିନରେ ୧୧ ହଜାର ବ୍ୟକ୍ତିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

**ପବନ ଶକ୍ତି କ୍ଷେତ୍ରରେ**

- ପବନ ଶକ୍ତି ଉତ୍ପାଦନ କ୍ଷମତା କ୍ଷେତ୍ରରେ ଚୀନ୍, ଆମେରିକା ଓ ଜର୍ମାନୀ ପରେ ସମଗ୍ର ବିଶ୍ୱରେ ଭାରତର ସ୍ଥାନ ଚତୁର୍ଥରେ ରହିଛି।
- ଭାରତର ପବନ ଶକ୍ତି ଦକ୍ଷତା ୧୦୦ ମିଟର ହବ୍-ହାଇଟ୍‌ରେ ୩୦୨ ଗିଗାୱାଟ୍ ବୋଲି ରାଷ୍ଟ୍ରୀୟ ପବନଶକ୍ତି ସଂସ୍ଥା ଦ୍ୱାରା ଆକଳନ କରାଯାଇଛି।
- ଭାରତର ସୁଦୀର୍ଘ ଉପକୂଳ ଅଞ୍ଚଳରେ ପବନଶକ୍ତି ପ୍ରକଳ୍ପ ପାଇଁ ବ୍ୟାପକ ସୁଯୋଗ ରହିଛି। ଜାତୀୟ ଉପକୂଳବର୍ତ୍ତୀ ପବନ ଶକ୍ତି ନୀତିକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ମିଳିଛି।
- ତାମିଲ୍‌ନାଡୁର ପବନ ପୂର୍ବାନୁମାନ ଅଭିଜ୍ଞତା





ଆଧାରରେ ଜାତୀୟ ପବନ ଶକ୍ତି ଅନୁଷ୍ଠାନ, ଗୁଜୁରାଟ ଓ ରାଜସ୍ଥାନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି।

**ଜୈବ ଶକ୍ତି କ୍ଷେତ୍ରରେ**

● ଜୈବ ପଦାର୍ଥ ଦହନ ଦ୍ୱାରା ବାଷ୍ପ ନିର୍ଗମନ ଓ ରସ କାଢ଼ି ନିଆଯାଇଥିବା ଆଖୁରୁ ଜୈବ ଶକ୍ତି ଉତ୍ପାଦନ ପାଇଁ କେନ୍ଦ୍ର ତରଫରୁ ଆର୍ଥିକ ସହାୟତା ବ୍ୟବସ୍ଥା କରାଯାଇଛି।

● ନିଜସ୍ୱ ବ୍ୟବହାର ପାଇଁ ଜୈବ ଶକ୍ତି ଉତ୍ପାଦନକୁ ପ୍ରୋତ୍ସାହିତ କରାଯାଉଛି।

ଜାତୀୟ ଜୈବ ବାଷ୍ପ ଓ ଖତ ସାର ପରିଚାଳନା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ଘରୋଇ ବ୍ୟବହାର ପାଇଁ ଛୋଟ ଛୋଟ ଜୈବ ବାଷ୍ପ ପ୍ରକଳ୍ପ ସ୍ଥାପନ କରାଯାଉଛି।

**ନବୀକରଣୀୟ ଶକ୍ତି ଉତ୍ପାଦନ ପାଇଁ ଟିକସ ନୀତିରେ ସଂଶୋଧନ**

● ମାର୍ଚ୍ଚ ୨୦୨୨ ସୁଦ୍ଧା ସୌର ଶକ୍ତି କ୍ରୟ କରିବା ବାଧ ବାଧ୍ୟକତାକୁ ୮% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

● ଶସ୍ତା ମୂଲ୍ୟର ନବୀକରଣୀୟ ଶକ୍ତି ଯୋଗାଣ ପାଇଁ ସମସ୍ତ ନବୀକରଣୀୟ ଶକ୍ତିକୁ ଏକକ ଶକ୍ତି ଭାବେ ବିଚାର କରାଯାଉଛି।

● କୋଇଲା / ଲିଗ୍‌ନାଇଟ୍ ଆଧାରିତ ତାପଜ ବିଦ୍ୟୁତ୍‌କେନ୍ଦ୍ର ପାଇଁ ନବୀକରଣୀୟ ଶକ୍ତି ଉତ୍ପାଦନ ସକାଶେ ବାଧ୍ୟତାମୂଳକ ବ୍ୟବସ୍ଥା ଲାଗୁ କରାଯାଇଛି।

● ସୌର ଓ ପବନ ଶକ୍ତି କ୍ଷେତ୍ରରେ ଆନ୍ତଃରାଜ୍ୟ ବିଦ୍ୟୁତ୍ ଯୋଗାଣ ଶୁଳ୍କ ଛାଡ଼ କରାଯାଇଛି।

● ପୁନଶ୍ଚ ପରିବର୍ତ୍ତିତ ଟିକସ ନୀତି ଅନୁଯାୟୀ ଶକ୍ତି ମନ୍ତ୍ରଣାଳୟ ତରଫରୁ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ (୨୦୧୬-୧୭, ୨୦୧୭-୧୮, ୨୦୧୮-୧୯) ବାଧ୍ୟତାମୂଳକ ସୌର ଓ ଅଣସୌର ଶକ୍ତି କ୍ରୟ ପାଇଁ ଦୀର୍ଘକାଳୀନ ଅଭିବୃଦ୍ଧି ଲକ୍ଷ୍ୟ ନିର୍ଦ୍ଧାରିତ କରାଯାଇଛି।





**ସବୁଜ ଶକ୍ତି ପଥ:**

ପ୍ରାୟ ୨୦ ହଜାର ମେଗାୱାଟ୍ ନବୀକରଣୀୟ ଶକ୍ତି ଯୋଗାଣ ପାଇଁ ତାମିଲ୍‌ନାଡୁ, ରାଜସ୍ଥାନ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ହିମାଚଳ ପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି ୮ଟି ରାଜ୍ୟ ଦ୍ୱାରା ଆନ୍ତଃରାଜ୍ୟ ଯୋଗାଣ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହି ପ୍ରକଳ୍ପ ଖର୍ଚ୍ଚ ପାଇଁ ୧୦ ହଜାର ୧୪୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

**ଅନ୍ୟାନ୍ୟ ପଦକ୍ଷେପ:**

● ଫ୍ରାନ୍ସ ସହ ମିଶି ଭାରତ ଅନ୍ତରାଷ୍ଟ୍ରୀୟ ସ୍ତରରେ ନବୀକରଣୀୟ ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ୨୦୧୭ ଡିସେମ୍ବର ମାସରେ 'ଅନ୍ତରାଷ୍ଟ୍ରୀୟ ସୌର ସହଯୋଗ' ଏକ ଆଇନ୍‌ସମ୍ମତ ସଂସ୍ଥା ଭାବେ ଗଢ଼ିଉଠିଛି। ଏହାର ମୁଖ୍ୟାଳୟ ଭାରତରେ ଅଛି। କର୍କଟକ୍ରାନ୍ତି ଓ ମକରକ୍ରାନ୍ତି ମଧ୍ୟସ୍ଥିତ ୧୨୧ଟି ଦେଶ ମିଶି ଏହି ସଂସ୍ଥାଟିକୁ ଗଠନ କରିଛନ୍ତି।

| ଦୀର୍ଘକାଳୀନ ଅଭିବୃଦ୍ଧି | ୨୦୧୬-୧୭ | ୨୦୧୭-୧୮ | ୨୦୧୮-୧୯ |
|---|---|---|---|
| ଅଣସୌରଶକ୍ତି | ୮.୭୫% | ୯.୫୦% | ୧୦.୨୫% |
| ସୌର | ୨.୭୫% | ୪୭୫% | ୬.୭୫% |
| ମୋଟ୍ | ୧୧.୫୦% | ୧୯.୨୫% | ୧୭% |

● ସୌରଶକ୍ତି, ଜୈବଶକ୍ତି ଆଧାରିତ ଜେନେରେଟର, ପବନ ଶକ୍ତି ବ୍ୟବସ୍ଥା, ଅଣୁ ଜଳବିଦ୍ୟୁତ୍ ପ୍ରକଳ୍ପ ଓ ନବୀକରଣୀୟ ଶକ୍ତି ଆଧାରିତ ଜନୋପଯୋଗୀ ସୁବିଧା ଯଥା- ରାସ୍ତା ଆଲୋକୀକରଣ ଓ ଦୂରବର୍ତ୍ତୀ ଗ୍ରାମ ବିଦ୍ୟୁତ୍‌କରଣ ସକାଶେ ୧୫ କୋଟି ଟଙ୍କା ଋଣ ପାଇବାର ବ୍ୟବସ୍ଥା କରାଯାଇଛି। ତେବେ ବ୍ୟକ୍ତିଗତ ବ୍ୟବହାର ପାଇଁ ଜଣକୁ ପ୍ରାୟ ୧୦ ଲକ୍ଷ ଟଙ୍କା ଋଣ ପ୍ରଦାନର ବ୍ୟବସ୍ଥା କରାଯାଇଛି।

● ୨୦୧୩ ମସିହାର ବିଦ୍ୟୁତ୍ ଅଧିନିୟମ ବ୍ୟବସ୍ଥା ଆଧାରରେ ନବୀକରଣୀୟ ଶକ୍ତି ଉତ୍ପାଦନ/ବିତରଣ ପାଇଁ ଶତ ପ୍ରତିଶତ ବିଦେଶୀ ପୁଞ୍ଜିନିବେଶକୁ ସ୍ୱତଃପୂର୍ତ୍ତ ସହମତି ପ୍ରଦାନ କରାଯାଉଛି।

ଶ୍ରୀ ଉପାଧ୍ୟାୟ ହେଉଛନ୍ତି ନୀତି ଆୟୋଗର ଶକ୍ତି ବିଭାଗର ଉପ-ପରାମର୍ଶଦାତା
ଏବଂ ଶ୍ରୀ ତ୍ରିବେଦୀ ହେଉଛନ୍ତି ନୀତି ଆୟୋଗରେ କାର୍ଯ୍ୟରତ ଜଣେ ଯୁବ ପେସାଦାର

## ବିଶେଷ ପ୍ରସଙ୍ଗ

# ଯୁବପିଢ଼ି ଏବଂ ଗୋଷ୍ଠୀଗତ କାର୍ଯ୍ୟରେ ନିଯୁକ୍ତି

ଅମରେନ୍ଦ୍ର କୁମାର ଦୁବେ

ରାଷ୍ଟ୍ରୀୟ ଯୁବ ନୀତି, ୨୦୧୪ରେ ଯୁବ ପିଢ଼ିଙ୍କ ସଂଜ୍ଞା ନିର୍ଦ୍ଧାରଣ କରିବାକୁ ଯାଇ କୁହାଯାଇଛି ଯେ ୧୫ରୁ ୨୯ ବର୍ଷ ବୟସ ବର୍ଗ ମଧ୍ୟରେ ଥିବା ଯେ କୌଣସି ବ୍ୟକ୍ତିଙ୍କୁ ଯୁବକ/ ଯୁବତୀ କୁହାଯିବ। (୧) କିନ୍ତୁ ଯୁବ ପିଢ଼ିଙ୍କୁ ସଜାତୀୟ (ଏକ ପ୍ରକାରର) ଗୋଷ୍ଠୀ କୁହାଯାଇ ପାରିବ ନାହିଁ; ସମାଜ, ସାଂସ୍କୃତିକ ପୃଷ୍ଠଭୂମି, ସାମାଜିକ- ଅର୍ଥନୀତିକ ସ୍ଥିତି, ଶିକ୍ଷାଗତ ସ୍ଥିତି, ସେମାନେ ଯେଉଁ ଅଞ୍ଚଳରୁ ଆସିଛନ୍ତି, ସେଠାକାର ଭୌଗୋଳିକ ଅବସ୍ଥିତି, ସେମାନଙ୍କ ନିଜର ଗ୍ରହଣ କରିବାର ଅବବୋଧ ତଥା ଆଶା ଆକାଂକ୍ଷା ଦିଗଗୁଡ଼ିକରୁ ସ୍ପଷ୍ଟ କାରଣଗୁଡ଼ିକ ଯୋଗୁଁ ଏହା ବିଜାତୀୟ (ବହୁବିଧ) ହେବାକୁ ବାଧ୍ୟ।

'ଯୁବ ବା ଯୁବା' ଶବ୍ଦର ତିନିଗୋଟି ସ୍ପଷ୍ଟ ଅର୍ଥ ରହିଛି: ପ୍ରଥମ, ଏହା ଏକ ନିର୍ଦ୍ଦିଷ୍ଟ ବୟସ ବର୍ଗକୁ ବୁଝାଏ। ଦ୍ୱିତୀୟରେ, ଏହା ଏକ ଗୋଷ୍ଠୀ ବା ଦଳର ବ୍ୟକ୍ତିବିଶେଷଙ୍କୁ ବୁଝାଏ ଯେଉଁମାନେ ଶିକ୍ଷା ଏବଂ କର୍ମନିଯୁକ୍ତି ଦୃଷ୍ଟିରୁ ଏକ ସାମୟିକ ବା କ୍ଷଣସ୍ଥାୟୀ ଅବସ୍ଥାରେ ରହିଥାନ୍ତି। ଏବଂ ଶେଷରେ, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ନୁହେଁ, ଏହା ମଧ୍ୟ ଏକ ଗୋଷ୍ଠୀ ବା ଦଳକୁ ବୁଝାଏ ଯେଉଁମାନଙ୍କର ଏକ ବିଶେଷ ସାମାଜିକ, ସାଂସ୍କୃତିକ ଏବଂ ମନୋଦୈହିକ ଉପାଦାନସବୁ ରହିଥାଏ ଯାହା ସେମାନଙ୍କ ଜୀବନକୁ ପ୍ରଭାବିତ କରୁଥାଏ।

କିନ୍ତୁ କେବଳ ଏକ ନିର୍ଦ୍ଦିଷ୍ଟ ବୟସ ବର୍ଗ ଭିତରେ ରହିବା ସେପରି ବିଶେଷ କିଛିକୁ ବୁଝାଏ ନାହିଁ। ଯୁବ ପିଢ଼ିଙ୍କ ପରିପ୍ରେକ୍ଷୀରେ ଯାହା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି- ଏହା ହେଉଛି ସେହି ବୟସ, ଯାହା କୈଶୋରରୁ ପ୍ରାପ୍ତବୟସ୍କରେ ରୂପାନ୍ତରିତ ହେବା ତଥା ଦକ୍ଷତା ବା ଶିକ୍ଷାରୁ କର୍ମନିଯୁକ୍ତି ଆଡ଼କୁ ମୁହାଁଇବାକୁ ପରିଲକ୍ଷିତ କରିଥାଏ। ଏହା ହେଉଛି ସେହି ବୟସ ବର୍ଗ, ଯେଉଁଥିରେ ଜଣେ ଯୁବକ ବା ଯୁବତୀ ତା'ର ଲକ୍ଷ୍ୟ ହାସଲ କରିବା ତଥା ଆଶା ଓ ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ କାମ କରିବା ପାଇଁ ନିଜକୁ ସୁସଂଗଠିତ କରିବାର ଆବଶ୍ୟକତା ରହିଛି ବୋଲି ଅନୁଭବ କରିଥାଏ ଏବଂ ଅର୍ଥପୂର୍ଣ୍ଣ ଭାବରେ ନିଜକୁ କର୍ମନିଯୁକ୍ତ କରିବା ସକାଶେ ନୂଆ ନୂଆ କାମର ସନ୍ଧାନ କରିଥାଏ। ଏହା ବାସ୍ତବରେ କାର୍ଯ୍ୟକଳାପର ଏକ ବିଶାଳ ପରିସରକୁ ବ୍ୟାପ୍ତ ହୋଇଥାଏ- ଏହା ମାଧ୍ୟମିକ ଏବଂ ଆନୁଷଙ୍ଗିକ ଉଦ୍ୟୋଗର କାର୍ଯ୍ୟକଳାପ ହେଉ କି ସରକାରୀ ସ୍ତରୀୟ କାର୍ଯ୍ୟକଳାପ ବା ସ୍ୱାଧୀନ ପେସା ହୋଇଥାଉ। ଏହି ପ୍ରକ୍ରିୟାରେ ସେ କୁଶଳୀ ହେବା ପାଇଁ ପ୍ରଶିକ୍ଷଣ ଗ୍ରହଣ କରିପାରେ କିମ୍ବା ନିଜେ ଇଚ୍ଛା କରୁଥିବା ଦକ୍ଷତାରେ ଶିକ୍ଷାଲାଭ ଏବଂ ନିଜର ପସନ୍ଦ ମୁତାବକ ପେସା ବା କର୍ମନିଯୁକ୍ତି ଜରିଆରେ ଜୀବିକାର୍ଜନର ପନ୍ଥାକୁ ସୁନିଶ୍ଚିତ ବା ପ୍ରତିଷ୍ଠିତ କରିବା ନିମନ୍ତେ କାମନା କରିପାରେ। ଥରେ କୌଣସି ଧନ୍ଦା ବା ପେସାରେ ନିଯୁକ୍ତ ହେଲାପରେ ସେ ନିଜର କଠିନ ପରିଶ୍ରମ ମାଧ୍ୟମରେ ଉକ୍ତ କାର୍ଯ୍ୟରେ ସଫଳ ହେବାକୁ ତଥା ପ୍ରଗତି କରିବାକୁ ଇଚ୍ଛା କରିପାରେ। ଏବଂ ଏହି ଅବସ୍ଥାରେ ହିଁ ତା' ଜୀବନର ସମାଜ- ସାଂସ୍କୃତିକ ଦିଗ ତଥା ମନୋଦୈହିକ ପ୍ରସଙ୍ଗଗୁଡ଼ିକ ତାକୁ

ପୂର୍ବାପେକ୍ଷା ଅଧିକ କର୍ମମନସ୍କ ବା କର୍ମବ୍ୟାପୃତ କରି ରଖିବାକୁ ଆରମ୍ଭ କରିଥାଏ । ବେଳେବେଳେ ଏଭଳି କର୍ମନିଯୁକ୍ତି ଅତ୍ୟନ୍ତ ବ୍ୟାପକ ମଧ୍ୟ ହୋଇପାରେ । ଅଳ୍ପ କେତେକ ଦୁର୍ବଳ ଫଳାଫଳର ଉଦାହରଣ ମଧ୍ୟ ସାମ୍ନାକୁ ଆସିଛି ।

**ଏହି ଗୋଷ୍ଠୀ ନିମନ୍ତେ ପ୍ରାଥମିକତାର କ୍ଷେତ୍ର ସମୂହ:**

ଯୁବାବସ୍ଥାର ଏହି ବିଶେଷ ଦିଗକୁ ହିଁ ଭାରତ ସରକାରଙ୍କ ରାଷ୍ଟ୍ରୀୟ ଯୁବ ନୀତି, ୨୦୧୪ (୨)ରେ ଚିହ୍ନଟ ବା ବିଶେଷ ଗୁରୁତ୍ୱାରୋପ କରାଯାଇଛି । ଏହା ଉଦ୍ଦେଶ୍ୟ ତଥା ପ୍ରାଥମିକ କ୍ଷେତ୍ରଗୁଡ଼ିକୁ ନିମ୍ନମତେ ଚିହ୍ନଟ କରିଛି ଯାହା ହେଉଛି:-



| ଉଦ୍ଦେଶ୍ୟ | ପ୍ରାଥମିକତା | | |
|---|---|---|---|
| ଉତ୍ପାଦନକ୍ଷମ କର୍ମଶକ୍ତି ସୃଷ୍ଟି କରିବା ଯାହା ଭାରତର ଅର୍ଥନୀତିକ ବିକାଶକୁ ଏକ ପରିପୋଷଣୀୟ ଅବଦାନ ରଖିବ । | ଶିକ୍ଷା | କର୍ମନିଯୁକ୍ତି ଏବଂ ଦକ୍ଷତା ବିକାଶ | ଉଦ୍ୟୋଗ ବା ଉଦ୍ୟୋଗୀ ମନୋବୃତ୍ତି ସୃଷ୍ଟି କରିବା |
| ଏକ ସବଳ ଏବଂ ସୁସ୍ଥ ପିଢ଼ି ବିକଶିତ କରାଇବା ଯିଏକି ଭବିଷ୍ୟତର ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହେବା ନିମନ୍ତେ ସୁସଜ୍ଜିତ ହୋଇଥିବେ | ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଜୀବନଯାପନ ଶୈଳୀ | କ୍ରୀଡ଼ା | |
| ରାଷ୍ଟ୍ରୀୟ ମାଲିକାନା ନିର୍ମାଣ କରିବା ନିମନ୍ତେ ସେମାନଙ୍କ ମନରେ ସାମାଜିକ ମୂଲ୍ୟବୋଧ ଭର୍ତ୍ତି କରିବା ତଥା ଗୋଷ୍ଠୀଗତ ସେବାକୁ ପ୍ରୋତ୍ସାହନ ଦେବା | ସାମାଜିକ ମୂଲ୍ୟବୋଧକୁ ପ୍ରୋତ୍ସାହନ | ଗୋଷ୍ଠୀଗତ ନିଯୋଗ | |
| ଶାସନର ପ୍ରତ୍ୟେକ ସ୍ତରରେ ଅଂଶଗ୍ରହଣ ଏବଂ ନାଗରିକ ସମ୍ପୃକ୍ତିକୁ ସୁଗମ କରାଇବା | ରାଜନୀତି ଏବଂ ଶାସନରେ ଅଂଶଗ୍ରହଣ | | |
| ବିପଦଗ୍ରସ୍ତ ଯୁବ ପିଢ଼ିଙ୍କୁ ସହାୟତା ପ୍ରଦାନ କରିବା ଏବଂ ସବୁ ଦୁର୍ଦ୍ଦଶାଗ୍ରସ୍ତ ତଥା ଅବହେଳିତ ଯୁବ ବର୍ଗଙ୍କ ପାଇଁ ସମାନୁପାତିକ ସୁଯୋଗ ସୃଷ୍ଟି କରିବା | ଅନ୍ତର୍ଭୁକ୍ତୀକରଣ | ସାମାଜିକ ନ୍ୟାୟ | |

ପ୍ରତ୍ୟେକଟି ପ୍ରାଥମିକ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଏବଂ ଯୁବ ବର୍ଗଙ୍କ ସର୍ବାଙ୍ଗୀନ ତଥା ଗଠନମୂଳକ ବିକାଶ ନିମନ୍ତେ ଏଥି ମଧ୍ୟରୁ ପ୍ରତ୍ୟେକଟି କ୍ଷେତ୍ରରେ କାର୍ଯ୍ୟ କରାଯିବାର ଆବଶ୍ୟକତା ରହିଛି। ଏବଂ ଶିକ୍ଷା, କର୍ମନିଯୁକ୍ତି, ସ୍ୱାସ୍ଥ୍ୟ, କ୍ରୀଡ଼ା ଇତ୍ୟାଦି ଉପରେ ଅନେକ କିଛି ଲେଖାଯାଇ ସାରିଛି ଏବଂ ଏବେ ବି ଲେଖା ଯାଉଛି। ଏଠାରେ ମାତ୍ର ଦୁଇଗୋଟି ପ୍ରାଥମିକ କ୍ଷେତ୍ର ସମ୍ବନ୍ଧରେ ଆଲୋଚନା କରାଯିବ:-

- ସାମାଜିକ ମୂଲ୍ୟବୋଧର ପ୍ରୋତ୍ସାହନ;
- ଗୋଷ୍ଠୀଗତ ନିଯୋଗ।

ଉପରୋକ୍ତ ସାରଣୀ ସ୍ପଷ୍ଟ କରୁଛି ଯେ ଏହି ଉଦ୍ଦେଶ୍ୟ ଅଧୀନରେ 'ରାଷ୍ଟ୍ରୀୟ ମାଲିକାନା ନିମନ୍ତେ ସାମାଜିକ ମୂଲ୍ୟବୋଧକୁ ସନ୍ନିବେଶିତ କରିବା ଏବଂ ଗୋଷ୍ଠୀଗତ ସେବାକୁ ପ୍ରୋତ୍ସାହନ ଯୋଗାଇବା', ଏହି ଦୁଇଗୋଟି ପ୍ରାଥମିକ କ୍ଷେତ୍ରକୁ ତାଲିକାଭୁକ୍ତ କରାଯାଇଛି।

## ସାମାଜିକ ମୂଲ୍ୟବୋଧର ପ୍ରୋତ୍ସାହନ

ଯୁବ ବର୍ଗ ଉତ୍ପାଦନକ୍ଷମ କର୍ମଶକ୍ତିର ସମାହାର ଏବଂ ଅନୁଭୂତି ଓ ଅଭିଜ୍ଞତା ଲାଭ କଲେ ସେମାନେ ନିଜ ନିଜ କ୍ଷେତ୍ରରେ ଜଣେ ଜଣେ ନେତୃତ୍ୱ ନେବା ଭଳି ବ୍ୟକ୍ତିବିଶେଷ ହୋଇ ପାରିବେ। ଏକ ରାଷ୍ଟ୍ର ଭାବରେ ଭାରତ ସଂସ୍କୃତି, ସମ୍ପ୍ରଦାୟ, ଭାଷା, ସମାଜ ଏବଂ ଧର୍ମ ଦୃଷ୍ଟିରୁ ବିବିଧତାର ଆଶ୍ରୟ ସ୍ଥଳୀ। ଭୌଗୋଳିକ ଦୃଷ୍ଟିକୋଣରୁ ମଧ୍ୟ ଏହା ବିବିଧତାର ସମାହାର, ଅବର୍ଣ୍ଣନୀୟ ଭାବରେ ଏହା ଭିନ୍ନ ଭିନ୍ନ ଉପାୟଗୁଡ଼ିକୁ ନିର୍ଣ୍ଣୟ କରିଥାଏ ଯେଉଁ ଅନୁସାରେ ସମାଜଗୁଡ଼ିକ ଭୌଗୋଳିକ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇଥାନ୍ତି ତଥା ସେମାନଙ୍କ ଜୀବନଶୈଳୀକୁ ରୂପରେଖ ଦେଇଥାନ୍ତି। କିନ୍ତୁ ଏସବୁ ବିବିଧତା ସତ୍ତ୍ୱେ ଦେଶର ବିଭିନ୍ନ ସମାଜ ଏବଂ ସମ୍ପ୍ରଦାୟ ମଧ୍ୟରେ ଏକ ସମାନ ସୂତ୍ର ପ୍ରବହମାନ। ସମ୍ଭବତଃ ମହାକାବ୍ୟଗୁଡ଼ିକ- ମହାଭାରତ ଏବଂ ରାମାୟଣ ହେଉଛି ଏହାର ସର୍ବୋତ୍କୃଷ୍ଟ ଉଦାହରଣ ଯାହା ସମସ୍ତ ଭାରତୀୟ ଭାଷାରେ ଅନୂଦିତ ଏବଂ ଏସବୁର ମୁଖ୍ୟ କାହାଣୀ ସମାନ ରହିଛି; କେବଳ ଉପ- କାହାଣୀଗୁଡ଼ିକ (ମହାଭାରତରେ ଉପାଖ୍ୟାନ କୁହାଯାଏ) ହୁଏତ ସମାନ ବିଷୟବସ୍ତୁର ଚାରିପଟେ ଭିନ୍ନ ଭିନ୍ନ ଢଙ୍ଗରେ ଯାହା ଘୂରୁଥାଏ। ସମସାମୟିକ ସମୟକୁ ଆସିଲେ ଦେଖିବାକୁ ମିଳେ ଯେ ଆଇଟି (ସୂଚନା ପ୍ରଯୁକ୍ତିବିଦ୍ୟା)ର ବ୍ୟବହାର ଏବଂ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରସଙ୍ଗ ସମ୍ବନ୍ଧରେ ସେମାନଙ୍କର ଧାରଣା ଦୃଷ୍ଟିରୁ ସାରା ଦେଶରେ ଊଣା ଅଧିକେ ସେମାନଙ୍କ ମଧ୍ୟରେ ସମାନ ପ୍ରକାରର ମନୋଭାବ ଦେଖିବାକୁ ମିଳେ। ଆଜିକାର ଯୁବ ବର୍ଗ ଜନ୍ମସ୍ଥାନ, ସମ୍ପ୍ରଦାୟ ନିର୍ବିଶେଷରେ ବିକାଶ, ଭାବ ବିନିମୟ, କର୍ମ ନିଯୁକ୍ତି, ନିଜର ସାମର୍ଥ୍ୟ ପ୍ରଦର୍ଶନ କରିବା ନିମନ୍ତେ ସୁଯୋଗ ସମ୍ବନ୍ଧରେ କହିଥାନ୍ତି। ଏହି ସାମଞ୍ଜସ୍ୟ ରହିବାର କାରଣ ଏକ ରାଷ୍ଟ୍ର ଭାବରେ ଭାରତବର୍ଷ ଏକ ସ୍ୱତନ୍ତ୍ର ସଂସ୍କୃତିର ଅଧିକାରୀ ଏବଂ କେତେକ ନିର୍ଦ୍ଦିଷ୍ଟ ପରମ୍ପରା ଓ ପ୍ରଥା ରୂପକ କେନ୍ଦ୍ରର ଚତୁର୍ଦ୍ଦିଗରେ ଘୂରୁଅଛି ଯାହା ଯୁଗ ଯୁଗ ଧରି ସଂରକ୍ଷିତ ରଖାଯାଇଛି, ଯାହା ସାମାଜିକ ମୂଲ୍ୟବୋଧକୁ ନେଇ ଗଠିତ। ଏହି ସାମାଜିକ ମୂଲ୍ୟବୋଧଗୁଡ଼ିକ ସାଧାରଣରେ ଭାରତୀୟ ସମାଜ ନିମନ୍ତେ ଏବଂ ନିର୍ଦ୍ଦିଷ୍ଟ ଭାବରେ ଭାରତୀୟ ଯୁବ ବର୍ଗଙ୍କ ପାଇଁ ଏକତାର ସୂତ୍ରରେ ବାନ୍ଧି ରଖିବାର ଉପାଦାନ।

## ଗୋଷ୍ଠୀଗତ ନିଯୋଗ

ଦ୍ୱିତୀୟ ପ୍ରାଥମିକତାର କ୍ଷେତ୍ର ହେଉଛି ଯୁବ ବର୍ଗଙ୍କ ନିମନ୍ତେ ଗୋଷ୍ଠୀଗତ ନିଯୋଗ। ଏହା ସାମାଜିକ ମୂଲ୍ୟବୋଧ ସହିତ ସମାଜର ସାମାଜିକ-ଅର୍ଥନୀତିକ ଢାଞ୍ଚାରୁ ସୃଷ୍ଟି ହୋଇଥାଏ। ଗୋଷ୍ଠୀଗତ ନିଯୋଗ ବହୁବିଧ କାର୍ଯ୍ୟକଳାପର ପରିସର ଦେଇ ଗତି କରିଥାଏ ଯେଉଁ ଧରଣର କାର୍ଯ୍ୟକଳାପ



ଏନ୍‌ଏସ୍‌ଏସ୍ ଏବଂ ଏନ୍‌ୱାଇକେଏସ୍‌ଗୁଡ଼ିକ ପ୍ରଦର୍ଶନ କରିଥାନ୍ତି। ଯୁବ ବର୍ଗ, ଯେଉଁମାନେ କି ଅତ୍ୟନ୍ତ ସ୍ପଷ୍ଟ ଭାବରେ ଜନସଂଖ୍ୟାର ଏକ ବଡ଼ ଅଂଶକୁ ପ୍ରତିନିଧିତ୍ୱ କରୁଛନ୍ତି, ସେମାନଙ୍କୁ ଗୋଷ୍ଠୀଗତ ସେବା ନିମନ୍ତେ ପ୍ରବର୍ତ୍ତା ଯାଇ ପାରିବ।

ଯୁବ ବ୍ୟାପାର ମନ୍ତ୍ରଣାଳୟ ଏହା ଅଧୀନରେ ଦୁଇଗୋଟି ପ୍ରମୁଖ ସଂଗଠନ ରଖିଛି ଯଥା, ନେହରୁ ଯୁବ କେନ୍ଦ୍ର ସଂଗଠନ (ଏନ୍‌ୱାଇକେଏସ୍) ଏବଂ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଯେଉଁ ସଂଗଠନଗୁଡ଼ିକ ଯୁବ ବର୍ଗଙ୍କର ସ୍ୱେଚ୍ଛାକୃତ ଭିତ୍ତିରେ ଗୋଷ୍ଠୀଗତ ନିଯୋଗକୁ ସଂଯୋଜିତ କରିଥାନ୍ତି। ଏବଂ ଏହା ମୂଳତଃ ଯୁବ ବର୍ଗଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ମନୋଭାବକୁ ବୃଦ୍ଧି କରାଇବା ଉପରେ ପର୍ଯ୍ୟବସିତ। ଏଭଳି ସେବାଗୁଡ଼ିକ ପାଇଁ ବାଧ୍ୟତାମୂଳକ ନିଯୁକ୍ତି ଅପେକ୍ଷା ସ୍ୱେଚ୍ଛାସେବୀ ମନୋଭାବ ଅଧିକ ପସନ୍ଦଯୋଗ୍ୟ ବୋଲି କାର୍ଯ୍ୟକଳାପର ଏକ ବ୍ୟାପକ ପରିସରରେ ପରିଲକ୍ଷିତ ହୋଇଛି; ଏନ୍‌ଏସ୍‌ଏସ୍/ଏନ୍‌ୱାଇକେଏସ୍ ସ୍ୱେଚ୍ଛାସେବୀମାନେ ହାତକୁ ନେଇଥିବା କାର୍ଯ୍ୟକଳାପର ଅଣପାରମ୍ପରିକ କ୍ଷେତ୍ରଗୁଡ଼ିକରେ ଏହା ଉପରେ ଗୁରୁତ୍ୱ ଦିଆଯାଇଛି। ଏବଂ ପରିସ୍ଥିତି ପ୍ରତି ଯୁବକମାନଙ୍କ ପ୍ରତିକ୍ରିୟାର ଏହି ପ୍ରକ୍ରିୟାରେ ହିଁ ସାମାଜିକ ମୂଲ୍ୟବୋଧ ସାମ୍ନାକୁ ଆସିଥାଏ, ସେମାନଙ୍କର ଏପରି ସାମାଜିକ ବନ୍ଧନରେ ନିଯୋଗ ଜରିଆରେ।

**ନେହରୁ ଯୁବ କେନ୍ଦ୍ର ସଂଗଠନ (ଏନ୍‌ୱାଇକେଏସ୍)**

୧୯୭୨ରେ ଆରମ୍ଭ ହୋଇଥିବା ଏନ୍‌ୱାଇକେଏସ୍ ଯୋଜନା ହେଉଛି ବିଶ୍ୱର ସର୍ବବୃହତ୍ ସଂଗଠନମାନଙ୍କ ମଧ୍ୟରୁ ଅନ୍ୟତମ। ସମ୍ପ୍ରତି ଏନ୍‌ୱାଇକେଏସ୍ ଯୋଜନା ଅଧୀନରେ ୧.୨୯ଲକ୍ଷରୁ ଅଧିକ ସଂଖ୍ୟକ ଯୁବକ ସଂଘ ବା କ୍ଲବ୍ ଜରିଆରେ ୮.୭ ନିୟୁତ ଯୁବବର୍ଗ ପଞ୍ଜୀକୃତ ହୋଇଛନ୍ତି। ୬୨୩ ଜିଲ୍ଲାରେ ନେହରୁ ଯୁବ କେନ୍ଦ୍ର ମାଧ୍ୟମରେ ଏନ୍‌ୱାଇକେଏସ୍‌ର ଉପସ୍ଥିତି ରହିଛି। ଏହାର ଉଦ୍ଦେଶ୍ୟ ହେଉଛି, ଯୁବ ବର୍ଗଙ୍କ ମଧ୍ୟରେ ବ୍ୟକ୍ତିତ୍ୱ ଓ ନେତୃତ୍ୱ ନେବାର ଗୁଣରେ ବିକାଶ ଘଟାଇବା ଏବଂ ସେମାନଙ୍କୁ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିବା। ଏନ୍‌ୱାଇକେଏସ୍‌ର କାର୍ଯ୍ୟକଳାପଗୁଡ଼ିକ ପ୍ରତ୍ୟେକ ଜିଲ୍ଲାରେ ଜଣେ ଜିଲ୍ଲା ସଂଯୋଜକ ଏବଂ ପ୍ରତ୍ୟେକ ବ୍ଲକ୍‌ରେ ଦୁଇଜଣ ରାଷ୍ଟ୍ରୀୟ ଯୁବ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସମ୍ପାଦିତ କରା ଯାଇଥାଏ। ଏଥି ସହିତ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ମୁଖ୍ୟାଳୟ ରହିବା ସଙ୍ଗେ ସଙ୍ଗେ ରାଜ୍ୟ ସ୍ତରରେ ଏନ୍‌ୱାଇକେଏସ୍‌ର ୨୯ଟି ଜୋନାଲ୍ କାର୍ଯ୍ୟାଳୟ ରହିଛି।

ଏହାର ଅନେକଗୁଡ଼ିଏ କାର୍ଯ୍ୟକଳାପ ଭିତରୁ ଅଳ୍ପ କେତେଗୋଟିର ସୂଚନା ନିମ୍ନରେ ପ୍ରଦତ୍ତ ହୋଇଛି:

- ଯୁବ ନେତୃତ୍ୱ ଏବଂ ଗୋଷ୍ଠୀ ବିକାଶ ଉପରେ ପ୍ରଶିକ୍ଷଣ: ଅନ୍ୟମାନଙ୍କୁ ଏକ ଅର୍ଥପୂର୍ଣ୍ଣ ଜୀବନ ବଞ୍ଚିବା ସହିତ ରାଷ୍ଟ୍ର ନିର୍ମାଣ ନିମନ୍ତେ ସେମାନଙ୍କର ଅବଦାନ ରଖିବାରେ ସାହାଯ୍ୟ କରିବା ନିମନ୍ତେ ଯୁବ ବର୍ଗଙ୍କ ମଧ୍ୟରେ ନେତୃତ୍ୱ ନେବାର ସାମର୍ଥ୍ୟକୁ ବୃଦ୍ଧି କରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହା ଏକ ୫ ଦିନିଆ କାର୍ଯ୍ୟକ୍ରମ। ୨୦୧୭-୧୮ରେ ଏଭଳି ୪୫୦ଟି କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା ଯେଉଁଥିରେ ୧୯,୦୦୦ ଯୁବକ ଯୁବତୀ ଭାଗ ନେଇଥିଲେ।
- ଯୁବ ସମ୍ମିଳନୀ ଏବଂ ଯୁବ କୃତୀ: ଗ୍ରାମାଞ୍ଚଳର ଯୁବ ପାଠକମାନଙ୍କୁ ସେମାନଙ୍କ ଉତ୍ପାଦର ପ୍ରଦର୍ଶନ କରିବା ନିମନ୍ତେ ତଥା ସେମାନଙ୍କ ନିଜକୁ ବ୍ୟକ୍ତ କରିବା ନିମନ୍ତେ, ସେମାନଙ୍କର ଅନୁଭୂତି ଅଭିଜ୍ଞତାକୁ ଅନ୍ୟମାନଙ୍କ ସହିତ ବାଣ୍ଟିବା ପାଇଁ ତଥା ଯୁବ ସଶକ୍ତୀକରଣ ନିମନ୍ତେ ଉତ୍ତମ କାର୍ଯ୍ୟଗୁଡ଼ିକ ସମ୍ବନ୍ଧରେ ପରାମର୍ଶ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମଟି ସବୁ ଜିଲ୍ଲା ଏନ୍‌ୱାଇକେମାନଙ୍କ ଦ୍ୱାରା ବାର୍ଷିକ ଭିତ୍ତିରେ ଅନୁଷ୍ଠିତ କରାଯାଇଥାଏ। ୨୦୧୭-୧୮ରେ ୨,୦୬,୦୦୦ ଯୁବକ ଯୁବତୀଙ୍କୁ ସମ୍ପୃକ୍ତ କରି ଏଭଳି ୩୦୦ରୁ ଅଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।
- ଯୁବ ଆଦର୍ଶ ଗ୍ରାମ ବିକାଶ କାର୍ଯ୍ୟକ୍ରମ: କେତେକ ବଛାବଛା ଜିଲ୍ଲାରେ ଯୁବ ବର୍ଗଙ୍କ ଦ୍ୱାରା ଯୁବକମାନଙ୍କ ପାଇଁ ଏକ ଗ୍ରାମକୁ ଆଦର୍ଶ ଗ୍ରାମ ଭାବରେ ବିକଶିତ କରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ଗ୍ରାମଗୁଡ଼ିକୁ ଖୋଲାରେ ମଳତ୍ୟାଗ ମୁକ୍ତ କରାଇବା, ୧୦୦ ପ୍ରତିଶତ ଟୀକାକରଣ, ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କର ୧୦୦ ପ୍ରତିଶତ ନାମଲେଖା, ପରିଷ୍କାର ପରିଚ୍ଛନ୍ନତା, ପ୍ରତିଷେଧାତ୍ମକ ସ୍ୱାସ୍ଥ୍ୟସେବା, ସରକାରଙ୍କର ଛାମୁଆ ଜନହିତକର କାର୍ଯ୍ୟକ୍ରମଗୁଡ଼ିକର ଲୋକପ୍ରିୟତା ବୃଦ୍ଧି ଇତ୍ୟାଦି ଅନ୍ତର୍ଭୁକ୍ତ। ୨୦୧୭-୧୮ (୩୧.୧୨.୨୦୧୭ ପର୍ଯ୍ୟନ୍ତ)ରେ ଏହା ଏକ ବର୍ଷବ୍ୟାପି କାର୍ଯ୍ୟକ୍ରମ ଥିଲା, ଏହା ୭୮ଗୋଟି ନିର୍ବାଚିତ ଜିଲ୍ଲାରେ ସମ୍ପନ୍ନ କରାଯାଇଥିଲା।
- ଆଦିବାସୀ ବା ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମ (ଟିୱାଇଇପି): ଘରୋଇ ବ୍ୟାପାର ମନ୍ତ୍ରଣାଳୟରୁ ପାଣ୍ଠି ଲାଭ କରି ପ୍ରତି ବର୍ଷ ଏହି କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ବାମପନ୍ଥୀ ଚରମପନ୍ଥୀ କାର୍ଯ୍ୟକଳାପ ଦ୍ୱାରା ଆକ୍ରାନ୍ତ ଜନଜାତି ଅଧ୍ୟୁଷିତ ଅଞ୍ଚଳମାନଙ୍କରୁ ଯୁବ ବର୍ଗଙ୍କୁ ଅଣାଯାଇ ସେମାନଙ୍କୁ ଦେଶର ସୁସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସମ୍ବନ୍ଧରେ ସଚେତନ କରାଇବା, ବିକାଶମୂଳକ କାର୍ଯ୍ୟକଳାପଗୁଡ଼ିକ ପ୍ରତି ସେମାନଙ୍କୁ ଉନ୍ମୁଖ କରାଇବା ଏବଂ ଦେଶର ଅନ୍ୟାନ୍ୟ ଅଞ୍ଚଳର ଲୋକମାନଙ୍କ ସହିତ ଭାବଗତ ସମ୍ପର୍କ ବଢ଼ାଇବାରେ ସମର୍ଥ କରାଇବା ନିମନ୍ତେ ସଚେତନ କରାଯାଇଥାଏ। ୨୦୧୭-୧୮ରେ ୨୦୦୦ରୁ ଅଧିକ ସଂଖ୍ୟକ ଆଦିବାସୀ ଯୁବକଙ୍କୁ ନେଇ ଏହିଭଳି ୧୦ ଗୋଟି କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା।
- ଏକ ଭାରତ ଶ୍ରେଷ୍ଠ ଭାରତ (ଆନ୍ତଃରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ): 'ଏକ ଭାରତ ଶ୍ରେଷ୍ଠ



ଭାରତ’ କାର୍ଯ୍ୟକ୍ରମ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୩୧ ଅକ୍ଟୋବର, ୨୦୧୫ରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ୧୪୦ତମ ଜନ୍ମବାର୍ଷିକୀ ଅବସରରେ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଆମ ଦେଶର ବିବିଧତା ମଧ୍ୟରେ ଏକତାକୁ ପାଳନ କରିବା ଏବଂ ଦେଶର ଲୋକମାନଙ୍କ ମଧ୍ୟରେ ପାରମ୍ପରିକ ଭାବରେ ରହି ଆସିଥିବା ଭାବଗତ ସମ୍ପର୍କର ରଜ୍ଜୁକୁ ଅଧିକ ଦୃଢ଼ କରିବା, ରାଜ୍ୟମାନଙ୍କ ମଧ୍ୟରେ ଏକ ବର୍ଷବ୍ୟାପି ସମ୍ପର୍କ ରଖିବାର ଯୋଜନା ଜରିଆରେ ସମସ୍ତ ଭାରତୀୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କ ଭିତରେ ଏକ ଗଭୀର ତଥା ସୁସଂଯୋଜିତ ସମ୍ପର୍କ ପ୍ରତିଷ୍ଠା କରି ଜାତୀୟ ସଂହତିର ଭାବନାକୁ ପ୍ରୋତ୍ସାହିତ କରିବା, ଲୋକମାନଙ୍କୁ ଭାରତର ବିବିଧତାକୁ ବୁଝିବା ଏବଂ ପସନ୍ଦ କରିବା ନିମନ୍ତେ ପ୍ରତ୍ୟେକ ରାଜ୍ୟର ସୁସମୃଦ୍ଧ ଐତିହ୍ୟ ଓ ସଂସ୍କୃତି, ପ୍ରଥା ଓ ପରମ୍ପରାକୁ ପ୍ରଦର୍ଶିତ କରିବା। ଏହି କାର୍ଯ୍ୟକ୍ରମଟି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନରେ ପ୍ରଶାସନିକ ସଂଯୋଜନା ଦ୍ୱାରା ପରିଚାଳିତ।

୨୦୧୭- ୧୮ ବର୍ଷ ପାଇଁ ନେହରୁ ଯୁବ କେନ୍ଦ୍ର ସଂଗଠନ ୧୫ ହଳ ବା ଯୋଡ଼ା ରାଜ୍ୟରେ ଆନ୍ତରାଜ୍ୟ ଯୁବ ବିନିୟମ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଯଥା, ତେଲେଙ୍ଗାନା ଏବଂ ହରିୟାନା; କେରଳ ଏବଂ ହିମାଚଳ ପ୍ରଦେଶ: ତାମିଲନାଡୁ ଏବଂ ଜାମ୍ମୁ- କାଶ୍ମୀର; ଓଡ଼ିଶା ଏବଂ ମହାରାଷ୍ଟ୍ର, ଝାଡ଼ଖଣ୍ଡ ଏବଂ ଗୋଆ; କର୍ଣ୍ଣାଟକ ଏବଂ ଉତ୍ତରାଖଣ୍ଡ; ମେଘାଳୟ ଏବଂ ଉତ୍ତରପ୍ରଦେଶ, ସିକ୍କିମ୍ ଏବଂ ଦିଲ୍ଲୀ; ମଣିପୁର ଏବଂ ମଧ୍ୟପ୍ରଦେଶ; ମହାରାଷ୍ଟ୍ର ଏବଂ ଓଡ଼ିଶା ଇତ୍ୟାଦି।

**ଅନ୍ୟାନ୍ୟ କାର୍ଯ୍ୟକଳାପ**

ଅନ୍ୟାନ୍ୟ ମନ୍ତ୍ରଣାଳୟ ସହିତ ମିଶି ଏନ୍‌ୱାଇକେଏସ୍ ବିଭିନ୍ନ ପ୍ରକାରର କାର୍ଯ୍ୟକଳାପ ସମ୍ପାଦନ କରିଥାଏ ଯଥା ବୃକ୍ଷ ରୋପଣ, ରକ୍ତଦାନ ଶିବିର ଏବଂ ସ୍ୱେଚ୍ଛାସେବୀ ରକ୍ତଦାନକାରୀଙ୍କ ନାମ ପଞ୍ଜୀକରଣ, ଛୋଟ ପିଲାମାନଙ୍କ ଟୀକାକରଣ (ଅପରେସନ୍: ଇନ୍ଦ୍ରଧନୁଷ), ମା’ମାନଙ୍କର ଟୀକାକରଣ, ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଇତ୍ୟାଦି। ଯୁବ ବର୍ଗଙ୍କୁ ସମ୍ପୃକ୍ତ କରାଇବାର ସଦ୍ୟତମ କାର୍ଯ୍ୟକ୍ରମ ହେଉଛି ଚାଲୁ ରହିଥିବା ସ୍ୱଚ୍ଛ ଭାରତ ଗ୍ରୀଷ୍ମକାଳୀନ ଇଣ୍ଟର୍ଣ୍ଣସିପ୍ ବା ଶିକ୍ଷାନବୀଶ କାର୍ଯ୍ୟକ୍ରମ ଯାହା ପାନୀୟ ଜଳ ଏବଂ ଶୌଚ ମନ୍ତ୍ରଣାଳୟ ଅଧୀନରେ ସମ୍ପାଦିତ ହେଉଛି ଯେଉଁଥିରେ ଯୁବ ବର୍ଗଙ୍କୁ ସ୍ୱଚ୍ଛତା ସମ୍ପର୍କିତ ପ୍ରସଙ୍ଗ ସମୂହ ତଥା ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ପ୍ରସାର କାର୍ଯ୍ୟରେ ୧୦୦ ଘଣ୍ଟାର ସ୍ୱେଚ୍ଛାସେବୀ କାର୍ଯ୍ୟରେ ନିୟୋଗ କରାଯିବ। ସେହିଭଳି ଜଳ ସମ୍ବଳ ମନ୍ତ୍ରଣାଳୟ ଅଧୀନରେ ଏନ୍‌ୱାଇକେଏସ୍ ଯୁବ ବର୍ଗ ଗଙ୍ଗା ପରିଷ୍କରଣ ମିଶନ ଅଧୀନରେ ନମାମି ଗଙ୍ଗେ କାର୍ଯ୍ୟକ୍ରମରେ ନିୟୋଗ ହୋଇଛନ୍ତି।

● ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍): ସ୍ୱେଚ୍ଛାସେବୀ ଗୋଷ୍ଠୀଗତ ସେବା ଜରିଆରେ ଯୁବ ଛାତ୍ରମାନଙ୍କ ବ୍ୟକ୍ତିତ୍ୱ ଏବଂ ଚରିତ୍ର ବିକଶିତ କରିବାର ପ୍ରାଥମିକ ଲକ୍ଷ୍ୟ ନେଇ ୧୯୬୯ ମସିହାରେ ଏନ୍‌ଏସ୍‌ଏସ୍ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏନ୍‌ଏସ୍‌ଏସ୍‌ର ଉଦ୍ଦେଶ୍ୟ ହେଉଛି- ‘ସେବା ମାଧ୍ୟମରେ ଶିକ୍ଷା’। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଏନ୍‌ଏସ୍‌ଏସ୍‌ର ଆଦର୍ଶବାଦୀ ଢାଞ୍ଚା ବା ମନୋଭାବ ଅନୁପ୍ରାଣୀତ। ଯଥାର୍ଥରେ ଏନ୍‌ଏସ୍‌ଏସ୍‌ର ଉଦ୍ଦେଶ୍ୟ ହେଉଛି- ‘ମୋତେ ନୁହେଁ, ବରଂ ତୁମକୁ’। ଏନ୍‌ଏସ୍‌ଏସ୍ ୧୯୬୯ ମସିହାରେ ୩୭ଟି ବିଶ୍ୱବିଦ୍ୟାଳୟରେ ୪୦,୦୦୦ ସ୍ୱେଚ୍ଛାସେବୀଙ୍କୁ ନେଇ ଆରମ୍ଭ କରା ଯାଇଥିଲା। ବର୍ତ୍ତମାନ ଏନ୍‌ଏସ୍‌ଏସ୍‌ର ୩୯,୬୯୫ଟି ୟୁନିଟ୍‌ରେ ୩.୬୬ ମିଲିଅନ୍ ସ୍ୱେଚ୍ଛାସେବୀ ପଞ୍ଜୀକୃତ ହୋଇଛନ୍ତି ଯାହା ୩୯୧ଟି ବିଶ୍ୱବିଦ୍ୟାଳୟ/ ଯୁକ୍ତଦୁଇ ପରିଷଦ ଏବଂ ୧୬,୨୭୮ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ପ୍ରସାରିତ ହୋଇଛି।

● ମୌଳିକ ଢାଞ୍ଚା/ କାର୍ଯ୍ୟକ୍ରମର ସଂରଚନା: ଏନ୍‌ଏସ୍‌ଏସ୍‌ର ଢାଞ୍ଚା ଉଲ୍ଲେଖ କରେ ଯେ ଯୋଜନା ଅଧୀନରେ ଆସୁଥିବା ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ୧୦୦ ଜଣ ସ୍ୱେଚ୍ଛାସେବୀ ବିଦ୍ୟାର୍ଥୀ (ସାଧାରଣରେ)ଙ୍କୁ ନେଇ ଅନ୍ତତଃପକ୍ଷେ ଗୋଟିଏ ଏନ୍‌ଏସ୍‌ଏସ୍ ୟୁନିଟ୍ ରହିବ ଯାହାର ପ୍ରୋଗ୍ରାମ୍ ଅଫିସର(ପିଓ- କାର୍ଯ୍ୟକ୍ରମ ଅଧିକାରୀ) ଭାବରେ ଜଣେ ଶିକ୍ଷକ ନେତୃତ୍ୱ ନେଉଥିବେ- ପ୍ରତ୍ୟେକ ଏନ୍‌ଏସ୍‌ଏସ୍ ୟୁନିଟ୍ ନିଜର କାର୍ଯ୍ୟକଳାପ ସମ୍ପନ୍ନ କରିବା ନିମନ୍ତେ ଗୋଟିଏ ଗ୍ରାମ ବା ବସ୍ତିକୁ ପୋଷ୍ୟଗ୍ରାମ/ ବସ୍ତି ଭାବରେ ଗ୍ରହଣ କରିବେ। ପ୍ରତ୍ୟେକ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ବାର୍ଷିକ ୧୨୦ ଘଣ୍ଟା ହିସାବରେ ଦୁଇବର୍ଷ ପାଇଁ ସେବା ପ୍ରଦାନ କରିବେ ଅର୍ଥାତ୍ ମୋଟ ୨୪୦ ଘଣ୍ଟାର ସେବା ପ୍ରଦାନ କରିବେ। ଏଥି ସହିତ ପ୍ରତ୍ୟେକ ସ୍ୱେଚ୍ଛାସେବୀ ପୋଷ୍ୟଗ୍ରାମ ବା ସହରାଞ୍ଚଳର ବସ୍ତିରେ ଏନ୍‌ଏସ୍‌ଏସ୍ ୟୁନିଟ୍ ଦ୍ୱାରା ଆୟୋଜିତ ୭ ଦିନିଆ ଅବଧିର ଏକ ବିଶେଷ ଶିବିରରେ ଯୋଗ ଦେବା ଆବଶ୍ୟକ।

● ଏନ୍‌ଏସ୍‌ଏସ୍ ଅଧୀନରେ ସମ୍ପନ୍ନ କରାଯାଉଥିବା କାର୍ଯ୍ୟକଳାପର ସ୍ୱଭାବ: ଏନ୍‌ଏସ୍‌ଏସ୍‌ର ମୂଳ କାର୍ଯ୍ୟକଳାପ ହେଉଛି ଗୋଷ୍ଠୀଗତ ସେବା ପ୍ରଦାନ କରିବା। କାର୍ଯ୍ୟକଳାପର ସଂକ୍ଷିପ୍ତ ସ୍ୱଭାବ ଗୋଷ୍ଠୀର ଆବଶ୍ୟକତା ଅନୁରୂପ ହୋଇ ଚାଲିଛି। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ କାର୍ଯ୍ୟ କରୁଥିବା କେତେକ କ୍ଷେତ୍ର ହେଉଛି, ଶିକ୍ଷା, ସ୍ୱାସ୍ଥ୍ୟ, ପରିବାର ଉନ୍ନୟନ ଓ ଶୌଚ ବ୍ୟବସ୍ଥା, ପରିବେଶ ଓ ସଂରକ୍ଷଣ, ସାମାଜିକ ସେବା କାର୍ଯ୍ୟକ୍ରମ, ମହିଳାମାନଙ୍କ ସ୍ଥିତିରେ ଉନ୍ନତି ନିମନ୍ତେ କାର୍ଯ୍ୟକ୍ରମ, ଉତ୍ପାଦନଭିତ୍ତିକ କାର୍ଯ୍ୟକ୍ରମ, ବିପର୍ଯ୍ୟୟ/ ପ୍ରାକୃତିକ ଦୁର୍ବିପାକ ସମୟରେ ରିଲିଫ୍ ଏବଂ ଥଇଥାନ କରିବା ଇତ୍ୟାଦି। ଏତଦ୍ ବ୍ୟତୀତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଅନ୍ୟାନ୍ୟ କେତେକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥାନ୍ତି ଯଥା ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ଶିବିର, ଦୁଃସାହସିକ ଶିବିର, ଜାତୀୟ ସଂହତି ଶିବିର ଏବଂ ଉତ୍ତର ପୂର୍ବ ଏନ୍‌ଏସ୍‌ଏସ୍ ଶିବିର, ଜାତୀୟ ଯୁବ ଉତ୍ସବ ସମୟରେ 'ସୁବିଚାର' ଏବଂ 'ଯୁବ ସମ୍ମେଳନ' ଭଳି କାର୍ଯ୍ୟକ୍ରମମାନଙ୍କରେ।

ଯୁବ ବର୍ଗ ଉତ୍ପାଦନକ୍ଷମ କର୍ମଶକ୍ତିର ସମାହାର ଏବଂ ଅନୁଭୂତି ଓ ଅଭିଜ୍ଞତା ଲାଭ କଲେ ସେମାନେ ନିଜ ନିଜ କ୍ଷେତ୍ରରେ ଜଣେ ଜଣେ ନେତୃତ୍ୱ ନେବା ଭଳି ବ୍ୟକ୍ତିବିଶେଷ ହୋଇ ପାରିବେ। ଏକ ରାଷ୍ଟ୍ର ଭାବରେ ଭାରତ ସଂସ୍କୃତି, ସମ୍ପ୍ରଦାୟ, ଭାଷା, ସମାଜ ଏବଂ ଧର୍ମ ଦୃଷ୍ଟିରୁ ବିବିଧତାର ଆଶ୍ରୟ ସ୍ଥଳୀ। ଭୌଗୋଳିକ ଦୃଷ୍ଟିକୋଣରୁ ମଧ୍ୟ ଏହା ବିବିଧତାର ସମାହାର, ଅବର୍ଣ୍ଣନୀୟ ଭାବରେ ଏହା ଭିନ୍ନ ଭିନ୍ନ ଉପାୟଗୁଡ଼ିକୁ ନିର୍ଣ୍ଣୟ କରିଥାଏ ଯେଉଁ ଅନୁସାରେ ସମାଜଗୁଡ଼ିକ ଭୌଗୋଳିକ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇଥାନ୍ତି ତଥା ସେମାନଙ୍କ ଜୀବନଶୈଳୀକୁ ରୂପରେଖ ଦେଇଥାନ୍ତି। କିନ୍ତୁ ଏସବୁ ବିବିଧତା ସତ୍ତ୍ୱେ ଦେଶର ବିଭିନ୍ନ ସମାଜ ଏବଂ ସମ୍ପ୍ରଦାୟ ମଧ୍ୟରେ ଏକ ସମାନ ସୂତ୍ର ପ୍ରବହମାନ। ସମ୍ଭବତଃ ମହାକାବ୍ୟଗୁଡ଼ିକ- ମହାଭାରତ ଏବଂ ରାମାୟଣ ହେଉଛି ଏହାର ସର୍ବୋତ୍କୃଷ୍ଟ ଉଦାହରଣ ଯାହା ସମସ୍ତ ଭାରତୀୟ ଭାଷାରେ ଅନୂଦିତ ଏବଂ ଏସବୁର ମୁଖ୍ୟ କାହାଣୀ ସମାନ ରହିଛି; କେବଳ ଉପ- କାହାଣୀଗୁଡ଼ିକ (ମହାଭାରତରେ ଉପାଖ୍ୟାନ କୁହାଯାଏ) ହୁଏତ ସମାନ ବିଷୟବସ୍ତୁର ଚାରିପଟେ ଭିନ୍ନ ଭିନ୍ନ ଢଙ୍ଗରେ ଯାହା ଘୂରୁଥାଏ। ସମସାମୟିକ ସମୟକୁ ଆସିଲେ ଦେଖିବାକୁ ମିଳେ ଯେ ଆଇଟି (ସୂଚନା ପ୍ରଯୁକ୍ତିବିଦ୍ୟା)ର ବ୍ୟବହାର ଏବଂ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରସଙ୍ଗ ସମ୍ବନ୍ଧରେ ସେମାନଙ୍କର ଧାରଣା ଦୃଷ୍ଟିରୁ ସାରା ଦେଶରେ ଊଣା ଅଧିକେ ସେମାନଙ୍କ ମଧ୍ୟରେ ସମାନ ପ୍ରକାରର ମନୋଭାବ ଦେଖିବାକୁ ମିଳେ। ଆଜିକାର ଯୁବ ବର୍ଗ ଜନ୍ମସ୍ଥାନ, ସମ୍ପ୍ରଦାୟ ନିର୍ବିଶେଷରେ ବିକାଶ, ଭାବ ବିନିମୟ, କର୍ମ ନିଯୁକ୍ତି, ନିଜର ସାମର୍ଥ୍ୟ ପ୍ରଦର୍ଶନ କରିବା ନିମନ୍ତେ ସୁଯୋଗ ସମ୍ବନ୍ଧରେ କହିଥାନ୍ତି।

**ସ୍ୱେଚ୍ଛାକୃତ ନିଯୋଗଗୁଡ଼ିକର କେତେକ ଉଦାହରଣ:**

ସ୍ୱେଚ୍ଛାକୃତ ସାମାଜିକ ନିଯୋଗର କେତେକ ଈର୍ଷଣୀୟ ଲାଭ ରହିଛି। ଏହା ଗୋଷ୍ଠୀକୁ, ଏହାର ପରିବେଶକୁ ତଥା ଏହାର ସୁବିଧା ଅସୁବିଧାଗୁଡ଼ିକୁ ଜାଣିବାରେ ଏବଂ ବୁଝିବାରେ ଯୁବ ବର୍ଗଙ୍କୁ ସାହାଯ୍ୟ କରିଥାଏ। ଏହା ତାଙ୍କର କ୍ଷେତ୍ରୀୟ ଜ୍ଞାନର ପରିସରକୁ ବୃଦ୍ଧି କରାଇଥାଏ ଯାହା ଏକ ପ୍ରଦତ୍ତ ସମସ୍ୟା ବା ପରିସ୍ଥିତି ପ୍ରଦାନ କରାଗଲେ ତା'ର ବିଶ୍ଳେଷଣ କରିବା ନିମନ୍ତେ ତୁଳନାତ୍ମକ ଆଭିମୁଖ୍ୟଟିଏ ଆପଣାଇବାରେ ସେମାନଙ୍କୁ ସାହାଯ୍ୟ କରିଥାଏ। ଥରେ ବାସ୍ତବ ସ୍ଥିତିକୁ ନିଜେ ଦେଖିବା ପରେ ଯୁବ ବର୍ଗଙ୍କୁ ପ୍ରସଙ୍ଗଟି ସମ୍ବନ୍ଧରେ ବିସ୍ତାରିତ ଦୃଷ୍ଟିକୋଣ ମିଳିବ। ଏହା ମଧ୍ୟ ସେମାନଙ୍କୁ ଯଥାଯଥ ଏବଂ ନ୍ୟାୟୋଚିତ ହେବାରେ ସାହାଯ୍ୟ କରିଥାଏ। ଯୁବକ ବା ଯୁବତୀଟିଏ ବୁଝିବାକୁ ଆରମ୍ଭ କରିଥାଏ ଯେ ଏକ ଅବସ୍ଥା ବା ପରିସ୍ଥିତି, ସେ ଅନ୍ୟତ୍ର ଯାହା ଦେଖିଥିଲା, ସାମ୍ପ୍ରତିକ ଅବସ୍ଥା ବା ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ତା'ର ବୀପରିତ ହୋଇପାରେ ଏବଂ ଅବସ୍ଥା ବା ପରିସ୍ଥିତି ଦୃଷ୍ଟିରୁ ଉଭୟ ଠିକ୍ ହୋଇଥାଇ ପାରନ୍ତି। ଏହା ତାଙ୍କୁ ଅନ୍ୟାନ୍ୟ ଦୃଷ୍ଟିକୋଣକୁ ସାଦରେ ଗ୍ରହଣ କରିବାରେ ସାହାଯ୍ୟ କରିଥାଏ। ସଂକ୍ଷେପରେ କୁହାଯାଇପାରେ ଯେ ସ୍ୱେଚ୍ଛାସେବକ ମନୋବୃତ୍ତି 'ଭାବପ୍ରବଣତାର ଉପଲବ୍ଧି'କୁ ବଢ଼ାଇବା ଦିଗରେ ଅବଦାନ ରଖିଥାଏ ଯାହା କୈଶୋରରୁ ପ୍ରାପ୍ତବୟସ୍କ ଅବସ୍ଥାକୁ ପରିବର୍ତ୍ତନର ଅବସ୍ଥାରେ ସମ୍ମୁଖୀନ ହେଉଥିବା ପ୍ରସଙ୍ଗଗୁଡ଼ିକୁ ପରିଚାଳନା କରିବାରେ ଅତି ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ଏନ୍‌ୱାଇକେଏସ୍/ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଏଭଳି କେତେକ କାର୍ଯ୍ୟର ଉଦାହରଣ ବିଶଦ ଭାବରେ ଏହାକୁ ପ୍ରଦର୍ଶିତ କରିଥାଏ।

● ଗିରି ବିକାଶ ପ୍ରକଳ୍ପ: ଶିକ୍ଷା/ ସାକ୍ଷରତା ଆଦିବାସୀ ଲୋକମାନଙ୍କୁ ରାଷ୍ଟ୍ରୀୟ ମୁଖ୍ୟସ୍ରୋତରେ ମିଶାଇବାରେ ଭୂମିକା ନିର୍ବାହ କରି ପାରିବ ବୋଲି ଅନୁଭବ କରି ନେହରୁ ଯୁବ କେନ୍ଦ୍ର ପଲକ୍କଡ୍, କେରଳ ଜିଲ୍ଲା ପ୍ରଶାସନର ସହାୟତାରେ ପରୀକ୍ଷାମୂଳକ ଭାବରେ ଗିରି ବିକାଶ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଲା। ପଲକ୍କଡ଼ର ମାଲାମ୍‌ପୁଝା ଗ୍ରାମରେ ୧.୫ ଏକର ଜମି ଉପରେ ନିର୍ମିତ ଗିରିବିକାଶ ପରିସର ସ୍ଥାପିତ ହୋଇଛି ଯାହା ମଧ୍ୟରେ ରହିଛି ଶିକ୍ଷା ଏବଂ ପ୍ରଶାସନିକ ବ୍ଲକ୍, ବାଳିକା ଏବଂ ବାଳକମାନଙ୍କ ପାଇଁ ଛାତ୍ରାବାସ। କେରଳ ରାଜ୍ୟ ଜନଜାତି ବିକାଶ ବିଭାଗ ଏହି ପ୍ରକଳ୍ପକୁ ସହାୟତା ପ୍ରଦାନ କରିଥିଲା।

ପ୍ରକଳ୍ପଟି ଅନୁକୂଳ ଅଧ୍ୟୟନ ପରିବେଶ, ଶୈକ୍ଷିକ ତଥା ଶିକ୍ଷା ନିମନ୍ତେ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଏସ୍‌ଏସ୍‌ଏଲ୍‌ସି (ସେକେଣ୍ଡାରୀ ସ୍କୁଲ୍ ଲିଭିଂ ସାର୍ଟିଫିକେଟ୍)/ ଯୁକ୍ତଦୁଇ ଫେଲ୍ ହୋଇଥିବା ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପରୀକ୍ଷାରେ ପାସ୍ କରିବା ନିମନ୍ତେ ୧୦ ମାସିଆ ଆବାସିକ ଶିକ୍ଷା ଯୋଗାଇ ଦେଇଥାଏ। ଏହା ମଧ୍ୟ ଆଦିବାସୀମାନଙ୍କ ମନରୁ ହୀନମନ୍ୟତାର ଅନୁଭବକୁ ଦୂରେଇବାର ଲକ୍ଷ୍ୟ ବହନ କରେ, ସ୍ୱାସ୍ଥ୍ୟରକ୍ଷା, ଶୃଙ୍ଖଳା ଏବଂ କଠିନ ପରିଶ୍ରମ ଭଳି ଜୀବନର ପ୍ରମୁଖ ଦିଗଗୁଡ଼ିକ ସେମାନଙ୍କ ମନରେ ଭର୍ତ୍ତି କରି ସେଗୁଡ଼ିକ ଦ୍ୱାରା ସେମାନଙ୍କ ବ୍ୟକ୍ତିତ୍ୱକୁ ନୂଆ ରୂପ ଦିଏ।

ଏସ୍‌ଏସ୍‌ଏଲ୍‌ସି ପାଠ୍ୟକ୍ରମ ବ୍ୟତୀତ ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ଏବଂ କମ୍ପ୍ୟୁଟର ପ୍ରୟୋଗ; ଯୋଗ, କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନେବା; ସ୍ୱାସ୍ଥ୍ୟ ଏବଂ ସାମାଜିକ ପ୍ରସଙ୍ଗଗୁଡ଼ିକର ବିଭିନ୍ନ ଦିଗ ପ୍ରତି ଉନ୍ମୁଖତା ଏବଂ ସାମାଜିକ ଚିନ୍ତକ, ବିଶିଷ୍ଟ ସାହିତ୍ୟିକ, ରାଜନୀତିକ ନେତୃବୃନ୍ଦ ଏବଂ କର୍ମଚାରୀମାନଙ୍କଦ୍ୱାରା ପ୍ରଦତ୍ତ ବକ୍ତବ୍ୟକୁ ଶୁଣିବାର ତଥା ସେମାନଙ୍କ ସହିତ ଆଳାପ ଆଲୋଚନା କରିବାର ସୁଯୋଗ ପ୍ରଦାନ କରାଯାଇଥାଏ।

ଗିରିବିକାଶ ପ୍ରକଳ୍ପ ଆଦିବାସୀ ପୁଅ ଏବଂ ଝିଅମାନଙ୍କୁ ସଫଳତାର ସହିତ ଏସ୍‌ଏସ୍‌ଏଲ୍‌ସି ପରୀକ୍ଷା ଦେବାରେ ତଥା ମୋଟାମୋଟି ୮୮ ପ୍ରତିଶତ ଫଳାଫଳ ହାସଲ କରିବାରେ ସକ୍ଷମ କରାଇଛି।

● ଡ୍ରଗ୍ ଆବ୍ୟୁଜ୍ (ନିଶା ସେବନ) ଏବଂ ମଦ୍ୟପାନର ପ୍ରତିରୋଧ (ଏନ୍‌ଓ୍ୱାଇକେଏସ୍): ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ଆର୍ଥିକ ସହାୟତାରେ 'ନିଶା ସେବନ ଏବଂ ମଦ୍ୟପାନରୁ ନିବୃତ୍ତ କରାଇବା ନିମନ୍ତେ ଏକ ସଚେତନତା ତଥା ଶିକ୍ଷଣ କାର୍ଯ୍ୟକ୍ରମ' ନାମରେ ଏନ୍‌ଓ୍ୱାଇକେଏସ୍ ଏକ ବର୍ଷବ୍ୟାପି ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଥିଲା। ପ୍ରକଳ୍ପଟି ପଞ୍ଜାବର ୧୦ଟି ଜିଲ୍ଲାରେ ୭୫ଟି ବ୍ଲକ୍ ଅଧୀନସ୍ଥ



୩୦୦୦ ଗ୍ରାମ ଏବଂ ମଣିପୁରର ୭ଟି ଜିଲ୍ଲାର ୨୫ଟି ବ୍ଲକ୍ ଅଧୀନସ୍ଥ ୭୫୦ଟି ଗ୍ରାମରେ କାର୍ଯ୍ୟକାରୀ କରାଯାଇଥିଲା।

ପ୍ରକଳ୍ପଟି ସାମୂହିକ ଭାବରେ ନିଶା ଔଷଧ ବା ଡ୍ରଗ୍ସ୍ ଏବଂ ମଦ୍ୟ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବା ନିମନ୍ତେ ଗୋଟିଏ ପକ୍ଷରେ ପ୍ରାପ୍ତବୟସ୍କ ଏବଂ ଯୁବ ବର୍ଗ, ଅତ୍ୟଧିକ ବିପଦଗ୍ରସ୍ତ ତଥା ବିପଦାପନ୍ନ ଗୋଷ୍ଠୀ, ସେମାନଙ୍କ ପରିବାରବର୍ଗ ଓ ଗୋଷ୍ଠୀର ସଦସ୍ୟ ଏବଂ ଅନ୍ୟ ପକ୍ଷରେ ବିଭିନ୍ନ ପ୍ରକାରର ପକ୍ଷଙ୍କ ସଂଗଠିତ ସମର୍ଥନ ଯଥା ଗ୍ରାମଭିତ୍ତିକ ଏନ୍ୱାଇକେଏସ୍ ଯୁବକ ସଂଘ ବା କ୍ଲବ୍, ମହିଳା ଗୋଷ୍ଠୀ, ଗ୍ରାମ ପଞ୍ଚାୟତ, ସ୍ଥାନୀୟ ରାଜନେତା ଏବଂ ଧାର୍ମିକ ନେତା, ଗ୍ରାମର ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଏବଂ ସେବା ପ୍ରଦାନକାରୀଙ୍କ ଧ୍ୟାନ କେନ୍ଦ୍ରିତ କରିଥିଲା।




ପ୍ରକଳ୍ପଟିର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସଚେତନତା ସୃଷ୍ଟି କରିବା, ଲକ୍ଷ୍ୟଭୁକ୍ତ ଶ୍ରେଣୀ ଏବଂ ପକ୍ଷମାନଙ୍କୁ ମଦ୍ୟ ଏବଂ ଡ୍ରଗ୍ସ୍ ବା ନିଶା ଦ୍ରବ୍ୟ ଉପରେ ନିର୍ଭରଶୀଳତାର ପରିଣତି ଏବଂ ପ୍ରଭାବ ତଥା ପ୍ରତିଷେଧକ ବ୍ୟବସ୍ଥା ଆପଣାଇବାର କୌଶଳ ଓ ଏକ ସୁସ୍ଥ ଓ ଅର୍ଥପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ନିଶାଦ୍ରବ୍ୟ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଚିକିତ୍ସା ପାଇଁ ପେସାଦାର ବ୍ୟକ୍ତିମାନଙ୍କର ଆବଶ୍ୟକତା ସମ୍ବନ୍ଧରେ ସାକ୍ଷର କରାଇବା।

ପ୍ରକଳ୍ପ ଅଧୀନରେ ୩୭,୫୦୦ ପ୍ରଶିକ୍ଷିତ ସ୍ଥାନୀୟ ଗ୍ରାମ ଯୁବକ ସଂଘ ବା କ୍ଲବ୍‌ର ସଦସ୍ୟମାନଙ୍କୁ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ ତଥା ସମବର୍ଗୀ ଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ସଚେତନ କରାଯାଇଥିଲା ଏବଂ ୩,୭୫,୦୦୦ ଯୁବକଙ୍କୁ ସାକ୍ଷର କରାଯିବା ସହିତ ୬୨,୬୫୪ ଜଣ ଲୋକଙ୍କୁ ଚିହ୍ନଟ କରାଯାଇଥିଲା ଯେଉଁମାନେ କି ହୁଏତ ଡ୍ରଗ୍ସ୍ ବା ନିଶା ଔଷଧ କିମ୍ବା ମଦ୍ୟପାନରେ ଅଭ୍ୟସ୍ତ ଥିଲେ। ଏତଦ୍ ବ୍ୟତୀତ ଗ୍ରାମ୍ୟ ଗୋଷ୍ଠୀମାନଙ୍କ ମଧ୍ୟରେ ଡ୍ରଗ୍ସ୍‌ର ଅପବ୍ୟବହାର ତଥା ମଦ୍ୟପାନ ଓ ସେଗୁଡ଼ିକର ପରିଣତି ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା, ଲୋକମାନଙ୍କୁ ପ୍ରବର୍ତ୍ତାଇବା, ସୂଚନା ବଣ୍ଟନ ବା ପ୍ରଦାନ କରିବା, ଶିକ୍ଷା ଏବଂ ବଦଳାଇବା ଭଳି ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ସମ୍ପନ୍ନ କରାଯାଇଥିଲା।

● ନମାମି ଗଙ୍ଗେ ଏବଂ ଯୁବ ବର୍ଗ (ଏନ୍ୱାଇକେଏସ୍): ନେହରୁ ଯୁବ କେନ୍ଦ୍ର ସଂଗଠନ ନ୍ୟାସନାଲ ମିଶନ ଫର କ୍ଲିନ୍ ଗଙ୍ଗା (ଏନ୍ଏମ୍ସିଜି) ସହିତ ରାଷ୍ଟ୍ରୀୟ ନଦୀ ଗଙ୍ଗାର ପ୍ରଦୂଷଣକୁ ଏଡ଼ାଇବା, ଏହାର ପୁନରୁଦ୍ଧାର କରିବା ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ୮ ଜୁନ୍ ୨୦୧୬ରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି ଏବଂ ତଦନୁଯାୟୀ 'ନମାମି ଗଙ୍ଗେ କାର୍ଯ୍ୟକ୍ରମରେ ଯୁବ ବର୍ଗଙ୍କ ସମ୍ପୃକ୍ତି' ନାମକ ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଛି।

ପ୍ରକଳ୍ପର ଲକ୍ଷ୍ୟ ହେଉଛି ଏକ ପ୍ରଶିକ୍ଷିତ ତଥା ଅତ୍ୟଧିକ ପରିମାଣରେ ଅନୁପ୍ରେରିତ ସ୍ଥାନୀୟ ଯୁବ ବର୍ଗଙ୍କର ଏକ ଦଳ ବିକଶିତ କରିବା, ସବୁ ଶ୍ରେଣୀର ଲୋକଙ୍କ ସମର୍ଥନ ହାସଲ କରିବାକୁ ସେମାନଙ୍କୁ ସମ୍ବେଦନଶୀଳ କରିବା ତଥା ପ୍ରବର୍ତ୍ତାଇବା ଏବଂ ପ୍ରଦୂଷିତ ଗଙ୍ଗାର ପରିଣତି ଓ ପ୍ରଭାବ ସମ୍ପର୍କରେ ଲକ୍ଷ୍ୟଭୁକ୍ତ ଜନତାଙ୍କୁ ସଚେତନ ଓ ଶିକ୍ଷିତ କରାଇବା ଏବଂ ଗଙ୍ଗାକୁ ପରିଷ୍କାର ପରିଚ୍ଛନ୍ନ କରିବା ଦିଗରେ ବିଦ୍ୟମାନ ବା ପ୍ରଚଳିତ ସରକାରୀ ଯୋଜନା ଓ ସେବାଗୁଡ଼ିକ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା। ବର୍ତ୍ତମାନ ଏହି ପ୍ରକଳ୍ପଟି ୪ ଗୋଟି ରାଜ୍ୟ ଯଥା- ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର ଏବଂ ପଶ୍ଚିମବଙ୍ଗର ୨୯ ଗୋଟି ଜିଲ୍ଲା ଅନ୍ତର୍ଗତ ୧୨୦୩ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ୨୩୩୬ ଗ୍ରାମକୁ ଅନ୍ତର୍ଭୁକ୍ତ କରୁଛି। ପ୍ରକଳ୍ପ ଅଧୀନରେ ଗଙ୍ଗା ନଦୀର କୂଳରେ ଅବସ୍ଥିତ ଗ୍ରାମମାନଙ୍କରେ ୨୪୨୬ଟି ଯୁବକ ସଂଘ ବା କ୍ଲବ୍ ଗଠନ ହୋଇ ସାରିଥିବା ବେଳେ ପ୍ରକଳ୍ପରେ ଏକ ଅଂଶ ଭାବରେ କାର୍ଯ୍ୟ କରିବା ନିମନ୍ତେ ୧୩୦୦୦ ଗଙ୍ଗାଦୂତ ସୃଷ୍ଟି କରାଯାଇଛନ୍ତି।

● ଜଳର ଗୁଣାତ୍ମକ ମାନ ପ୍ରସଙ୍ଗ ସମୂହ: କରିମ୍ ସିଟି କଲେଜ୍ ୟୁନିଟ୍ (ଏନ୍ଏସ୍ଏସ୍): ଝାଡ଼ଖଣ୍ଡ ରାଜ୍ୟ ଜାମସେଦପୁର କରିମ୍ ସିଟି କଲେଜ୍‌ର ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ପୋଷ୍ୟ ଗ୍ରାମମାନଙ୍କର ଲୋକମାନେ ପିଇବା ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରୁଥିବା ଜଳ ଉତ୍ସଗୁଡ଼ିକରୁ ଜଳ ସଂଗ୍ରହ କରିବା ସହିତ ତାକୁ

ପରୀକ୍ଷା କରିବା ଦିଗରେ ଆଗ୍ରହ ପ୍ରଦର୍ଶନ କରିଥିଲେ। କଲେଜ୍‌ର ରସାୟନ ପରୀକ୍ଷାଗାରରେ ପରୀକ୍ଷଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ରିପୋର୍ଟ ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯାଇଥିଲା। ଜିଲ୍ଲା କର୍ତ୍ତୃପକ୍ଷ ଜଳର ପୁନଃପରୀକ୍ଷଣ ପାଇଁ ଆଗ୍ରହ ପ୍ରକାଶ କରିଥିଲେ ଏବଂ ପ୍ରଦୂଷଣକୁ କମାଇବା ତଥା ଗ୍ରାମବାସୀମାନଙ୍କୁ ନିରାପଦ ଜଳ ଯୋଗାଇ ଦେବାକୁ ଆବଶ୍ୟକୀୟ ପଦକ୍ଷେପମାନ ନିଆ ଯାଇଥିଲା।

● ଆଲ୍ଲାଗାପ୍ପା ଚେଟ୍ଟିୟାର୍ ଗଭର୍ଣ୍ଣମେଣ୍ଟ୍ କଲେଜ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, କରାଇକୁଡ୍ ତାମିଲ୍‌ନାଡୁ (ଏନ୍‌ଏସ୍‌ଏସ୍): କଲେଜ୍‌ର ଏନ୍‌ଏସ୍‌ଏସ୍ ୟୁନିଟ୍ ଜଳର ପ୍ରଣାଳୀ ଏବଂ ଜବରଦଖଲ ଅଞ୍ଚଳଗୁଡ଼ିକର ସର୍ବେକ୍ଷଣ କରିଥିଲେ ଏବଂ ପାଲାଭାନ୍‌ଗୁଡି ଗ୍ରାମଠାରେ ସବୁ ପୋଖରୀଗୁଡ଼ିକ ପାଇଁ ପ୍ରଣାଳୀଗୁଡ଼ିକୁ ଯୋଡ଼ିବାର ସମ୍ଭାବନା ସମ୍ପର୍କରେ ବିଶ୍ଳେଷଣ କରିଥିଲେ। ସିଭିଲ ଇଞ୍ଜିନିୟରିଂ ବିଭାଗର ସ୍ଥାନୀୟ କାର୍ଯ୍ୟାଳୟ ସହାୟତାରେ ଏହା ପାଲାଭାନ୍‌ଗୁଡି ଗ୍ରାମଠାରେ ଏକ ସମୁଚ୍ଚ ନକ୍ସା ତିଆରି କରିଥିଲା। ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଜଳାଞ୍ଚଳଗୁଡ଼ିକର ଗଭୀରତା ନିମନ୍ତେ ଖନନ କାର୍ଯ୍ୟ, ଜବରଦଖଲ, ଅଳିଆ ଆବର୍ଜନା ହଟାଇବା ଇତ୍ୟାଦି କାର୍ଯ୍ୟ ହାତକୁ ନିଆଯାଇଥିଲା। ଶେଷରେ ଏହା କାମ ଦେଇଥିଲା ଏବଂ ବର୍ଷା ଜଳ ଦ୍ୱାରା ପୋଖରୀଗୁଡ଼ିକ ଭର୍ତ୍ତି ହୋଇଥିଲା। ସବୁଯାକ ଜଳ ପ୍ରଣାଳୀ ବା ଧାର ଜଳର ପ୍ରବାହ ପାଇଁ ବର୍ତ୍ତମାନ ସମତୁଲ ହୋଇ ସାରିଛି। ଗ୍ରାମର ଜଳ ଆବଶ୍ୟକତାକୁ ମେଣ୍ଟାଇବା ଦିଗରେ ଏହା ଏକ ସ୍ଥାୟୀ ସମାଧାନ କରି ପାରିଛି। (ଦିନମଲାର ସମ୍ବାଦପତ୍ର, ମଦୁରାଇ ସଂସ୍କରଣରେ ପ୍ରକାଶିତ)

● ସିଦ୍ଧି ଉନ୍ନୟନ ପ୍ରକଳ୍ପ (ଏନ୍‌ଏସ୍‌ଏସ୍): ସିଦ୍ଧି ମୁସଲମାନ ସମ୍ପ୍ରଦାୟ ଅହମଦାବାଦର ସହରାଞ୍ଚଳ ବସ୍ତି ସିଦ୍ଧି ବସ୍ତିରେ ବାସ କରନ୍ତି। ସରସପୁର ଆର୍ଟ୍‌ସ୍ ଆଣ୍ଡ କମର୍ସ କଲେଜ୍‌ର ଏନ୍‌ଏସ୍‌ଏସ୍ ୟୁନିଟ୍ ଏହି ସହରାଞ୍ଚଳ ବସ୍ତି ସିଦ୍ଧି ବସ୍ତିକୁ ପୋଷ୍ୟ ଅଞ୍ଚଳ ଭାବରେ ଗ୍ରହଣ କରିଥିଲେ ଯାହା କି ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏକ ଅଳିଆ ଆବର୍ଜନା ଜମା କରାଯିବା ଅଞ୍ଚଳ ଥିଲା ଏବଂ ସେଠାରେ ଜୀବନଯାପନ କରିବା ଲୋକମାନଙ୍କ ପକ୍ଷେ ଅତ୍ୟନ୍ତ କଷ୍ଟକର ଥିଲା। ସରସପୁର କଲେଜ୍‌ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ସମ୍ପୃକ୍ତ ଅଞ୍ଚଳରୁ ମଇଳା ଓ ଅଳିଆ ଆବର୍ଜନା ସଫା କଲେ ଏବଂ ଏହି ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ ରଖିବା ନିମନ୍ତେ ଏକ ପରିଷ୍କାର ପରିଚ୍ଛନ୍ନତା ଅଭିଯାନ ଓ ଆନ୍ଦୋଳନ ଆରମ୍ଭ କଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କ ୪ ବର୍ଷର ନିରନ୍ତର ଓ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ସିଦ୍ଧି ସହରାଞ୍ଚଳ ବସ୍ତି ଅଞ୍ଚଳକୁ ସମ୍ପୂର୍ଣ୍ଣ ଅଳିଆ ଆବର୍ଜନାମୁକ୍ତ ଅଞ୍ଚଳ କରାଯାଇ ପାରିଲା। ୩୦୦ରୁ ଅଧିକ ସିଦ୍ଧି ଲୋକ ଏବଂ ନିକଟବର୍ତ୍ତୀ କଲେଜ୍‌ର ୨୦୦୦ ଛାତ୍ରଛାତ୍ରୀ ଏହାଦ୍ୱାରା ଲାଭବାନ୍ ହେଲେ। ସରସପୁର ଆର୍ଟ୍‌ସ୍ ଆଣ୍ଡ କମର୍ସ କଲେଜ୍, ଅହମଦାବାଦର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ସେମାନଙ୍କ ଘରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ରଙ୍ଗ କଲେ, ସେମାନଙ୍କର ଶୌଚାଳୟଗୁଡ଼ିକର ପୁନରୁଦ୍ଧାର କଲେ ଏବଂ ସେଗୁଡ଼ିକୁ କାର୍ଯ୍ୟକ୍ଷମ କଲେ। ଏତଦ୍ ବ୍ୟତୀତ ଏନ୍‌ଏସ୍‌ଏସ୍ ୟୁନିଟ୍ ସେମାନଙ୍କର ଲୋକନୃତ୍ୟ 'ସିଦ୍ଦି ଧମାଲ'କୁ ପ୍ରୋତ୍ସାହିତ କରିବାରେ ସହାୟତା ପ୍ରଦାନ କଲେ, ଝିଅମାନଙ୍କୁ ମିଶାଇ ଦୁଇଶହରୁ ଅଧିକ ସିଦ୍ଧିଙ୍କ ନିମନ୍ତେ କମ୍ପ୍ୟୁଟର ଶିକ୍ଷାର ଆୟୋଜନ କଲେ ଏବଂ ସିଦ୍ଧି ବସ୍ତିରେ ସିଦ୍ଧି ଝିଅ, ମହିଳା ଏବଂ ଛୋଟପିଲାମାନଙ୍କୁ ସେମାନଙ୍କ ଘର ଭିତରେ ହସଖୁସୀରେ ଶିକ୍ଷାଲାଭ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ସେମାନଙ୍କ ନିକଟରେ 'ଲର୍ଣ୍ଣ ୱିଥ୍ ଫନ୍' (କୌତୁକରେ ଶିଖ) କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହାୟତା କଲେ।

● ଏଲ୍‌ଇଡି ବଲ୍‌ବ ଶିବିର (ଏନ୍‌ଏସ୍‌ଏସ୍): ଡାଇରେକ୍ଟୋରେଟ୍ ଅଫ୍ ଭୋକେସନାଲ ହାୟର ସେକେଣ୍ଡାରୀ ଏଜୁକେସନ୍‌ର ଏନ୍‌ଏସ୍‌ଏସ୍ ୟୁନିଟ୍ ଦ୍ୱାରା ୨ ଦିନ ବ୍ୟାପି ୩୦୮ଟି ଗ୍ରୀଷ୍ମକାଳୀନ ଶିବିର କେରଳର ୧୪ଟି ଜିଲ୍ଲାରେ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମ ଯଥା ଏଲ୍‌ଇଡି ବଲ୍‌ବ ତିଆରି କରିବା ଇତ୍ୟାଦିକୁ ନେଇ ଅନୁଷ୍ଠିତ ହୋଇଥିଲା। ପରିବାରମାନଙ୍କ ନିକଟରୁ ମରାମତି ପାଇଁ ନଷ୍ଟ ହୋଇ ଯାଇଥିବା ତଥା ଅକାମୀ ହୋଇ ପଡ଼ିଥିବା ଏଲ୍‌ଇଡି ବଲ୍‌ବଗୁଡ଼ିକ ସଂଗ୍ରହ କରିବା, ସାମାଜିକ- ଅର୍ଥନୀତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଏଲ୍‌ଇଡି ବଲ୍‌ବ ବାଣ୍ଟିବା, ଗ୍ରାମବାସୀମାନଙ୍କ ମଧ୍ୟରେ ଶକ୍ତିର ଉପଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଲ୍‌ଇଡି ବଲ୍‌ବ ତିଆରି କରିବା ଏବଂ ଏହାର ମରାମତି କରିବା ନିମନ୍ତେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷିତ କରାଇବାକୁ କେରଳ ଏନର୍ଜି ମ୍ୟାନେଜ୍‌ମେଣ୍ଟ୍ ସେଣ୍ଟର ୪ ଘଣ୍ଟା ସମୟ ପ୍ରଦାନ କରିଥିଲା। ଏସବୁ ଶିବିରମାନଙ୍କରେ ୧୫୪୦୦ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ତଥା ୩୦୮ ପ୍ରକଳ୍ପ ଅଧିକାରୀ ସାମିଲ ହୋଇଥିଲେ।

ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ସଚିବ।

ଫୋକସ୍

# କୃଷକଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତା

ଡ. ଜଗଦୀପ ସକ୍‌ସେନା

କୋଟିକୋଟି ପରିଶ୍ରମୀ କୃଷକ ଦେଶର ଅର୍ଥନୀତିର ମେରୁଦଣ୍ଡ ସଦୃଶ। ସେମାନେ ଦେଶ ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ ହେଁ ସେମାନଙ୍କ କଲ୍ୟାଣ ପ୍ରତି ବିଶେଷ ଦୃଷ୍ଟି ଦିଆଯାଇନାହିଁ। କେନ୍ଦ୍ରର ନୂତନ ସଂବେଦନଶୀଳ ସରକାର କ୍ଷମତାକୁ ଆସିବା ପରେ ୨୦୧୪ରେ ଚାଷୀଙ୍କ ସାମାଜିକ-ଆର୍ଥିକ ପ୍ରସଙ୍ଗକୁ ଅଗ୍ରାଧିକାର ଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେବେଠାରୁ ଦେଶରେ ବିଭିନ୍ନ କୃଷି ଓ କୃଷକ କଲ୍ୟାଣ ଯୋଜନାମାନ କାର୍ଯ୍ୟକାରୀ ହେଉଛି। ଚାଷୀଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି, ଗ୍ରାମାଞ୍ଚଳ ଜନତାଙ୍କ ଆୟ ବୃଦ୍ଧି, ସେମାନଙ୍କୁ ବିଭିନ୍ନ ଜୀବିକାର୍ଜନ ପନ୍ଥା ଯୋଗାଣ ଓ ସେମାନଙ୍କ ସୁଖ ସମୃଦ୍ଧି ପାଇଁ ଏହି ସବୁ ଯୋଜନା କାର୍ଯ୍ୟକାରୀ ହେଉଛି। ବଡ଼ କଥା ହେଲା ୨୦୨୨ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ସେହି ବର୍ଷ ଦେଶ ତାହାର ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ କରୁଛି। ସେ ଦୃଷ୍ଟିରୁ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ନିଶ୍ଚିତ ଏକ ଉତ୍ତମ ପଦକ୍ଷେପ। ଏହାକୁ ଦୃଷ୍ଟିରେ ରଖି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏକ ସାତସୂତ୍ରୀ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହା ମାଧ୍ୟମରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାକୁ ବିଭିନ୍ନ କୌଶଳ ଅବଲମ୍ବନ କରାଯାଉଛି। ଏହି କୌଶଳ ମଧ୍ୟରେ ଅଳ୍ପ ଖର୍ଚ୍ଚରେ କୃଷି ଉତ୍ପାଦନ ବୃଦ୍ଧି, ଅମଳ ପରବର୍ତ୍ତୀ ଶସ୍ୟ ଅପଚୟ ନଷ୍ଟ, କୃଷିଜାତ ଦ୍ରବ୍ୟ ବିପଣନ ଓ ବଜାର ବ୍ୟବସ୍ଥାରେ ସଂସ୍କାର, ସମ୍ଭାବ୍ୟ କ୍ଷୟକ୍ଷତି ପାଇଁ ଚାଷୀଙ୍କୁ ବୀମାଭୁକ୍ତ କରି କ୍ଷତିପୂରଣ ସୁବିଧା ପ୍ରଦାନ ଏବଂ ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ, କୁକୁଡ଼ା ପାଳନ, ମହୁଚାଷ, ସମନ୍ୱିତ ଚାଷ ଭଳି କୃଷି ସଂଲଗ୍ନ ଅନ୍ୟାନ୍ୟ ବେଉସା ଏଥିମଧ୍ୟରୁ ଅନ୍ୟତମ। କେବଳ ଚାଷ ନୁହେଁ, ଏହା ସହିତ ଅନ୍ୟ ବେଉସାରୁ ମଧ୍ୟ ଚାଷୀ ଲାଭବାନ ହୋଇପାରିବେ ଏବଂ ସେମାନଙ୍କର ଆୟ ନିଶ୍ଚିତ ବଢ଼ିବ। ସେଥିପାଇଁ କେବଳ ଯୋଜନା ନୁହେଁ ଏହାର ରୂପାୟନ ଜନିତ କୌଶଳ ଓ ସହାୟତା ମଧ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି।

**ବିପଣନ ମନ୍ତ୍ର:**

ଚଳିତ ଆର୍ଥିକ ବର୍ଷର ବଜେଟରେ ସରକାର ୨୩ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉତ୍ପାଦନ ମୂଲ୍ୟର ଦେଢ଼ଗୁଣ ବୃଦ୍ଧି କରିଛନ୍ତି। ଉଭୟ ଖରିଫ ଓ ରବି ଋତୁରେ ଉତ୍ପାଦିତ ଏହି ଫସଲ ପାଇଁ ଏହି ବର୍ଦ୍ଧିତ ସହାୟକ ମୂଲ୍ୟ ଲାଗୁ ହୋଇଛି। ଏହା ଏକ ସାହସିକ ଏବଂ ଚାଷୀ କଲ୍ୟାଣକାରୀ ପଦକ୍ଷେପ। ତେବେ ଏହି ଘୋଷଣାର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ସରକାରଙ୍କୁ ତୀକ୍ଷ୍ଣ ନଜର ରଖିବାକୁ ହେବ; କାରଣ ଖୋଲା ବଜାରରେ କୃଷିଜାତ ସାମଗ୍ରୀ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ କମ୍‌ରେ ବିକ୍ରିବଟା ହୁଏ। ଏହାକୁ ଦୃଷ୍ଟିରେ ରଖି ନୀତି ଆୟୋଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ପ୍ରତିକୂଳ ବଜାର ସ୍ଥିତିରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏକ ବ୍ୟବସ୍ଥା ଗ୍ରହଣ କରିବାର ଦାୟିତ୍ୱ ନେଇଛି।

ମାନ୍ଦା ବଜାର କିମ୍ବା ସେଭଳି ପରିସ୍ଥିତିରେ ଚାଷୀଙ୍କଠାରୁ ବଳକା କୃଷିଜାତ ଦ୍ରବ୍ୟ କ୍ରୟ କରିବାକୁ ସରକାର ମଧ୍ୟ ଅଙ୍ଗୀକୃତ ହୋଇଛନ୍ତି। ଭାଓ୍ୱନ୍ତର ଭୁଗ୍ତାନ ଯୋଜନା (ଭାଉ ହ୍ରାସ ଜନିତ କ୍ଷତି ଭରଣା)ରେ ମଧ୍ୟପ୍ରଦେଶ ସରକାର ଚାଷୀଙ୍କଠାରୁ ଅଭାବୀ ବିକ୍ରି ଜନିତ ପରିସ୍ଥିତିରେ ଆଠପ୍ରକାର ଫସଲ କିଣିବାକୁ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ଫଳରେ ବଜାର ଅସ୍ଥିରତା ଜନିତ ପରିସ୍ଥିତିରେ ଚାଷୀ ସୁରକ୍ଷିତ ରହିପାରିବେ ଏବଂ ଅଦରରେ ନିଜର ଜିନିଷ ବିକିବାକୁ ବାଧ୍ୟ ହେବେନାହିଁ। ମଧ୍ୟପ୍ରଦେଶରେ ଏହି ଯୋଜନାର ସୁଫଳ ମିଳୁଥିବାରୁ ଏହାକୁ ଅନ୍ୟ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଛି। ଏହାଛଡ଼ା, ଅମଳ, ଭବିଷ୍ୟତର ଚାହିଦା, ବଜାର ମୂଲ୍ୟ, ମହଯୁଦ ଦକ୍ଷତା ଓ ବଜାର ଚାହିଦାକୁ ଆକଳନ କରି ତଦନୁସାରେ ନୂଆ କୌଶଳ ଅବଲମ୍ବନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି।

ଦେଶର ୮୫ ଶତାଂଶରୁ ଅଧିକ ଚାଷୀ କ୍ଷୁଦ୍ର ଓ ନାମମାତ୍ର ଶ୍ରେଣୀର। ସେମାନଙ୍କ ପାଖରେ ଉତ୍ପାଦିତ ସାମଗ୍ରୀ ବିକ୍ରିବଟା କରିବାକୁ ବେଶୀ ପରିମାଣରେ ବଳେ ନାହିଁ। ନିଜର ଗୁଜରାଣ ମେଣ୍ଟାଇ ଯାହା କିଛି ବଳେ ତାହାକୁ ସେମାନେ ଦରକାର ବେଳେ ଅଦର ଦରରେ ବିକିବାକୁ ବାଧ୍ୟ ହୋଇଥାନ୍ତି। ସେହିଭଳି ଅନେକ ଚାଷୀ ନିଜର ସାମଗ୍ରୀକୁ ହାଟ ବଜାରକୁ ନେବାର ଚଡ଼ା ପରିବହନ ଖର୍ଚ୍ଚ ଭରଣା କରିବା ଅବସ୍ଥାରେ ନଥାନ୍ତି। ତେଣୁ ସେମାନେ ଘର ପାଖରେ ସେସବୁ ସାମଗ୍ରୀ ମହାଜନ / ବ୍ୟବସାୟୀ ବା ମଧ୍ୟସ୍ଥଙ୍କୁ ଅଳ୍ପମୂଲ୍ୟରେ ବିକି ଦେଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଚାଷୀଙ୍କ ସୁବିଧା ପାଇଁ ସରକାର ଇଲେକ୍‌ଟ୍ରୋନିକ୍ ଜାତୀୟ କୃଷି ବଜାର (ଇ-ନାମ) ବ୍ୟବସ୍ଥା ୨୦୧୫ରୁ କାର୍ଯ୍ୟକାରୀ କରୁଛନ୍ତି। ଏଥିରେ ଟିକସ ଓ ଲାଇସେନ୍ସଗତ ପ୍ରତିବନ୍ଧକକୁ ହଟାଇ ଚାଷୀଙ୍କୁ ଅଧିକ ଲାଭ ଦେବାର ପ୍ରୟାସ କରାଯାଉଛି। ଏପର୍ଯ୍ୟନ୍ତ ୫୮୫ଟି କୃଷିଜାତ ଦ୍ରବ୍ୟ ମାର୍କେଟ



କମିଟି ବା ମଣ୍ଡି ୧୬ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ଗଠନ କରାଯାଇଛି। ଏସବୁ ମଣ୍ଡି ଅନ୍‌ଲାଇନ୍‌ରେ ମିଳିତ ଭାବେ ୯୦ ପ୍ରକାର କୃଷିଜାତ ଦ୍ରବ୍ୟର କାରବାର ଓ ମୂଲ୍ୟ ନିୟନ୍ତ୍ରଣ କରୁଛନ୍ତି। ଏହି ବ୍ୟବସ୍ଥାରେ ୯୯ ଲକ୍ଷରୁ ଅଧିକ ଚାଷୀ ଓ ଏକଲକ୍ଷ ବ୍ୟବସାୟୀ ପ୍ରତ୍ୟକ୍ଷଭାବେ ସଂପୃକ୍ତ ହୋଇଛନ୍ତି। ଇ-ନାମ ବ୍ୟବସ୍ଥାରେ ବିଭିନ୍ନ ରାଜ୍ୟର ଚାଷୀଙ୍କୁ ସେମାନଙ୍କ ପ୍ରାଦେଶିକ ଭାଷାରେ ମଧ୍ୟ ବଜାର ଭାଉ ଓ କାରବାର ସମ୍ପର୍କରେ ତଥ୍ୟ ଯୋଗାଇ ଦିଆଯାଉଛି। ତେବେ ଏହି ଇ-ନାମ ବ୍ୟବସ୍ଥା ବା ମଣ୍ଡିର ସୁଯୋଗ ଯେଉଁ ଚାଷୀମାନେ ପାଉନାହାନ୍ତି ସେମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ସେମାନଙ୍କୁ ସରକାରୀ ଯୋଜନାର ଲାଭ ମିଳୁନାହିଁ। ଏହି ସମସ୍ୟାର ଦୂରୀକରଣ ପାଇଁ ସରକାର ନିକଟରେ ଦେଶର ୨୨ହଜାର ଗ୍ରାମ୍ୟ ହାଟର ବିକାଶ କାର୍ଯ୍ୟ ହାତକୁ ନେଇ ଗ୍ରାମୀଣ କୃଷି ବଜାର ଗଠନ ବ୍ୟବସ୍ଥା କରିଛନ୍ତି। ଏହି ଗ୍ରାମୀଣ ହାଟରେ ଥିବା ପୁରୁଣାକାଳିଆ ଟିକସ ବ୍ୟବସ୍ଥା ଓ କଟକଣା ସବୁକୁ ଉଠାଇଦିଆଯାଇଛି। ଏହାଦ୍ୱାରା ଦୂରଦୂରାନ୍ତ ଅଞ୍ଚଳରେ ଚାଷୀ ଏହି ହାଟ ମାଧ୍ୟମରେ ଇ-ନାମ ସହିତ ସଂଯୁକ୍ତ ହେବା ସହିତ ଏହାର ଲାଭ ଉଠାଇପାରିବେ। ସରକାର ଗ୍ରାମ୍ୟ କୃଷି ବଜାର ଭିତ୍ତିଭୂମି ବିକାଶ ପାଇଁ ୨୦୦୦କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଛନ୍ତି।

'ପ୍ରଧାନମନ୍ତ୍ରୀ କିଷାନ ସମ୍ପଦା ଯୋଜନା' ସରକାରଙ୍କର ଆଉ ଏକ ପ୍ରମୁଖ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ଚାଷୀଙ୍କ ସୁଖ ସମୃଦ୍ଧି ବଢ଼ାଇବା ଏହାର ଲକ୍ଷ୍ୟ। ଉତ୍ପାଦିତ ସାମଗ୍ରୀର ପ୍ରକ୍ରିୟାକରଣ ଓ ମୂଲ୍ୟ ମିଶ୍ରଣ କରି ଚାଷୀଙ୍କୁ ଦି ପଇସା ଅଧିକ ଲାଭ ଦେବାର ବ୍ୟବସ୍ଥା କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରାୟ ୨୦ଲକ୍ଷ ଚାଷୀ ସିଧାସଳଖ ଉପକୃତ ହେବା ସହ ୨୦୧୯-୨୦ସୁଦ୍ଧା ପାଞ୍ଚ ଲକ୍ଷ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଲାଭବାନ ହେବେ ବୋଲି ଆଶା କରାଯାଉଛି। ଏହି ଯୋଜନାରେ ପ୍ରାୟ ୩୧,୪୦୦ କୋଟି ଟଙ୍କାର ପୁଂଜିନିବେଶ ହେବାର ସୁଯୋଗ ସୃଷ୍ଟି ହେବ। ଏକ ଛତା ଭଳି ଏହି ଯୋଜନା କାମ କରିବ ଏବଂ ଏହା ଅଧୀନରେ ଏକ ବୃହତ୍ 'ଫୁଡ୍ ପାର୍କ' ପ୍ରତିଷ୍ଠା ହେବ। ଏହାଛଡ଼ା ଶୀତଳ ଶିକୁଳି ପ୍ରତିଷ୍ଠା (ସଂରକ୍ଷଣ ସୁବିଧା), ମୂଲ୍ୟ ମିଶ୍ରଣ ବ୍ୟବସ୍ଥା, ଖାଦ୍ୟ ପ୍ରକ୍ରିୟାକରଣ, ଆଗ୍ରୋ ପ୍ରସେସିଂ ଜୋନ୍ ପ୍ରତିଷ୍ଠା, ଅନଗ୍ରସର ଅଞ୍ଚଳ ସହ

ସମ୍ପର୍କ ସ୍ଥାପନ ପାଇଁ ଏହା ଭିତ୍ତିଭୂମି ବିକାଶ କରିବ। ଏହା ଫଳରେ ଗ୍ରାମାଞ୍ଚଳର ଚାଷୀ ବିଶେଷ ଉପକୃତ ହୋଇପାରିବେ। ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାକୁ ସରକାର ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ଟିକସ ରିଆତି ପ୍ରଦାନ ସହ ଏହି ଉଦ୍ୟୋଗରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ଅନୁପାତକୁ ଶତପ୍ରତିଶତ କରାଯାଇଛି। ଏହାଛଡ଼ା ନାବାର୍ଡରେ ଏଥିପାଇଁ ୨୦୦୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯାଇଛି। ଏହି ପାଣ୍ଠିରୁ ସ୍ୱଳ୍ପ ସୁଧରେ କୃଷି-ପ୍ରଶୋଧନ ଶିଳ୍ପକୁ ଋଣ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ବହୁ ସଂଖ୍ୟକ ଚାଷୀ ଟମାଟୋ, ଆଳୁ, ପିଆଜ ଆଦି ଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ଏହା ମୁଖ୍ୟତଃ ମୌଳିକ ପରିବା ହୋଇଥିବାରୁ ଦେଶବ୍ୟାପୀ ଏହାର ବର୍ଷସାରା ଚାହିଦା ରହିଛି। ତେବେ ଏସବୁ ମୁଖ୍ୟତଃ ପଚନଶୀଳ ହୋଇଥିବାରୁ ଏହାକୁ ଅଧିକ ଦିନ ସାଇତି ରଖି ହୁଏନାହିଁ। ଟିରୋଟ୍ (ଅଭାବ) ସମୟରେ ଏସବୁର ଦାମ ଆକାଶ ଛୁଆଁ ହୋଇଥାଏ। ଫଳରେ ଉଭୟ ଚାଷୀ ଓ ଉପଭୋକ୍ତା କ୍ଷତିଗ୍ରସ୍ତ ହୁଅନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଅଳ୍ପଦିନ ତଳେ 'ଅପରେସନ ଗ୍ରୀନ୍' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଦୁଗ୍ଧ ବନ୍ୟା ଯୋଜନା ଢାଞ୍ଚାରେ ଏହି ପରିବା ଉତ୍ପାଦନ କାର୍ଯ୍ୟକ୍ରମ 'ଅପରେସନ୍ ଗ୍ରୀନ୍' ଆରମ୍ଭ ହୋଇଛି। ଏଥିପାଇଁ ୫୦୦କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ବରାଦ କରାଯାଇଛି। ଏହି ଯୋଜନାରେ କୃଷି ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ, ପ୍ରକ୍ରିୟାକରଣ ଏବଂ ଏସବୁ ସାମଗ୍ରୀର ବ୍ୟାବସାୟିକ ବିକ୍ରିବଟା ପରିଚାଳନା କାର୍ଯ୍ୟ କରାଯିବ। ଏହା ମାଧ୍ୟମରେ ଉଭୟ ଖାଉଟି ଓ ଉତ୍ପାଦକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ୟମ ହେବ। ସେହିଭଳି ରପ୍ତାନୀଭିତ୍ତିକ ଫସଲ ଉତ୍ପାଦନ କରିବାକୁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ସେଥିପାଇଁ ଏସବୁ ଫସଲର ରପ୍ତାନୀ ନୀତିକୁ ସରକାର ଅଧିକ କୋହଳ କରିଛନ୍ତି।

**ଚାଷୀଙ୍କୁ ଅର୍ଥ ଯୋଗାଣ:**

ଏକାଧିକ ବ୍ୟାଙ୍କ ସଂସ୍କାର କାର୍ଯ୍ୟକ୍ରମ ସତ୍ତ୍ୱେ ଚାଷୀମାନେ ଋଣ ସହାୟତା ପାଇବା ସହଜ ହୋଇନାହିଁ। ତେଣୁ ସେମାନେ ଚାଷବାସ ପାଇଁ ଆବଶ୍ୟକସ୍ଥଳେ ଆନୁଷ୍ଠାନିକ ଋଣ ନ'ପାଇ ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର କୃଷି କ୍ଷେତ୍ର ପାଇଁ ଆନୁଷ୍ଠାନିକ ଋଣ ବାବଦ ଅର୍ଥର ପରିମାଣ ନିରନ୍ତର ବୃଦ୍ଧି କରୁଛନ୍ତି। ୨୦୧୪-୧୫ରେ କୃଷି ଋଣ ପରିମାଣ ୮.୫ ଲକ୍ଷ କୋଟି ଟଙ୍କା ଥିବାବେଳେ ଏବେ ଏହା ୧୧ଲକ୍ଷ କୋଟି ଟଙ୍କାରେ ପହଁଞ୍ଚିଛି। ନିକଟରେ କିଷାନ କ୍ରେଡିଟ୍ କାର୍ଡର ସୁବିଧା ମତ୍ସ୍ୟ ଓ ପଶୁସମ୍ପଦ କ୍ଷେତ୍ରର ଚାଷୀଙ୍କ ପାଇଁ ସଂପ୍ରସାରିତ ହୋଇଛି। ଏହା ଫଳରେ ସେମାନଙ୍କର କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା ପୂରଣ ହୋଇପାରିବ। ଏହାବାଦ୍ ସରକାର ସ୍ୱଳ୍ପ ମିଆଦି ଋଣ ପାଇଁ ଆର୍ଥିକ ସହାୟତା ଯୋଜନା, କୃଷି ଋଣ ପାଇଁ ବନ୍ଧକ ବ୍ୟବସ୍ଥାର ଉଚ୍ଛେଦ କରି ଚାଷୀଙ୍କ ପାଇଁ ସହଜ ଅର୍ଥ ଯୋଗାଣ ନୀତି କାର୍ଯ୍ୟକାରୀ କରିଛନ୍ତି। କୃଷି ଋଣ ପ୍ରୋତ୍ସାହନ ନିମନ୍ତେ ଏକ ଯୁଗ୍ମ ଲାଏବିଲିଟି ଗୋଷ୍ଠୀ ମଧ୍ୟ ଗଠନ କରାଯାଇଛି। ଏହାଦ୍ୱାରା ଯୋଗ୍ୟ ଚାଷୀ ଯେପରି ଋଣରୁ ବଞ୍ଚିତ ନ ହୁଏ ତାହା ସରକାର ସୁନିଶ୍ଚିତ କରିଛନ୍ତି। କୃଷି କ୍ଷେତ୍ରରେ ସମବାୟର ଏକ ବଡ଼ ଭୂମିକା ରହିଛି। ସେ ଦୃଷ୍ଟିରୁ ସରକାର ସମବାୟ ସମିତି ଓ ଏହାର ସଦସ୍ୟମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଜାତୀୟ ସମବାୟ ବିକାଶ ନିଗମକୁ ଆର୍ଥିକ ସହାୟତା ବୃଦ୍ଧି କରିଛନ୍ତି।

ଏବେ ଅନେକ ଚାଷୀ ଭୂମିହୀନ। ସେମାନେ ଭାଗଚାଷୀ କିମ୍ୱା ଲିଜ୍‌ରେ ଅନ୍ୟର ଜମି ଚାଷ କରୁଛନ୍ତି। ଜମିର ମାଲିକାନା ନ ଥିବାରୁ ସେହି ଚାଷୀମାନେ ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଏହି ଭାଗଚାଷୀମାନେ ପାରମ୍ପରିକ ସାହୁକାର, ମହାଜନଙ୍କଠାରୁ ଚଡ଼ା ସୁଧରେ ଋଣ ଆଣି କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ବ୍ୟବସ୍ଥାର ଅବସାନ ପାଇଁ ନୀତି ଆୟୋଗ ଭାରତ ସରକାରଙ୍କ ନିର୍ଦ୍ଦେଶରେ ଏକ ବିଶେଷଜ୍ଞ ଗୋଷ୍ଠୀ ଗଠନ କରି ଚାଷ ଜମି ଲିଜ୍ ପ୍ରଦାନ ବ୍ୟବସ୍ଥାର ଏକ ଆଦର୍ଶ ଆଇନ ପ୍ରଣୟନ କରିବାକୁ ପ୍ରୟାସ କରିଥିଲେ। ତଦନୁସାରେ ସରକାର ୨୦୧୬ରେ ଏକ ଆଦର୍ଶ ଚାଷ ଜମି ଲିଜ୍ ଆଇନ ପ୍ରବର୍ତ୍ତନ କରିଛନ୍ତି। ଏହା ଫଳରେ ଭାଗଚାଷୀମାନେ ଜମି ମାଲିକାନା ନ ଥାଇ ମଧ୍ୟ ଅନେକ ସରକାରୀ ସୁବିଧା ସୁଯୋଗ ଚାଷବାସ ପାଇଁ ପାଇପାରିବେ। ନୂଆ ଆଇନ ଅନୁସାରେ ଭାଗଚାଷୀ ଓ ଜମି ମାଲିକଙ୍କ ମଧ୍ୟରେ ଆଇନଗତ ଆପୋସ ବୁଝାମଣା ଅନୁସାରେ ଭାଗଚାଷୀ ଋଣ, ବୀମା ସୁବିଧା ସହ ସରକାରୀ କୃଷି ସହାୟତା ଭଳି



ବିଭିନ୍ନ ଲାଭ ପାଇପାରିବେ।

କୃଷି କ୍ଷେତ୍ର ଓ କୃଷକର ଆୟ ବୃଦ୍ଧି ପାଇଁ ବିଭିନ୍ନ ନୂଆ ଧନ୍ଦା ଓ ଉପାୟ ଅବଲମ୍ବନ କରିବାକୁ ସରକାର କୃଷି ଉତ୍ପାଦକ ସଂଘ ଓ ମହିଳା ସ୍ୱୟଂସେବୀ ଗୋଷ୍ଠୀଙ୍କୁ ସଚେତନ, ସକ୍ରିୟ କରିବା ସହ ଆବଶ୍ୟକ ସାହାଯ୍ୟ ସହଯୋଗ କରୁଛନ୍ତି। ସମବାୟ ଢାଞ୍ଚାରେ କୃଷି ଉତ୍ପାଦନ ସଂଘମାନ ଗଠନ କରାଯାଉଛି। ଯେଉଁ କୃଷି ଉତ୍ପାଦକ ସଂଘଗୁଡ଼ିକର ବାର୍ଷିକ ଆୟ ୧୦୦କୋଟି ଟଙ୍କାରୁ କମ୍ ସେମାନଙ୍କୁ ଆୟକର ଦେବାକୁ ପଡୁନାହିଁ।

**ନିଶ୍ଚିତ ଜୀବିକା:**


ବିଭିନ୍ନ ପ୍ରକାର ପ୍ରାକୃତିକ ଦୁର୍ବିପାକ, ରୋଗପୋକ ଆକ୍ରମଣ ଏବଂ ପାଗପାଳକର ଅନିଶ୍ଚିତା ଉଭୟ ଚାଷ ଓ ଚାଷୀ ପାଇଁ ବିପତ୍ତି ଆଣିଥାଏ। ଏହାଦ୍ୱାରା ଚାଷୀର ଆୟ ନଷ୍ଟ ହେବା ସହ ତାହାର ଦାନାପାଣି ମଧ୍ୟ ବିପନ୍ନ ହୋଇଥାଏ। ଏଭଳି ବିପଦରୁ ଚାଷୀକୁଳଙ୍କୁ ସୁରକ୍ଷିତ ରଖିବା ପାଇଁ ଏକ ନୂଆ ଉନ୍ନତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପ୍ରଧାନମନ୍ତ୍ରୀ ଶସ୍ୟ ବୀମା ଯୋଜନା) ୨୦୧୬ରେ ଆରମ୍ଭ କରାଯାଇଥିଲା। ଏଥିପାଇଁ ଚାଷୀଙ୍କୁ ଖୁବ୍ କମ୍ ପ୍ରିମିୟମ୍ ଦେବାର ବ୍ୟବସ୍ଥା ରହିଛି। ଏହାର ଆଉ ଏକ ବିଶେଷତ୍ୱ ହେଲା ଅଳ୍ପ ପ୍ରିମିୟମରେ ଚାଷୀ ଅଧିକ ଚାଷ ଓ ଫସଲର ବୀମା କରାଇପାରିବେ। ରବି ଫସଲ ବୀମା ପାଇଁ ଚାଷୀଙ୍କ ପ୍ରିମିୟମ ଅଂଶକୁ ହ୍ରାସ କରାଯାଇ ମାତ୍ର ୧.୫ ଶତାଂଶ କରାଯାଇଛି। ସେହିଭଳି ଖରିଫ ଫସଲ ପାଇଁ ଚାଷୀଙ୍କ ପ୍ରିମିୟମ ଅଂଶ ୨ ଶତାଂଶ ଧାର୍ଯ୍ୟ ହୋଇଥିବାବେଳେ ଉଦ୍ୟାନକୃଷି ଓ ବର୍ଷକିଆ ଫସଲ ପାଇଁ ପ୍ରିମିୟମ୍ ଅନୁପାତ ୫ ଶତାଂଶ ରହିଛି। ଏହାଛଡ଼ା ଅମଳର ପରବର୍ତ୍ତୀ ଦୁଇ ସପ୍ତାହ (୧୪ଦିନ) ମଧ୍ୟରେ ଯଦି ତାହା କୌଣସି ପ୍ରାକୃତିକ ବିପତ୍ତି ଯୋଗୁଁ ନଷ୍ଟ ହୁଏ ସେଥିପାଇଁ ବୀମା ଅବଧିକୁ ବଢ଼ାଇ ଦିଆଯାଇ ଚାଷୀଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯାଇଛି।

ଜଳପ୍ଲାବନ ଓ ବନ୍ୟା ଭଳି ଫସଲ କ୍ଷତିକୁ ସ୍ଥାନୀୟ ବିପର୍ଯ୍ୟୟ ପର୍ଯ୍ୟାୟଭୁକ୍ତ କରାଯାଇ ବୀମା ବ୍ୟବସ୍ଥା କରାଯାଇଥିବାବେଳେ ଏଥିରେ ଚାଷୀଙ୍କ କ୍ଷୟକ୍ଷତି ବ୍ୟକ୍ତିଗତ ଭାବେ ଆକଳନ କରି କ୍ଷତିପୂରଣ ଦେବାର ବ୍ୟବସ୍ଥା ହୋଇଛି। କ୍ଷୟକ୍ଷତିର ନିର୍ଭୁଲ ଆକଳନ କରିବା ଓ ତୁରନ୍ତ ଚାଷୀଙ୍କୁ ବୀମା ରାଶୀ ପ୍ରଦାନ କରିବା ପାଇଁ ଦୂର ସମ୍ବେଦୀ ଜ୍ଞାନକୌଶଳ ଏବଂ ଆଇଟି ଯନ୍ତ୍ରପାତି ଆଦି ବ୍ୟବହାର କରାଯାଉଛି। ଏଥିରେ କ୍ଷୟକ୍ଷତି ଆକଳନରେ ତ୍ରୁଟିବିଚ୍ୟୁତି ସମ୍ଭାବନା କମ୍। ୨୦୧୮-୧୯ ବଜେଟରେ ସରକାର ଫସଲ ବୀମା ଓ କୃଷି ବୀମା ବାବଦରେ ମୋଟ୍ ୧୩,୦୦୦କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଅଧିକରୁ ଅଧିକ ଚାଷୀଙ୍କୁ ବୀମାଭୁକ୍ତ କରିବା ସରକାରଙ୍କ ଲକ୍ଷ୍ୟ।

ଦେଶର ବିଭିନ୍ନ କୃଷି ଓ ପାଣିପାଗ ମଣ୍ଡଳର ଚାଷୀମାନଙ୍କୁ ଜଳବାୟୁ ପରିବର୍ତ୍ତନ ଜନିତ ସ୍ଥିତିର ମୁକାବିଲା କରି ନିଜର ଜୀବିକା ନିରାପଦ ରଖିବାକୁ ନାନା ପ୍ରକାର ତାଲିମ ଓ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି। ଏଥିପାଇଁ ୬୨୩ ଜିଲ୍ଲାରେ ଜିଲ୍ଲାସ୍ତରୀୟ କଣ୍ଟିଜେନ୍ସି ଯୋଜନା ପ୍ରସ୍ତୁତ ହୋଇଛି। ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ସାମିଲ କରି ଦେଶବ୍ୟାପୀ ସଚେତନତା ବାର୍ତ୍ତା ପ୍ରଚାର



କରାଯାଉଛି । ବିଭିନ୍ନ ଜିଲ୍ଲାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ଜରିଆରେ ନିୟମିତ ଚାଷୀଙ୍କୁ ତାଲିମ ଓ ପ୍ରଶିକ୍ଷଣ କ୍ଷେତ୍ରୀୟ ସ୍ତରରେ ଦିଆଯାଉଛି । ଚାଷୀଙ୍କୁ ଜଳବାୟୁ ଅନୁକୂଳ ପ୍ରଯୁକ୍ତି ଓ ଜ୍ଞାନ କୌଶଳ ସହ ପରିଚିତ କରାଯାଉଛି । କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦେଶରେ ୧୫୧ଟି ଜଳବାୟୁ ଉପଯୋଗୀ ବା କ୍ଲାଇମେଟ ସ୍ମାର୍ଟ ଗାଁ ପ୍ରତିଷ୍ଠା କରାଯାଇଛି । ଏହି ଗାଁଗୁଡ଼ିକ ଅନ୍ୟାନ୍ୟ ଗାଁ ଓ ଅନ୍ୟ କୃଷକଙ୍କ ପାଇଁ ଆଦର୍ଶ ପାଲଟିଛି । ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାକୁ ସୁହାଇଲା ଭଳି ଚାଷବାସ କରିବାକୁ ଜାତୀୟ ସହଣଯୋଗ୍ୟ କୃଷି ମିଶନ ପକ୍ଷରୁ ଚାଷୀଙ୍କ ମଧ୍ୟରେ ନିରନ୍ତର ବିଭିନ୍ନ ତଥ୍ୟ ଓ ସୂଚନା ପ୍ରଚାର କରାଯାଉଛି ।




ସମନ୍ୱିତ କୃଷି ବ୍ୟବସ୍ଥାରେ ଚାଷବାସ ସହ ପଶୁପାଳନ, କୁକୁଡ଼ା ପାଳନ, ମାଛଚାଷ, ଉଦ୍ୟାନକୃଷି ଓ ଅନ୍ୟାନ୍ୟ ଧନ୍ଦା ସବୁ ସମ୍ପୃକ୍ତ । ବିବିଧ ଧନ୍ଦା ରହିଲେ ଫସଲ ନଷ୍ଟ ଜନିତ ପରିସ୍ଥିତିରେ ଚାଷୀ ଅନ୍ୟ ଧନ୍ଦାରୁ ଆୟ କରି ନିଜକୁ ସମ୍ଭାଳି ପାରିବ । ନୂଆ କୃଷି ପ୍ରଣାଳୀ ଅବଲମ୍ବନ କରି ଚାଷୀ ଅଧିକ ଅମଳ ପାଉଥିବାରୁ ସେମାନଙ୍କର ଆୟ ବୃଦ୍ଧି ପାଇଁ ବାଟ ଖୋଲିଛି । ଗତ ଚାରିବର୍ଷ ମଧ୍ୟରେ ବୈଜ୍ଞାନିକମାନେ ୩୧ଟି ସମନ୍ୱିତ କୃଷି ମଡେଲ ପ୍ରସ୍ତୁତ କରିଛନ୍ତି । ବିଭିନ୍ନ ଜୈବ ଓ କୃଷି ମଣ୍ଡଳର ଚାଷୀଙ୍କ ପାଇଁ ଏହି ମଡେଲ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି । ଏହି ମଡେଲକୁ ଲୋକପ୍ରିୟ କରାଇବା ପାଇଁ ବିଭିନ୍ନ ଗାଁରେ ପ୍ରଦର୍ଶନୀ ମାନ ଆୟୋଜନ କରାଯାଉଛି । ଏସବୁ ପ୍ରତି ଚାଷୀଙ୍କର ଆଗ୍ରହ ମଧ୍ୟ ବଢୁଛି । ଚାଷବାସରେ ଚାଷୀ ନୂଆ ଉପକରଣମାନ ଅଧିକ ସଂଖ୍ୟାରେ ବ୍ୟବହାର କରୁଛନ୍ତି ।

**ଜୈବିକ କୃଷିର ନିର୍ଣ୍ଣାୟକ ଭୂମିକା:**

ମଣିଷ ଏବେ ଅଧିକ ସ୍ୱାସ୍ଥ୍ୟ ସଚେତନ ହୋଇପଡ଼ିଛି ଏବଂ କେଉଁ ଖାଦ୍ୟର ଶରୀର ଉପରେ କି ପ୍ରଭାବ ସେ ବିଷୟରେ ଅଧିକ ଧ୍ୟାନ ଦେଉଛି । ତେଣୁ ରାସାୟନିକ ସାର ଓ ଔଷଧ ବ୍ୟବହାର ହେଉଥିବା ଖାଦ୍ୟଶସ୍ୟ, ପନିପରିବା, ଫଳମୂଳ ପରିବର୍ତ୍ତେ ସଚେତନ ଲୋକ ଜୈବିକ ଉପାୟରେ ଖତସାର ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଫସଲ ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି ସଚେତନତା ଭାରତ ସମେତ ସାରା ବିଶ୍ୱରେ ପ୍ରକାଶ ପାଇଛି । ସୌଭାଗ୍ୟର ବିଷୟ ଭାରତର ଜଳବାୟୁ ଓ ସାମାଜିକ ଆର୍ଥିକ ସ୍ଥିତି ଜୈବିକ କୃଷିକୁ ସୁହାଉଛି । ତେଣୁ ଏହି ସୁଯୋଗର ସମ୍ପୂର୍ଣ୍ଣ ଉପଯୋଗ କରିବା ପାଇଁ ଚାଷୀକୁଳଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି । ଏଥିପାଇଁ ମଧ୍ୟ ବଜାର ସହାୟତା ବ୍ୟବସ୍ଥାର ବିକାଶ ଜରୁରୀ ହୋଇଛି । ଏହାକୁ ନଜରରେ ରଖି ସରକାର ଦେଶରେ ପାରମ୍ପରିକ କୃଷି ବିକାଶ ଯୋଜନା ଆରମ୍ଭ କରିଛନ୍ତି । ଚାଷୀଙ୍କୁ ଏହି ଚାଷ ପଦ୍ଧତି ପାଇଁ ଉତ୍ସାହିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ଉପଯୁକ୍ତ ବଜାର ସୁବିଧା ସୃଷ୍ଟି ନିମନ୍ତେ ମଧ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି । ଏହି ଚାଷ ପାଇଁ କ୍ଲଷ୍ଟର ବା ପୁଞ୍ଜଭିତ୍ତିକ ପଦକ୍ଷେପ ନିଆଯାଉଛି । ପଚାଶ ହେକ୍ଟର ବିଶିଷ୍ଟ ଗୋଟିଏ ପୁଞ୍ଜରେ ୫୦ଜଣ ଚାଷୀଙ୍କୁ ନେଇ ଗୋଟିଏ କ୍ଲଷ୍ଟର ଗଠନ କରାଯାଉଛି । ସେଠାରେ ଜୈବିକ ପଦ୍ଧତିରେ ଫସଲ, ଫଳ ଓ ପନିପରିବା ଚାଷ କରାଯିବାର ବ୍ୟବସ୍ଥା ହୋଇଛି । ଯେଉଁ କୃଷିଜାତ ପଦାର୍ଥର ବଜାର ଚାହିଦା ଅଧିକ ରହିଛି ତାହାକୁ ଜୈବିକ ଉପାୟରେ ଉତ୍ପାଦନ କରିବାକୁ ସବୁ ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ପ୍ରତ୍ୟେକ ଚାଷୀଙ୍କୁ ହେକ୍ଟର ପିଛା ତିନିବର୍ଷ ପାଇଁ ୫୦ହଜାର ଟଙ୍କା ଲେଖାଏଁ ସରକାରୀ ସହାୟତା ଯୋଗାଇ ଦିଆଯାଉଛି । ଏହାଛଡ଼ା ପ୍ରତ୍ୟେକ ଜୈବିକ କ୍ଲଷ୍ଟର ପାଇଁ ଫସଲ ସଂଗ୍ରହ ଓ ପରିବହନ ନିମନ୍ତେ ଏକଲକ୍ଷ ୨୦ ହଜାର ଟଙ୍କାର ଅତିରିକ୍ତ ସହାୟତା ଦିଆଯାଉଛି ।

ଗତ ଚାରି ବର୍ଷ ମଧ୍ୟରେ ଏହି ଯୋଜନାରେ ସରକାର ୯୪୭କୋଟି ଟଙ୍କା ଚାଷୀଙ୍କୁ ଯୋଗାଇ ଦେଇଛନ୍ତି । ଚଳିତ ବର୍ଷ ଶେଷ ସୁଦ୍ଧା ଦେଶରେ ମୋଟ୍ ଜୈବିକ କୃଷି କ୍ଲଷ୍ଟର ସଂଖ୍ୟା ୧୦ହଜାରରେ

ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଆଦିବାସୀ ବହୁଳ ଅଞ୍ଚଳ, ପାହାଡ଼ିଆ ଓ ଦୂରଦୂରାନ୍ତ ଅଗମ୍ୟ ଅଞ୍ଚଳରେ ଏହି ଜୈବିକ କ୍ଲଷ୍ଟରମାନ କରାଯାଉଛି । ଏହା ମାଧ୍ୟମରେ ସେହି ଅଞ୍ଚଳର ଅବହେଳିତ ଚାଷୀଙ୍କ ବିକାଶ ପ୍ରତି ସରକାର ଦୃଷ୍ଟି ରଖିଛନ୍ତି । ଜୈବିକ କୃଷି ଦ୍ୱାରା ଚାଷ କାର୍ଯ୍ୟର ଖର୍ଚ୍ଚ ସାଧାରଣ ଚାଷଠାରୁ ୨୦ ଶତାଂଶ କମ୍ ହେଉଛି । ଏହା ଫଳରେ ଚାଷୀଙ୍କ ନିଟ୍ ଲାଭ ୨୦ ରୁ ୨୫ ଶତାଂଶ ବଢୁଛି ।

ସେଠାକାର ଅନୁକୂଳ ପରିସ୍ଥିତି ଦେଖି ଉତ୍ତର ପୂର୍ବାଞ୍ଚଳରେ ସରକାର ଅର୍ଗାନିକ ଭାଲ୍ୟୁ ଜୋନ୍ ପ୍ରତିଷ୍ଠା କରି ଚାଷୀଙ୍କୁ ଉତ୍ସାହିତ କରୁଛନ୍ତି । ଏଥିପାଇଁ ୨୦୧୫ରୁ ୧୮ - ତିନିବର୍ଷ ପାଇଁ ୪୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ୨୦୧୬ରେ ସିକ୍କିମକୁ ସରକାର ଦେଶର ପ୍ରଥମ ଜୈବିକ କୃଷି ରାଜ୍ୟ ଭାବେ ଘୋଷଣା କରିଥିଲେ । ଏବେ ସମଗ୍ର ଉତ୍ତର ପୂର୍ବାଞ୍ଚଳକୁ ଜୈବିକ କୃଷି ଇଲାକାରେ ପରିଣତ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି । ସେହି ଅଞ୍ଚଳ ଜୈବିକ କୃଷି ଉତ୍ପାଦନରେ ଏକ ନୂଆ ପେଣ୍ଠ ପାଲଟିବାକୁ ଯାଉଛି । ସେଠାକାର ଉତ୍ପାଦ ସବୁ ମୁଖ୍ୟତଃ ରପ୍ତାନୀ ପାଇଁ ଉଦ୍ଦିଷ୍ଟ ।

**ଆୟ ବୃଦ୍ଧି ଯୋଜନା:**

ପୂର୍ବରୁ ଚାଷୀଙ୍କ ଆୟ ବୃଦ୍ଧି ନେଇ ସରକାରଙ୍କ ପ୍ରୟାସ ସମ୍ପର୍କରେ କିଞ୍ଚିତ ଆଲୋକପାତ କରାଯାଇଛି । ସେ ସମ୍ପର୍କରେ ସବିଶେଷ ତଥ୍ୟ ହେଲା ସରକାର ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଯେଉଁସବୁ ନୂଆ ଯୋଜନା କରିଛନ୍ତି ତାହାକୁ କାର୍ଯ୍ୟକାରୀ କରିବାକୁ ବିଶେଷ ଯତ୍ନଶୀଳ । ଦେଶର ବିଭିନ୍ନ ସ୍ଥାନରେ ସମନ୍ୱିତ ମହୁଚାଷ କେନ୍ଦ୍ରମାନ ସ୍ଥାପନ କରି ସରକାର ମହୁ ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ୟମ କରୁଛନ୍ତି । ଏହା ଫଳରେ ଗତ ଚାରିବର୍ଷ ମଧ୍ୟରେ ଦେଶରେ ମହୁ ଉତ୍ପାଦନ ବଢ଼ିଛି । ଜଣେ ଚାଷୀ ଯଦି ୫୦ଟି ମହୁବାକ୍ସ ରଖିବ ଓ ଏହାର

ଜଳପ୍ଲାବନ ଓ ବନ୍ୟା ଭଳି ଫସଲ କ୍ଷତିକୁ ସ୍ଥାନୀୟ ବିପର୍ଯ୍ୟୟ ପର୍ଯ୍ୟାୟଭୁକ୍ତ କରାଯାଇ ବୀମା ବ୍ୟବସ୍ଥା କରାଯାଇଥିବାବେଳେ ଏଥିରେ ଚାଷୀଙ୍କ କ୍ଷୟକ୍ଷତି ବ୍ୟକ୍ତିଗତ ଭାବେ ଆକଳନ କରି କ୍ଷତିପୂରଣ ଦେବାର ବ୍ୟବସ୍ଥା ହୋଇଛି । କ୍ଷୟକ୍ଷତିର ନିର୍ଭୁଲ ଆକଳନ କରିବା ଓ ତୁରନ୍ତ ଚାଷୀଙ୍କୁ ବୀମା ରାଶୀ ପ୍ରଦାନ କରିବା ପାଇଁ ଦୂର ସମ୍ବେଦୀ ଜ୍ଞାନକୌଶଳ ଏବଂ ଆଇଟି ଯନ୍ତ୍ରପାତି ଆଦି ବ୍ୟବହାର କରାଯାଉଛି । ଏଥିରେ କ୍ଷୟକ୍ଷତି ଆକଳନରେ ତ୍ରୁଟିବିଚ୍ୟୁତି ସମ୍ଭାବନା କମ୍ । ୨୦୧୮-୧୯ ବଜେଟରେ ସରକାର ଫସଲ ବୀମା ଓ କୃଷି ବୀମା ବାବଦରେ ମୋଟ୍ ୧୩,୦୦୦କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି । ଅଧିକରୁ ଅଧିକ ଚାଷୀଙ୍କୁ ବୀମାଭୁକ୍ତ କରିବା ସରକାରଙ୍କ ଲକ୍ଷ୍ୟ ।

ଉପଯୁକ୍ତ ଯତ୍ନନେବ, ସେଥିରୁ ସେ ବର୍ଷକୁ ନିୟମିତ ଭାବେ ଦୁଇରୁ ଅଢ଼େଇ ଲକ୍ଷ ଟଙ୍କା ଆୟ କରିପାରିବ । ସେହିଭଳି ସବୁଜ ସୁନା ରୂପେ ପରିଚିତ ବାଉଁଶ ଚାଷ କରି ଚାଷୀ ନିଜର ଆୟ ବଢ଼ାଇପାରିବେ । ବାଉଁଶର ଚାହିଦା ଦେଶରେ ବେଶ୍ ଅଧିକ; କିନ୍ତୁ କେତେକ ପୁରୁଣା ନିୟମ ଯୋଗୁଁ ବାଉଁଶ ବୃକ୍ଷର ମର୍ଯ୍ୟାଦା ହେତୁ କାଟିବା ବା ବ୍ୟାବସାୟିକ ଉପଯୋଗ ହେବା ସ୍ଥିତିରେ ନ ଥିଲା । ସରକାର ଏହି ନିୟମକୁ ବଦଳାଇ ବାଉଁଶକୁ ତୃଣର ମର୍ଯ୍ୟାଦା ଦେଇଛନ୍ତି । ଫଳରେ ବାଉଁଶର ବ୍ୟାବସାୟିକ ଚାଷ ଓ ଉପଯୋଗ ପାଇଁ ବାଟ ଫିଟିଛି । ତା'ଛଡ଼ା ସରକାର ପୂନର୍ଗଠିତ ବାଉଁଶ ମିଶନ ଆରମ୍ଭ କରି ୧୨୯୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

ସେହିଭଳି ଛତୁଚାଷ ପାଇଁ ସରକାର ଚାଷୀଙ୍କୁ ସହାୟତା ଯୋଗାଇ ଦେଉଛନ୍ତି । ଏହାଛଡ଼ା ଲୋକଙ୍କୁ ଛେଳି, କୁକୁଡ଼ା, ଘୁଷୁରୀ ପାଳନ ଓ ମାଛ ଚାଷ ପାଇଁ ପ୍ରୋତ୍ସାହିତ କରାଯାଉଛି । ଏସବୁ ଧନ୍ଦା ଦ୍ୱାରା ଲୋକଙ୍କର ବିଶେଷ କରି ଚାଷୀଙ୍କର ଆୟ ବଢ଼ିବ । 'ମେରା ଗାଓଁ, ମେରା ଗୌରବ' ଯୋଜନାରେ ଚାରିଜଣିଆ କୃଷି ବୈଜ୍ଞାନିକ ଦଳ ପାଞ୍ଚଟି ଗାଁ ବାଛି ସେସବୁକୁ ପୋଷ୍ୟ ଗାଁ ଭାବେ ଗ୍ରହଣ କରୁଛନ୍ତି । ସେହି ଗାଁର ଲୋକଙ୍କୁ ନୂଆ କୃଷି କୌଶଳ, ଯନ୍ତ୍ରପାତି ଓ କୃଷି ପଦ୍ଧତି ସମ୍ପର୍କରେ ନିୟମିତ ଅବଗତ କରାଯାଉଛି । ନିଜର ଆୟ ବୃଦ୍ଧି ପାଇଁ ଚାଷୀଙ୍କ ଜ୍ଞାନ, ଦକ୍ଷତା ଓ ତଥ୍ୟ ଆହରଣ ଶକ୍ତିକୁ ବଢ଼ାଇ ସେମାନଙ୍କୁ ସଶକ୍ତ କରାଯାଉଛି ।

ସରକାର ଚଷୀଙ୍କ ଆୟ ବୃଦ୍ଧି ପାଇଁ ଏବେ ଆଉ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ନିଜର ପଡ଼ିଆ ଜମିରେ ସୌରଶକ୍ତି ଉତ୍ପାଦନ ପାଇଁ ଚାଷୀଙ୍କୁ ଉତ୍ସାହିତ କରାଯାଉଛି । ଏହାଦ୍ୱାରା ଚାଷୀ ସୌର ପମ୍ପ ବସାଇ ନିଜ କ୍ଷେତକୁ ଜଳସେଚିତ କରିପାରିବେ ଏବଂ ବଳକା ବିଜୁଳିକୁ ପାୱାର ଗ୍ରୀଡ୍‌କୁ ବିକି ଲାଭବାନ ହେବେ । ଏହା ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବ । ଚାଷୀଙ୍କଠାରୁ ବଳକା ସୌରଶକ୍ତି ଲାଭଜନକ ମୂଲ୍ୟରେ କିପରି କିଣାଯାଇପାରିବ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରମାନଙ୍କୁ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି ।

୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ ଭାରତ ସରକାର ନିଷ୍ଠାପର ଭାବେ ଉଦ୍ୟମ ଚଳାଇଛନ୍ତି । ଏଥିପାଇଁ ଉପଯୁକ୍ତ ନୀତି, ବାସ୍ତବ କାର୍ଯ୍ୟକ୍ରମ ଏବଂ ଆବଶ୍ୟକ ଅର୍ଥର ବ୍ୟବସ୍ଥା କରାଯାଉଛି । ତେବେ ରାଜ୍ୟ ସରକାର, ଅନ୍ୟାନ୍ୟ ସଂପୃକ୍ତ ପକ୍ଷ, ନିଜେ ଚାଷୀ, ସମବାୟ ସଂସ୍ଥା, ଚାଷୀ ସଂଗଠନ, ଉଦ୍ୟୋଗ ଜଗତ ଏଥିରେ ସାହାଯ୍ୟ ସହଯୋଗ ନ'କଲେ ଏହି ଲକ୍ଷ୍ୟ ପୂରଣ କରିବା ସହଜ ହେବ ନାହିଁ ।

ଲେଖକ ହେଉଛନ୍ତି ଭାରତୀୟ କୃଷି ଗବେଷଣା ପରିଷଦର ପୂର୍ବତନ ମୁଖ୍ୟ ସମ୍ପାଦକ (ହିନ୍ଦି) ।

# ପଳାତକ ଆର୍ଥିକ ଅପରାଧୀ ବିଲ୍ ୨୦୧୮

ଡ. ଭି. ମୁରଲୀ

ସମଗ୍ର ବିଶ୍ୱର ସାଂପ୍ରତିକ ଅର୍ଥନୈତିକ ସ୍ଥିତି ଅସ୍ଥିର। ଏଭଳି ପରିସ୍ଥିତିରେ ଆମ ଦେଶ ବିଶ୍ୱାୟନ ପାଇଁ ନିଜର ଦ୍ୱାର ଉନ୍ମୁକ୍ତ କରିଛି। ଫଳ ସ୍ୱରୂପ ବିଶ୍ୱ ଆର୍ଥିକ ସ୍ଥିତିର କମ୍ପନ ଭାରତରେ ମଧ୍ୟ ଅନୁଭୂତ ହେଉଛି। ଏହା ପୂର୍ବରୁ ସମଗ୍ର ବିଶ୍ୱରେ ଯେଉଁ ଆର୍ଥିକ ମାନ୍ଦାବସ୍ଥା ଓ ଅସ୍ଥିରତା ସୃଷ୍ଟି ହୋଇଥିଲା ତାହାର ପ୍ରଭାବ ଭାରତରେ ବିଶେଷ ଅନୁଭୂତ ହୋଇ ନ ଥିଲା। ତାହାର କାରଣ ହେଲା ଭାରତର ଆର୍ଥିକ ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ପାଇଁ କିଛି ପ୍ରତିକାରମୂଳକ ବ୍ୟବସ୍ଥା ରହିଥିଲା। ଉଦାରବାଦୀ ଆର୍ଥିକ ଓ ବାଣିଜ୍ୟିକ ବ୍ୟବସ୍ଥାର ପ୍ରବର୍ତ୍ତନ ପରେ ଭାରତରେ ବିଶ୍ୱ ଆର୍ଥିକ ଅସ୍ଥିରତାର କମ୍ପନ ଅନୁଭୂତ ହେଲା। ଭାରତର ବାଣିଜ୍ୟ ବ୍ୟବସାୟ ବଢ଼ିଛି। ଏହା ସମଗ୍ର ବିଶ୍ୱକୁ ପ୍ରସାରିତ ହୋଇଛି। ନିଜ ବ୍ୟବସାୟ ପାଇଁ ପାଣ୍ଠି ଯୋଗାଡ଼ କରିବାକୁ ଅନେକ ଉଦ୍ୟୋଗୀ ବ୍ୟାଙ୍କର ସହାୟତା ନେଇଛନ୍ତି। ପୂର୍ବରୁ ଋଣ ପ୍ରଦାନରେ ବେଶ୍ ରକ୍ଷଣଶୀଳ ଥିବା ବ୍ୟାଙ୍କସମୂହ ପରିବର୍ତ୍ତିତ ବଜାରସ୍ଥିତି ଦେଖି ନିଜର ଗ୍ରାହକମାନଙ୍କୁ ସେମାନଙ୍କ ବ୍ୟବସାୟ ବୃଦ୍ଧି ପାଇଁ ସରଳ ବିଶ୍ୱାସରେ ଋଣ ଯୋଗାଇ ଦେଇ ସେମାନଙ୍କ ପୁଞ୍ଜି ଆବଶ୍ୟକତା ପୂରଣ କରିଛନ୍ତି। ଦୁର୍ଭାଗ୍ୟର ବିଷୟ ବିପୁଳ ପରିମାଣର ଋଣ ଦେଇଥିବା ଏହି ବ୍ୟାଙ୍କ ସମୂହ ଏବେ ନିଜର ଅର୍ଥ ଫେରିପାଇବାରେ ନାନାଦି ଅସୁବିଧାର ସମ୍ମୁଖୀନ। ଋଣ ନେଇଥିବା ଉଦ୍ୟୋଗୀମାନେ ତାହା ଫେରାଉ ନାହାନ୍ତି।

ଭାରତୀୟ ପିଙ୍ଗଳ ଆଇନ, ଦୁର୍ନୀତି ନିବାରଣ ଆଇନ ଓ ବେଆଇନ ଅର୍ଥକାରବାର ନିରୋଧ ଆଇନ ସତ୍ତ୍ୱେ ଅର୍ଥନୈତିକ ଅପରାଧ ଓ ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ସହଜ ହେଉନାହିଁ। ଏହି ଅପରାଧକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର କଠୋର ଆଇନ ପ୍ରଣୟନ ଓ ପ୍ରବର୍ତ୍ତନର ଆବଶ୍ୟକତା ଅନୁଭୂତ ହେଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ପଳାତକ ଅର୍ଥନୈତିକ ଅପରାଧୀଙ୍କ ଦଣ୍ଡବିଧାନ ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ଚଳିତ ବର୍ଷର ବଜେଟରେ ଘୋଷଣା କରିଛନ୍ତି। ଏହି ଆଇନ ପ୍ରବର୍ତ୍ତନ ହେଲେ ପଳାତକ ଋଣଗ୍ରହିତାଙ୍କ ସମ୍ପତ୍ତି ଜବତ କରି ତାହାକୁ ବିକି କିମ୍ବା ନିଲାମ କରି ଋଣ ପରିଶୋଧ କରିବାର ବ୍ୟବସ୍ଥା କରାଯିବ। ନିରବ ମୋଦି ଓ ମେହୁଲ ଚୋକ୍ସିଙ୍କ ବିପୁଳ ଋଣ ଠକେଇ ଯୋଗୁଁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବା ପରେ ଏ ସଂକ୍ରାନ୍ତ ବିଲ୍‌କୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ତୁରନ୍ତ ଅନୁମୋଦନ କରିଥିଲା। ଏବେ ଏହି ଆଇନ ପ୍ରଣୟନ ଓ ପ୍ରବର୍ତ୍ତନ ହେବାକୁ ବାଟ ଖୋଲିଯାଇଛି। ଋଣ ନେଇ ତାହାକୁ ନ'ଶୁଝିବା, ବ୍ୟାଙ୍କକୁ ଠକିବା ଏବଂ ଋଣ ଅର୍ଥକୁ ଅନ୍ୟ ଉଦ୍ଦେଶ୍ୟରେ ଖର୍ଚ୍ଚ କରିବା ଭଳି ଘଟଣାକୁ ରୋକିବା ପାଇଁ ଦେଶରେ ଦକ୍ଷ ଆଇନଗତ ବ୍ୟବସ୍ଥା ରହିବା ଉଚିତ। ଏହା ଫଳରେ ପୁଞ୍ଜି ନିବେଶକାରୀଙ୍କ ବିଶ୍ୱାସ ବଢ଼ିବ ଏବଂ ବ୍ୟାଙ୍କ ଗ୍ରାହକଙ୍କର ବ୍ୟାଙ୍କ ବ୍ୟବସ୍ଥା ଉପରେ ଆସ୍ଥା ପ୍ରକଟିତ ହେବ।

**ବିଲ୍‌ର ଯଥାର୍ଥତା ଓ ଏହାର ମୁଖ୍ୟ ଉଦ୍ଦେଶ୍ୟ:**

ବ୍ୟାବସାୟିକ ଚୁକ୍ତି ଭଙ୍ଗ ଓ କାରବାର ଜନିତ ବିଭ୍ରାଟ ଫଳରେ ଅନେକ ଋଣ ଗ୍ରହିତା ବ୍ୟାଙ୍କକୁ ଠିକ୍ ସମୟରେ ସୁଧ ଦେଇ ପାରୁନାହାନ୍ତି ଏବଂ ଋଣ

ପରିଶୋଧରେ ବିଫଳ ହେଉଛନ୍ତି। ପରିସ୍ଥିତି ଅଣାୟତ୍ତ ଦେଖି ଅନେକ ବଡ଼ ବଡ଼ ଋଣ ଗ୍ରହୀତା ଦେଶ ଛାଡ଼ି ମଧ୍ୟ ଚମ୍ପଟ ମାରୁଛନ୍ତି। ଗୁପ୍ତରେ ଦେଶ ଛାଡୁଥିବା ବ୍ୟବସାୟୀମାନଙ୍କ ଉପରେ ବିପୁଳ ଋଣବୋଝ ରହିଛି। ସେମାନେ ଦେଶରେ ରହିଲେ ଗିରଫ ହେବା ନିଶ୍ଚିତ ଜାଣି ଆଗତୁରା ଚମ୍ପଟ ମାରୁଛନ୍ତି। ସେମାନଙ୍କୁ ଧରି ଦେଶ ଭିତରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କର୍ତ୍ତୃପକ୍ଷଙ୍କ ପାଇଁ କାଠିକର ପାଠ ହେଉଛି। ଏଭଳି ଖିଲାପୀ ଓ ପଳାତକ ବ୍ୟବସାୟୀ, ଶିଳ୍ପୋଦ୍ୟୋଗୀ ଓ ଶିଳ୍ପପତିଙ୍କ ଉପରେ ହଜାର ହଜାର କୋଟି ଟଙ୍କାର ଋଣ ରହିଛି। ସେମାନଙ୍କ ମଧ୍ୟରୁ ଅନେକ ଜାଣିଶୁଣି ମନ୍ଦ ଅଭିପ୍ରାୟ ରଖି ମଧ୍ୟ ଋଣ ଶୁଝୁ ନ ଥିବାର ଜଣାପଡ଼ିଛି। କେତେକ ଅସାଧୁ ପଳାତକ ଶିଳ୍ପପତି ଓ ଉଦ୍ୟୋଗୀ ସେମାନଙ୍କ ବିପୁଳ ଅର୍ଥ ବିଦେଶର ବିଭିନ୍ନ ସଂସ୍ଥାରେ ବିନିଯୋଗ କରିଛନ୍ତି। ସେସବୁରୁ ଆସୁଥିବା ଅର୍ଥରେ ଏହି ପଳାତକ ଧନିକମାନେ ବିଦେଶରେ ଅୟସ ଜୀବନ କାଟୁଛନ୍ତି ଯେଉଁଠି ଭାରତୀୟ ଦଣ୍ଡବିଧି ଆଇନର ଭୟ କିମ୍ବା ଦେଶର ତଦନ୍ତକାରୀ ସଂସ୍ଥାଙ୍କର କୌଣସି କର୍ତ୍ତୃତ୍ୱ ନାହିଁ। ଦେଶର ଅର୍ଥନୀତିରେ ଏଭଳି ଗୁରୁତର ସଂକଟ ସୃଷ୍ଟି କରୁଥିବା ପଳାତକ ଋଣୀ ଓ ଋଣ ଖିଲାପକାରୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତର ବର୍ତ୍ତମାନର ଦେୱାନୀ ଓ ଫୌଜଦାରୀ ଆଇନରେ ଯଥେଷ୍ଟ ବ୍ୟବସ୍ଥା ନାହିଁ।

ପଳାତକ ଅପରାଧୀ ବା ଅଭିଯୁକ୍ତଙ୍କୁ ଦେଶକୁ ଆଣିବା ପାଇଁ ଯେଉଁ ଆଇନଗତ ପ୍ରତ୍ୟର୍ପଣ ବ୍ୟବସ୍ଥା ଅଛି ତାହା ଅତ୍ୟନ୍ତ ଜଟିଳ ଏବଂ ସମୟସାପେକ୍ଷ। ଅତଏବ ଏ କ୍ଷେତ୍ରରେ ଯେଉଁ ଆଇନଗତ ଦୁର୍ବଳତା ବା ତ୍ରୁଟି ବିଚ୍ୟୁତି ରହିଛି ତାହକୁ ସଂଶୋଧନ କରି ପଳାତକ ଅର୍ଥନୈତିକ ଅପରାଧୀମାନଙ୍କୁ ପ୍ରତ୍ୟର୍ପଣ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏ କ୍ଷେତ୍ରରେ ଦୁଇଟି ବିଷୟରେ ଆଇନ ସ୍ପଷ୍ଟ ହେବାର ଆବଶ୍ୟକତା ରହିଛି। ପ୍ରଥମଟି ହେଲା ସଂପୃକ୍ତ ପଳାତକ ଅର୍ଥନୈତିକ ଅପରାଧୀଙ୍କ ପ୍ରତ୍ୟର୍ପଣ ବ୍ୟବସ୍ଥା ସଂକ୍ରାନ୍ତରେ ସ୍ପଷ୍ଟ ତଥା ପ୍ରଭାବଶାଳୀ ଆଇନ ପ୍ରଣୟନ ଓ ଦ୍ୱିତୀୟଟି ହେଲା ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରି ତାହାକୁ ନିଲାମ କରିବା ସଂକ୍ରାନ୍ତ ଆଇନ। ଏଭଳି ଆଇନଗତ ବ୍ୟବସ୍ଥା ରହିଲେ ଏବଂ ତାହାର ରୂପାୟଣ ପାଇଁ ସରକାରୀ ବ୍ୟବସ୍ଥା ତତ୍ପର ହେଲେ ଆର୍ଥିକ ଅପରାଧ ଭିଆଇବା ଏବଂ ଦେଶଛାଡ଼ିବାକୁ ଲୋକେ ଭୟ କରିବେ। ଜାତିସଂଘର ଯେଉଁ ଦୁର୍ନୀତି ବିରୋଧୀ ନିର୍ଦ୍ଦେଶାବଳୀ ରହିଛି ସେଥିରେ ଦୋଷୀସାବ୍ୟସ୍ତ ହେବା ପୂର୍ବରୁ ଜଣେ ଅଭିଯୁକ୍ତର ସମ୍ପତ୍ତିକୁ ଜବତ ବା କୋରଖ କରାଯାଇ ନିଲାମ କରାଯାଇପାରିବ। ଅତଏବ ସରକାର ଯେଉଁ ନୂଆ ବିଲ୍ ଏ ସଂପର୍କରେ ପ୍ରସ୍ତୁତ କରୁଛନ୍ତି ସେଥିରେ ଏଭଳି ପ୍ରଗତିଶୀଳ ବ୍ୟବସ୍ଥାକୁ ସାମିଲ କରିବାକୁ ଧ୍ୟାନ ଦିଆଯାଇଛି।

ଭାରତୀୟ ପିଙ୍ଗଳ ଆଇନ, ଦୁର୍ନୀତି ନିବାରଣ ଆଇନ ଓ ବେଆଇନ ଅର୍ଥକାରବାର ନିରୋଧ ଆଇନ ସତ୍ତ୍ୱେ ଅର୍ଥନୈତିକ ଅପରାଧ ଓ ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ସହଜ ହେଉନାହିଁ। ଏହି ଅପରାଧକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର କଠୋର ଆଇନ ପ୍ରଣୟନ ଓ ପ୍ରବର୍ତ୍ତନର ଆବଶ୍ୟକତା ଅନୁଭୂତ ହେଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ପଳାତକ ଅର୍ଥନୈତିକ ଅପରାଧୀଙ୍କ ଦଣ୍ଡବିଧାନ ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ଚଳିତ ବର୍ଷର ବଜେଟରେ ଘୋଷଣା କରିଛନ୍ତି। ଏହି ଆଇନ ପ୍ରବର୍ତ୍ତନ ହେଲେ ପଳାତକ ଋଣଗ୍ରହିତାଙ୍କ ସମ୍ପତ୍ତି ଜବତ କରି ତାହାକୁ ବିକି କିମ୍ବା ନିଲାମ କରି ଋଣ ପରିଶୋଧ କରିବାର ବ୍ୟବସ୍ଥା କରାଯିବ।

୨୦୧୮ ମାର୍ଚ୍ଚ ୧୨ ତାରିଖରେ ପଳାତକ ଆର୍ଥିକ ଅପରାଧୀ ବିଲ୍ ଲୋକସଭାରେ ଉପସ୍ଥାପିତ ହୋଇଛି। ଏହି ବିଲ୍‌ର ମୁଖବନ୍ଧରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଭାରତର ଆଇନ ଓ ବିଚାର ବ୍ୟବସ୍ଥାକୁ ଫାଙ୍କି ବିଦେଶରେ ରହି ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇବାକୁ ପ୍ରୟାସୀ ପଳାତକ ଅର୍ଥନୈତିକ ଅପରାଧୀମାନଙ୍କ ଧରି ସେମାନଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ଆଇନ ଶାସନର ପବିତ୍ରତାର ସୁରକ୍ଷା ଏହାର ପ୍ରମୁଖ ଲକ୍ଷ୍ୟ।

**ବିଲ୍:**

ଏହି ବିଲ୍‌ର ବ୍ୟବସ୍ଥା ଅନୁସାରେ ୧୦୦ କୋଟି ବା ତଦୁର୍ଦ୍ଧ୍ୱ ଟଙ୍କାର ଅର୍ଥନୈତିକ ଅପରାଧ ମାମଲାର ବିଚାର ନୂଆ ଆଇନ ଅନୁସାରେ କରାଯିବ। ସେହିଭଳି ପଳାତକ ଅର୍ଥନୈତିକ ଅପରାଧୀମାନଙ୍କୁ ଭାରତ ଫେରାଇ ଆଣି ସେମାନଙ୍କୁ ବିଚାରର ସମ୍ମୁଖୀନ କରାଇବା ପାଇଁ ବିଲ୍‌ରେ ବିଭିନ୍ନ ବ୍ୟବସ୍ଥା ରହିଛି। ଅର୍ଥନୈତିକ ଅପରାଧୀମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ ଓ ନିଲାମ କରିବାର ବ୍ୟବସ୍ଥା ବିଲ୍‌ରେ ଅଛି। ଏହାଫଳରେ ଋଣ ଦେଇଥିବା ବ୍ୟାଙ୍କ ଓ ବିତ୍ତୀୟ ଅନୁଷ୍ଠାନ ନିଜର ଅର୍ଥ ଆଦାୟ କରିବା ସହଜ ହେବ।

ବିଲ୍‌ର ପ୍ରସ୍ତାବ ଅନୁସାରେ ଜଣେ ଆର୍ଥିକ ଅପରାଧୀକୁ ପଳାତକ ଘୋଷଣା କରିବା ପୂର୍ବରୁ ସେ ଯଦି ଭାରତ ଫେରି ଆଇନ ଅନୁସାରେ ଅଦାଲତରେ ହାଜର ହୋଇ ନିଜର ପକ୍ଷ ଉପସ୍ଥାପନ କରେ ତେବେ ତା'କୁ କିଛି ଆଇନଗତ କୋହଳ ସର୍ତ୍ତ ବା ଅବ୍ୟାହତି ମିଳିପାରେ। ଅନେକ ବିଚରବିମର୍ଶ ପରେ ଏହି ବିଲ୍ ପ୍ରସ୍ତୁତ ହୋଇଛି ଏବଂ ଏଥିରେ ଆବଶ୍ୟକ ନିରାପତ୍ତା ଓ ପ୍ରତିବିଧାନ ବ୍ୟବସ୍ଥା ରହିଛି। ଓକିଲଙ୍କ ଜରିଆରେ ସଂପୃକ୍ତ ପକ୍ଷ ନିଜର ଜବାବ ଉପସ୍ଥାପନ କରିବାର ବ୍ୟବସ୍ଥା ଅଛି। ଅଭିଯୁକ୍ତ / ଅପରାଧୀଙ୍କୁ ଜବାବ ଦାଖଲ ପାଇଁ ମହଲତ ଦେବାର ବ୍ୟବସ୍ଥା କରାଯାଇଛି। ପ୍ରଥମେ ସେ ଦେଶରେ କି ବିଦେଶରେ ଅଛନ୍ତି ସେଥିପାଇଁ ସଂପୃକ୍ତ ଅପରାଧୀଙ୍କୁ ନୋଟିସ ପ୍ରଦାନ କରାଯିବ। ହାଇକୋର୍ଟରେ ନିଜ ପକ୍ଷ ରଖିବାକୁ ସଂପୃକ୍ତ



ଅପରାଧୀ ସୁଯୋଗ ପାଇବେ। ଅପରାଧୀଙ୍କ ସମ୍ପତ୍ତି ଜବତ ଓ ନିଲାମ ଆଦି କରିବା ପାଇଁ ଜଣେ ଜଣେ ପ୍ରଶାସକଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା ବିଲ୍‌ରେ ଅଛି। ସେ ଆଇନାନୁସାରେ ଏହିସବୁ କାର୍ଯ୍ୟ ସମ୍ପନ୍ନ କରିବେ। ପୂର୍ବର ବେଆଇନ ଅର୍ଥ କାରବାର ଆଇନ, ସାକ୍ଷ୍ୟପ୍ରମାଣ ଆଇନ, ଭାରତୀୟ ଦଣ୍ଡବିଧି ଆଇନକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବାକୁ ଏହି ବିଲ୍‌ରେ ବ୍ୟବସ୍ଥା ହୋଇଛି।

**ପଳାତକ ଆର୍ôଥିକ ଅପରାଧୀର ସଂଜ୍ଞା:**

ଯେକୌଣସି ବ୍ୟକ୍ତି, ଯାହାଙ୍କ ବିରୋଧରେ ସୂଚୀଭୁକ୍ତ ଏକ ଅପରାଧରେ ଭାରତର କୌଣସି ଏକ ଅଦାଲତ ଦ୍ୱାରା ଗିରଫ ପରୱାନା ଜାରି ହୋଇଥିବ ଏବଂ ସେ ବ୍ୟକ୍ତି (୧) ଫୌଜଦାରୀ ମାମଲାକୁ ଏଡ଼ାଇବା ପାଇଁ ଭାରତ ଛାଡ଼ିଥିବେ କିମ୍ବା (୨) ବିଦେଶରେ ଥିଲେ ମଧ୍ୟ ଭାରତକୁ ଆସି ଫୌଜଦାରୀ ମାମଲାର ସମ୍ମୁଖୀନ ହେବାକୁ ରାଜି ହେଉ ନ ଥିବେ, ତାଙ୍କୁ ଆଇନତଃ ପଳାତକ ଅପରାଧୀ ଭାବେ ବିବେଚନା କରାଯିବ।

**କାର୍ଯ୍ୟକାରିତା:**

ଏହି ପ୍ରସ୍ତାବିତ ଆଇନର କାର୍ଯ୍ୟକାରିତା ବେଆଇନ ଅର୍ଥ କାରବାର ନିରୋଧ ଆଇନ ୨୦୦୨ ୟୁ/ଏସ୍ ୪୯(୧) ବଳରେ ନିଯୁକ୍ତ ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକଙ୍କ ଦ୍ୱାରା କାର୍ଯ୍ୟକାରୀ ହେବ। ଏହି ଦୁଇ ଅଧିକାରୀଙ୍କ ମଧ୍ୟରୁ କେହି ଜଣେ ପିଏମ୍ଏଲ୍ଏ ଆଇନ-୨୦୦୨ ବଳରେ ଗଠିତ ସ୍ୱତନ୍ତ୍ର ଅଦାଲତରେ ଜଣକୁ ଆର୍ଥିକ ଅପରାଧୀ ଭାବେ ଘୋଷଣା କରିବାକୁ ଆବେଦନ କରିବେ। ଏହି ଆବେଦନ ପତ୍ରରେ ସଂପୃକ୍ତ ବ୍ୟକ୍ତିଙ୍କୁ କାହିଁକି ପଳାତକ ଆର୍ଥିକ ଅପରାଧୀ ଘୋଷଣା କରାଯିବ ତାହାର କାରଣ, ସେ ରହୁଥିବା ସ୍ଥାନ ଠିକଣା ବିଷୟରେ କିଛି ସୂଚନା, ସେ ଅସତ୍ ଉପାୟରେ ଅର୍ଜିଥିବା ସମ୍ପତ୍ତି ବୋଲି ବିଚାର ହେଉଥିବା ସମ୍ପତ୍ତିର ବାଜ୍ୟାପ୍ତି ତାଲିକା, ବାଜ୍ୟାପ୍ତ ହେବାକୁ ଥିବା ବେନାମୀ ଓ ବିଦେଶୀ ସମ୍ପତ୍ତିର ତାଲିକା ଏବଂ ଏସବୁ ସମ୍ପତ୍ତି ପ୍ରତି ଆଗ୍ରହୀ ଥିବା ବ୍ୟକ୍ତି ବିଶେଷଙ୍କର ଏକ ତାଲିକା ଅଦାଲତରେ ଦାଖଲ କରିବାକୁ ହେବ।

ସବିଶେଷ ତଥ୍ୟାବଳୀ ସହ ଏହି ଆବେଦନ ପତ୍ର ପାଇବା ପରେ ସ୍ୱତନ୍ତ୍ର ଅଦାଲତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହାଜର ହେବାକୁ ବିଜ୍ଞପ୍ତି ଜାରି କରିବେ। ବିଜ୍ଞପ୍ତି ପ୍ରକାଶର ଛ' ସପ୍ତାହ (୪୨ ଦିନ) ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଓ ନିର୍ଦ୍ଦିଷ୍ଟ ସମୟରେ ତାଙ୍କୁ ହାଜର ହେବାକୁ ପଡ଼ିବ। ଏଥିରେ ବିଫଳ ହେଲେ ତାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରାଯିବ। ଏହା ସହିତ ନିୟମ ଅନୁସାରେ ତାଙ୍କର ସମ୍ପତ୍ତି ବାଜ୍ୟାପ୍ତ ହେବ। ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୁକ୍ତ ଅଦାଲତରେ ହାଜର ହେଲେ ତାଙ୍କ ବିରୋଧରେ ନିୟମ ଅନୁସାରେ ମାମଲା ଚାଲିବ କିନ୍ତୁ ତାଙ୍କୁ ପଳାତକ ଆର୍ଥିକ ଅପରାଧୀ ଘୋଷଣା କରାଯିବ ନାହିଁ।

**ସମ୍ପତ୍ତି ବାଜ୍ୟାପ୍ତ ଓ ନିଲାମ:**

ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକ ଆବେଦନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ସ୍ୱତନ୍ତ୍ର ଅଦାଲତଙ୍କ ଅନୁମତି ଓ ଲିଖିତ ନିର୍ଦ୍ଦେଶ ଦ୍ୱାରା ବାଜ୍ୟାପ୍ତ ବା କୋରଖ କରିପାରିବେ। ତେବେ ଏଥିରେ ଏକ ଅସ୍ଥାୟୀ ବାଜ୍ୟାପ୍ତି ବ୍ୟବସ୍ଥା ରହିଛି। କୌଣସି ଅଭିଯୁକ୍ତ ଆର୍ଥିକ ଅପରାଧୀ ଘୋଷିତ ହେବା ପୂର୍ବରୁ କର୍ତ୍ତୃପକ୍ଷ ତାହର କୌଣସି ସମ୍ପତ୍ତିକୁ ଅସ୍ଥାୟୀ ଭାବେ ବାଜ୍ୟାପ୍ତ କରି ପାରନ୍ତି। ତେବେ ଏଥିପାଇଁ ସ୍ୱତନ୍ତ୍ର ଅଦାଲତରେ ୩୦ ଦିନ ପୂର୍ବରୁ ଆବେଦନ କରି ଅନୁମତି ନେବାକୁ ପଡ଼ିବ। ଏହି ସମ୍ପତ୍ତି ଉପରେ ଜବତନାମା ୧୮୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ଏହା ପରେ ସ୍ୱତନ୍ତ୍ର ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଏହି ମିଆଦ ବଢ଼ିପାରେ। ତା' ଭିତରେ ଅଭିଯୁକ୍ତଙ୍କୁ ସମ୍ପୃକ୍ତ ସମ୍ପତ୍ତିର ଭୋଗ ଦଖଲରୁ ବଂଚିତ କରାଯାଇପାରିବ ନାହିଁ। ସେ ଯଦି ତଦନ୍ତରେ ନିର୍ଦ୍ଦୋଷ ପ୍ରମାଣିତ

ହୁଅନ୍ତି ତା ହେଲେ ତାଙ୍କୁ ତାଙ୍କ ସମ୍ପତ୍ତି ଫେରାଇ ଦିଆଯିବ। ସେ ଦୋଷୀ ସାବ୍ୟସ୍ତ ହେଲେ ସମ୍ପତ୍ତି ନିଲାମ ହେବ।

**ନିର୍ଦ୍ଦେଶକଙ୍କ କ୍ଷମତା:**

ନିର୍ଦ୍ଦେଶକ ବା ତାଙ୍କ ଦ୍ୱାରା ଅଧିକୃତ ଅନ୍ୟ ଅଧିକାରୀଙ୍କର ସିଭିଲ କୋର୍ଟ ବିଚାରପତିଙ୍କ କ୍ଷମତା ରହିବ। ତାଙ୍କ ପାଖରେ ଥିବା ନଥିପତ୍ର ଓ ତଥ୍ୟ ପ୍ରମାଣକୁ ଆଧାର କରି ଜଣେ ବ୍ୟକ୍ତି ପଳାତକ ଅପରାଧୀ କି ନୁହଁନ୍ତି ତାହା ସେ ନିର୍ଣ୍ଣୟ କରିବାକୁ ହକ୍‌ଦାର। ସେ ନିଜର ତଦନ୍ତ ବା କାର୍ଯ୍ୟ ସମୟରେ ନିଜ ଅଧିକାର କ୍ଷେତ୍ରରେ ଯେକୌଣସି ସ୍ଥାନ କିମ୍ବା ଆବଶ୍ୟକସ୍ଥଳେ ବା ଦପ୍ତରର ଅଧିକାରୀ, କର୍ମଚାରୀ ଓ ଉପସ୍ଥିତ ଅନ୍ୟ ଯେକୌଣସି ବ୍ୟକ୍ତିବିଶେଷଙ୍କୁ ରେକର୍ଡପତ୍ର ଯାଞ୍ଚ, ନିରୀକ୍ଷଣ ଓ ତଦନ୍ତ ପାଇଁ ସହାୟତା ଯୋଗାଇଦେବାକୁ ପୂର୍ବରୁ ଲିଖିତ ଅନୁରୋଧ କରିବେ। ସେ ସେଠାରେ ଯେଉଁ ନଥିପତ୍ର ତନଖି କରିବେ ତାହାର ଏକ ତାଲିକା କରିବା ସହ ସେସବୁକୁ ଚିହ୍ନଟ କରାଯିବ। ଆବଶ୍ୟକ ପଡ଼ିଲେ ସେ ସେଠାକାର ଅଧିକାରୀ, କର୍ମଚାରୀଙ୍କଠାରୁ ଷ୍ଟେଟ୍‌ମେଣ୍ଟ (ବିବୃତ୍ତି ବା ମତାମତ) ରେକର୍ଡ କରିପାରିବେ।

**ଅପରାଧୀ ଘୋଷଣା:**

ସ୍ୱତନ୍ତ୍ର କୋର୍ଟ ଆବେଦନକୁ ଗ୍ରହଣ କରି ତା' ଉପରେ ଆବଶ୍ୟକ ଶୁଣାଣି କରିବା ପରେ ଜଣେ ବ୍ୟକ୍ତିବିଶେଷଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରିପାରିବେ। ଆବଶ୍ୟକସ୍ଥଳେ ସମ୍ପୃକ୍ତ ଅପରାଧୀଙ୍କ ଦେଶବିଦେଶରେ ଥିବା କଥିତ ବେନାମୀ, ପାପାର୍ଜିତ ସମ୍ପତ୍ତି, ଅନ୍ୟ ସମ୍ପତ୍ତିକୁ ଜବତ ଓ ନିଲାମ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇପାରିବେ। ବାଜ୍ୟାପ୍ତ ହେବା ପରେ ସେ ସମ୍ପତ୍ତି କେନ୍ଦ୍ର ସରକାରଙ୍କ ମାଲିକାନାରେ ରହିବ ଓ ଏହା ଉପରେ ଅନ୍ୟ କାହାର ଦାବି ରହିବ ନାହିଁ।

ବ୍ୟାବସାୟିକ ଚୁକ୍ତି ଭଙ୍ଗ ଓ କାରବାର ଜନିତ ବିଭ୍ରାଟ ଫଳରେ ଅନେକ ଋଣ ଗ୍ରହିତା ବ୍ୟାଙ୍କକୁ ଠିକ୍ ସମୟରେ ସୁଧ ଦେଇ ପାରୁନାହାନ୍ତି ଏବଂ ଋଣ ପରିଶୋଧରେ ବିଫଳ ହେଉଛନ୍ତି। ପରିସ୍ଥିତି ଅଣାୟତ୍ତ ଦେଖି ଅନେକ ବଡ଼ ବଡ଼ ଋଣ ଗ୍ରହୀତା ଦେଶ ଛାଡ଼ି ମଧ୍ୟ ଚମ୍ପଟ ମାରୁଛନ୍ତି। ଗୁପ୍ତରେ ଦେଶ ଛାଡୁଥିବା ବ୍ୟବସାୟୀମାନଙ୍କ ଉପରେ ବିପୁଳ ଋଣବୋଝ ରହିଛି। ସେମାନେ ଦେଶରେ ରହିଲେ ଗିରଫ ହେବା ନିଶ୍ଚିତ ଜାଣି ଆଗତୁରା ଚମ୍ପଟ ମାରୁଛନ୍ତି। ସେମାନଙ୍କୁ ଧରି ଦେଶ ଭିତରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କର୍ତ୍ତୃପକ୍ଷଙ୍କ ପାଇଁ କାଠିକର ପାଠ ହେଉଛି। ଏଭଳି ଖିଲାପୀ ଓ ପଳାତକ ବ୍ୟବସାୟୀ, ଶିଳ୍ପୋଦ୍ୟୋଗୀ ଓ ଶିଳ୍ପପତିଙ୍କ ଉପରେ ହଜାର ହଜାର କୋଟି ଟଙ୍କାର ଋଣ ରହିଛି। ସେମାନଙ୍କ ମଧ୍ୟରୁ ଅନେକ ଜାଣିଶୁଣି ମନ୍ଦ ଅଭିପ୍ରାୟ ରଖି ମଧ୍ୟ ଋଣ ଶୁଝୁ ନ ଥିବାର ଜଣାପଡ଼ିଛି। କେତେକ ଅସାଧୁ ପଳାତକ ଶିଳ୍ପପତି ଓ ଉଦ୍ୟୋଗୀ ସେମାନଙ୍କ ବିପୁଳ ଅର୍ଥ ବିଦେଶର ବିଭିନ୍ନ ସଂସ୍ଥାରେ ବିନିଯୋଗ କରିଛନ୍ତି। ସେସବୁରୁ ଆସୁଥିବା ଅର୍ଥରେ ଏହି ପଳାତକ ଧନିକମାନେ ବିଦେଶରେ ଅୟସ ଜୀବନ କାଟୁଛନ୍ତି ଯେଉଁଠି ଭାରତୀୟ ଦଣ୍ଡବିଧି ଆଇନର ଭୟ କିମ୍ବା ଦେଶର ତଦନ୍ତକାରୀ ସଂସ୍ଥାଙ୍କର କୌଣସି କର୍ତ୍ତୃତ୍ୱ ନାହିଁ।

**ପ୍ରଶାସକ:**

ଆଇନର ଧାରା ୧୫ ଅନୁସାରେ କେନ୍ଦ୍ର ସରକାର ଜଣେ ପ୍ରଶାସକ (ଆଡ୍‌ମିନିଷ୍ଟ୍ରେଟର) ଏହି ସମ୍ପତ୍ତିର ପରିଚାଳନା ପାଇଁ ନିଯୁକ୍ତି କରିପାରିବେ। ସଂପୃକ୍ତ ଅଧିକାରୀ କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ପାହ୍ୟାର ହୋଇଥିବେ। ତାଙ୍କ ଉପରେ ଜବତ ସମ୍ପତ୍ତିର ଦାୟିତ୍ୱ ନ୍ୟସ୍ତ ହେବ ଓ ସେ ଏହାର ଗ୍ରହୀତା (ରିସିଭର) ଭାବେ କାର୍ଯ୍ୟ କରିବେ। ସେ ସମ୍ପତ୍ତି କିପରି ନିଲାମ ବା ବିକ୍ରି ହେବ ତାହା ସେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କରିବେ। ତେବେ ନିର୍ଦ୍ଦେଶର ୯୦ ଦିନ ଯାଏ ଜବତ ସମ୍ପତ୍ତିର ବିକ୍ରିବଟା ବା ନିଲାମ କରାଯାଇ ପାରିବ ନାହିଁ।

**ଆବେଦନ (ଅପିଲ):**

ସ୍ୱତନ୍ତ୍ର ଅଦାଲତଙ୍କ ରାୟ ଉପରେ ହାଇକୋର୍ଟରେ ସଂପୃକ୍ତ ପକ୍ଷ ଆବେଦନ କରିପାରିବେ। ରାୟ ପ୍ରକାଶର ୩୦ ଦିନ ମଧ୍ୟରେ ଉକ୍ତ ଅଦାଲତକୁ ଯିବାର ବ୍ୟବସ୍ଥା କ୍ଷତିଗ୍ରସ୍ତଙ୍କ ପାଇଁ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଅପିଲ ହୋଇ ନ ଥିଲେ ହାଇକୋର୍ଟ ଚାହିଁଲେ ୩୦ ଦିନ ପରେ ମଧ୍ୟ ଏହାର ଶୁଣାଣି କରିପାରିବେ। ତେବେ ସଂପୃକ୍ତ ପକ୍ଷ ରାୟର ୩୦ ଦିନ ଭିତରେ କାହିଁକି ଅପିଲ କରିପାରିଲେ ନାହିଁ ସେ ସମ୍ପର୍କରେ ହାଇକୋର୍ଟ ସନ୍ତୋଷଜନକ କାରଣ ପାଇବାର ଆବଶ୍ୟକତା ରହିଛି। ସ୍ୱତନ୍ତ୍ର ଅଦାଲତଙ୍କ ରାୟର ୯୦ ଦିନ ପରେ ହାଇକୋର୍ଟରେ ଏ ସଂକ୍ରାନ୍ତ କୌଣସି ଅପିଲ ଶୁଣାଣି ପାଇଁ ଗୃହୀତ ହେବ ନାହିଁ।

**ଉପସଂହାର:**

ଆଶା କରାଯାଉଛି ଯେ ଏହି ନୂଆ ବିଲ୍ ବଡ଼ ଧରଣର ଆର୍ଥିକ ଅପରାଧ କରି ବିଦେଶକୁ ପଳାଇ ଯାଇଥିବା ବ୍ୟକ୍ତିବିଶେଷଙ୍କୁ ଧରିବା ଓ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବାରେ ସହାୟକ ହେବ। ସେମାନଙ୍କ ବାଜ୍ୟାପ୍ତ ସମ୍ପତ୍ତି ନିଲାମରୁ ଯେଉଁ ଅର୍ଥ ମିଳିବ ତାହା ଦେଶର ରାଜକୋଷକୁ ଯିବ ଏବଂ ଏହା ସମୃଦ୍ଧ ହେବ। ସେହିଭଳି ଏହି ବିଲ୍ ଆଇନରେ ପରିଣତ ହେଲେ ନୂଆ ଆର୍ଥିକ ଠକେଇ ବା ଅପରାଧ କରିବାକୁ ମସୁଧା କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏକ ଆଇନଗତ ଉତ୍ସ ସୃଷ୍ଟି ହୋଇ ସେମାନଙ୍କୁ ଏଥିରୁ ନିବୃତ୍ତ କରିବ।

ଲେଖକ ହେଉଛନ୍ତି ଜଣେ ଖ୍ୟାତନାମା ଟିକସ ବିଶାରଦ ଓ ଚାଟର୍ଡ ଆକାଉଣ୍ଟାଣ୍ଟ।

# କ୍ରୟଶକ୍ତି ମଧ୍ୟରେ ଲୋକଙ୍କୁ ଘର ଯୋଗାଣ ନିଶ୍ଚିତ କରିବା ପ୍ରୟାସ

ଡ. ରଞ୍ଜିତ ମେହେଟା

ସଭ୍ୟତାର ପ୍ରାରମ୍ଭରୁ ବ୍ୟକ୍ତିବିଶେଷ, ପରିବାର, ଗୋଷ୍ଠୀ ଓ ସରକାର- ସମସ୍ତଙ୍କ ପାଇଁ ଆବାସ ପ୍ରମୁଖ ଆବଶ୍ୟକତା ଭାବେ ଉପଲବ୍ଧ ହୋଇଆସୁଛି । ଏକବିଂଶ ଶତାବ୍ଦୀକୁ ସହରାଞ୍ଚଳ ଶତାବ୍ଦୀଭାବେ ନାମିତ କରାଯାଇଛି; କାରଣ ସଭ୍ୟତାର ଆରମ୍ଭକାଳରୁ ପ୍ରଥମଥର ପାଇଁ ଅଧିକରୁ ଅଧିକ ଲୋକ ଏବେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ବାସ କରୁଛନ୍ତି । ଏହି ଆବାସିକ ପ୍ରକ୍ରିୟାଟି ଅପ୍ରତ୍ୟାଶିତ ନୁହେଁ । ଏବେ ଦୁନିଆ ବଦଳିଛି ଓ ଉପାର୍ଜନ ତଥା ଉପଭୋଗର ଢାଞ୍ଚାରେ ବ୍ୟାପକ ପରିବର୍ତ୍ତନ ଆସିଛି । ନୂଆ ଅର୍ଥନୀତି ସହରାଞ୍ଚଳରେ ଅଧିକରୁ ଅଧିକ ନିଯୁକ୍ତି ଓ ରୋଜଗାର ସୃଷ୍ଟି କରୁଛି । ସହରାଞ୍ଚଳରେ ବଞ୍ଚିବାର ମୌଳିକ ସୁବିଧାସୁଯୋଗ ମଧ୍ୟ ଗ୍ରାମାଞ୍ଚଳ ତୁଳନାରେ ଅପେକ୍ଷାକୃତ ଯଥେଷ୍ଟ ଭଲ । ତେଣୁ ସହରାଞ୍ଚଳରେ ଅଧିକରୁ ଅଧିକ ଲୋକ ବସବାସ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ତେବେ ସହରାଞ୍ଚଳକୁ ହଠାତ୍ ଅଧିକରୁ ଅଧିକ ଲୋକ ଚାଲି ଆସୁଥିବାରୁ ବାସଗୃହର ଅଭାବ ବିଶେଷଭାବେ ପରିଲକ୍ଷିତ ହେଉଛି । ଦେଶର ମହାନଗରୀ ଏବଂ ପ୍ରାଦେଶିକ ରାଜଧାନୀ ସହରଗୁଡ଼ିକରେ ଏହି ସମସ୍ୟା ଉତ୍କଟ । ଘରର ଅଭାବ ଓ ରହିବାକୁ ଜାଗା ନମିଳିବାରୁ ଗ୍ରାମାଞ୍ଚଳରୁ ଆସୁଥିବା ଲୋକମାନେ ସହରର ବସ୍ତି, ଅପନ୍ତରା ଓ ଅପରିଚ୍ଛନ୍ନ ଅଞ୍ଚଳରେ ରହିବାକୁ ବାଧ୍ୟ ହେଉଛନ୍ତି । ଆବାସ ଅଭାବରୁ ପ୍ରତ୍ୟେକ ନଗର, ସହରର ୫୦ ଶତାଂଶ ଲୋକ ବସ୍ତି ଅଞ୍ଚଳରେ ବାସ କରିବାକୁ ବାଧ୍ୟ ହୁଅନ୍ତି ।

ଦ୍ରୁତ ସହରାୟନ ଓ ଲୋକଙ୍କର ଅଧିକ ସଂଖ୍ୟାରେ ସହରକୁ ଗମନ ଫଳରେ ଘଟୁଥିବା ପରିବର୍ତ୍ତନମାନ ବିଗତ କେଇ ଦଶକରେ ଆମେ ଦେଖିଛୁ । ଏହାଦ୍ୱାରା ଲୋକଙ୍କର ରୋଜଗାର ସ୍ତର ବଢ଼ିଛି । ସହରରେ ଜନସଂଖ୍ୟା ବୃଦ୍ଧି ସହିତ ପରିବହନ, ଆବାସ, ଜଳ, ଜମି ଓ ଅନ୍ୟାନ୍ୟ ସହରାଞ୍ଚଳ ମୌଳିକ ଆବଶ୍ୟକତା ଉପରେ ଚାପ ବୃଦ୍ଧି ପାଇଛି । ଦେଶର ସାମଗ୍ରିକ ଜନସଂଖ୍ୟା ବୃଦ୍ଧି ହାର ଗତ ଦଶନ୍ଧି ତୁଳନାରେ କମିଥିଲେ ମଧ୍ୟ ସହରାଞ୍ଚଳ ଜନସଂଖ୍ୟା ହାର ବଢ଼ିଛି । ଏହା ବାର୍ଷିକ ଜାତୀୟ ଜନସଂଖ୍ୟା ବୃଦ୍ଧି ହାରର ପ୍ରାୟ ଦୁଇଗୁଣ ହାରରେ ବଢୁଛି । ୨୦୩୧ ବେଳକୁ ଭାରତର ସହରାଞ୍ଚଳ ଜନସଂଖ୍ୟା ୬୦କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ୨୦୧୧ ଜନଗଣନା ଅନୁସାରେ ଭାରତର ସହରାଞ୍ଚଳ ଜନସଂଖ୍ୟା ଥିଲା ୩୭ କୋଟି ୭୦ଲକ୍ଷ । ଅତଏବ ଏହି ବୃଦ୍ଧି ହାର ୭୫ ଶତାଂଶରେ ପହଞ୍ଚିବ, ଯାହା ୨୦୦୯-୧୦ରେ ଥିଲା ୬୨ରୁ ୬୩ ଶତାଂଶ । ସେହିଭଳି ୨୦୧୧ରେ ଦେଶରେ ମୋଟ ସହର (ସିଟି) ସଂଖ୍ୟା ଥିଲା ମାତ୍ର ୫୦ । ୨୦୩୧ସୁଦ୍ଧା ଏହି ସଂଖ୍ୟା ୮୭ରେ ପହଞ୍ଚିବ ବୋଲି ହିସାବ କରାଯାଇଛି । ଆକଳନ ଅନୁସାରେ ଦେଶର ଜିଡିପିକୁ ସହରାଞ୍ଚଳର ଅବଦାନ ୨୦୦୯-୧୦ରେ ୬୨-୬୩% ଥିବାବେଳେ ୨୦୩୧ସୁଦ୍ଧା ଏହି ହାର ୭୫ ଶତାଂଶରେ ପହଞ୍ଚିବ । ଅତଏବ ସହରାଞ୍ଚଳରେ ଜୀବନ ଧାରଣର ମାନ ବୃଦ୍ଧି ପାଇଁ ମୌଳିକ ସୁବିଧା ସୁଯୋଗ ସୃଷ୍ଟି ଓ ଅଧିକରୁ ଅଧିକ ଘର

ତିଆରିର ଜରୁରୀ ଆବଶ୍ୟକତା ରହିଛି । ଏଥିପାଇଁ ସହରାଞ୍ଚଳ ଆବାସ ସଂକ୍ରାନ୍ତ ବୈଷୟିକ ଗୋଷ୍ଠୀ ବିଭିନ୍ନ ସୁପାରିସ କରୁଛି ।

ସରକାରୀ ହିସାବ ଅନୁସାରେ ଦ୍ୱାଦଶ ଯୋଜନା କାଳ ମଧ୍ୟରେ ଦେଶରେ ୧୮.୭୮ ନିୟୁତ ଘରର ଅଭାବ ପଡ଼ିବ । ଏହି ସଂଖ୍ୟା ମଧ୍ୟରୁ ଆର୍ଥିକ ଦୁର୍ବଳ ଓ ସ୍ୱଳ୍ପ ଆୟକାରୀ ବର୍ଗଙ୍କ ପାଇଁ ଆବାସ ଅଭାବ ହାର ୯୬ ଶତାଂଶ ହେବ ବୋଲି ହିସାବ କରାଯାଇଛି । ଅର୍ଥାତ୍ ଏହିବର୍ଗଙ୍କ ପାଇଁ ପ୍ରାୟ ୧୮ରେ ନିୟୁତ ଘରର ଆବଶ୍ୟକତା ପଡ଼ିବ । ଗୃହନିର୍ମାଣ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଯେଉଁମାନଙ୍କର ବାର୍ଷିକ ଆୟ ସୀମା ଏକ ଲକ୍ଷ ଟଙ୍କାରୁ କମ୍ ସେମାନେ ଆର୍ଥିକ ଦୁର୍ବଳ ଏବଂ ଯେଉଁମାନଙ୍କର ବାର୍ଷିକ ଆୟ ଏକରୁ ଦୁଇ ଲକ୍ଷ ଟଙ୍କା ମଧ୍ୟରେ ସେମାନେ ସ୍ୱଳ୍ପ ଆୟକାରୀ ବର୍ଗ ଭାବେ ପରିଗଣିତ ହେବେ ।

ସେହିଭଳି ଏହି ସମୟରେ ଗ୍ରାମାଞ୍ଚଳରେ ମୋଟ୍ ଆବାସ ଅଭାବ ସଂଖ୍ୟା ୪୬.୩୭ ନିୟୁତ ହେବ । ସେଥିମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୯୦ ଶତାଂଶରୁ ଅଧିକ ଲୋକ ବାସଗୃହ ଲୋଡ଼ିବେ । ଏହି ଆବାସ ଅଭାବ ପୂରଣ କରିବାକୁ ସରକାର ୧୬.୨୯ ନିୟୁତ ନୂଆ ଶସ୍ତା ଘର ନିର୍ମାଣ ଆକଳନ ପ୍ରସ୍ତୁତ କରିଛନ୍ତି । ସେଥିମଧ୍ୟରୁ ବର୍ତ୍ତମାନର ଜନଗହଳିପୂର୍ଣ୍ଣ ବସ୍ତି ଓ ସହରାଞ୍ଚଳକୁ ଚାପମୁକ୍ତ କରିବାକୁ ପ୍ରଥମେ ୧୨.୬୭ ନିୟୁତ ନୂଆ ଘର ତିଆରି କରିବାକୁ ପଡ଼ିବ । ସହରାଞ୍ଚଳରେ ଏମିତି ଅନେକ ଅବିକଶିତ ଅଞ୍ଚଳ ରହୁଛି ଯେଉଁଠି ବହୁ ଲୋକ ବସବାସ କରୁଥିଲେ ହେଁ ସେମାନଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ନାହିଁ । ଏସବୁ ସମସ୍ୟାକୁ ବିଚାରକୁ ନେଇ ମୋଦି ସରକାର ଜାତୀୟ ଆବାସ ନିର୍ମାଣ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି । ସେଥିରେ ଶସ୍ତା ଆବାସ ନିର୍ମାଣକୁ ଅଗ୍ରାଧିକାର ଦିଆଯାଇଛି, ଯଦ୍ୱାରା ସ୍ୱଳ୍ପ ଆୟକାରୀ ବର୍ଗ ଏହାକୁ ପାଇବାରେ ସକ୍ଷମ ହେବେ । ୨୦୨୨ ସୁଦ୍ଧା ଦେଶର ସହରାଞ୍ଚଳର ସବୁ ବାସହୀନ ଗରିବଙ୍କୁ ଘର ଯୋଗାଇଦେବାକୁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ ହେବା ସହିତ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ୨୦୧୫ ଜୁନ୍ ୧୭ରେ ସମସ୍ତଙ୍କ ପାଇଁ ଘର ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଏହାର ନାମ ରଖାଯାଇଥିଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ।

**ପ୍ରଧାନମନ୍ତ୍ରୀ ଅବାସ ଯୋଜନା (ପିଏମ୍ଏୱାଇ) ୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର:**

ବାସହୀନଙ୍କୁ ସ୍ୱଳ୍ପମୂଲ୍ୟରେ ତିଆରି ଘର ଯୋଗାଇ ଦେବାକୁ ବହୁଦିନରୁ ଉଦ୍ୟମ ଚାଲିଥିଲା । ୨୦୧୫ରେ ପିଏମ୍ଏୱାଇ ଯୋଜନାରେ ଏହାକୁ ଏକ ନୂଆ ପ୍ରୋତ୍ସାହନ ମିଳିଲା । ପିଏମ୍ଏୱାଇ-ଅରବାନ ଯୋଜନାରେ ପୂର୍ବର ସମସ୍ତ ସହରାଞ୍ଚଳ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଗୃହଯୋଗାଣ ଯୋଜନାକୁ ମିଶାଇ ଦିଆଯାଇ ଗୋଟିଏ କରାଗଲା । ଏହାକୁ ୨୦୨୨ସୁଦ୍ଧା ସମସ୍ତଙ୍କ ପାଇଁ ଘର ଯୋଗାଣ ଲକ୍ଷ୍ୟରେ ପରିଣତ କରାଗଲା । ଏଥିରେ ୨୦ ନିୟୁତ ଘରର ଯେଉଁ ଅଭାବ ରହିଛି ତାହାକୁ ପିଏମ୍ଏୱାଇ-ୟୁ ଯୋଜନାରେ ୨୦୨୨ସୁଦ୍ଧା ପୂରଣ କରିବା ଲକ୍ଷ୍ୟ ରଖାଯାଇ କାର୍ଯ୍ୟ ଚାଲିଛି ।

**ଅଭିଯାନର ବିଭିନ୍ନ ଅଙ୍ଗ:**

ଏହି ଆବାସ ଯୋଗାଣ ଅଭିଯାନର ଚାରିଟି ଅଙ୍ଗ ରହିଛି । ସେଗୁଡ଼ିକ ନିମ୍ନରେ ଦିଆଗଲା ।

(କ) ଉପସ୍ଥିତ ବସ୍ତିର ପୁନଃବିକାଶ (ଆଏସ୍ଏସ୍ଆର୍) : ଏହି ବିଭାଗରେ ବର୍ତ୍ତମାନ ବସ୍ତି ଥିବା ଅଞ୍ଚଳର ଯୋଜନାବଦ୍ଧ ବିକାଶ କରାଯିବ । ଏଥିରେ ଜମି ବା ଘର ଡିହ ଏକ ସମ୍ବଳ ଭାବେ ଉପଯୋଗ ହେବ । ଉଭୟ ସରକାରୀ ଓ ବେସରକାରୀ ଜମି ଉପରେ ଥିବା ବସ୍ତିର ଯୋଗ୍ୟ ବାସିନ୍ଦାଙ୍କୁ ସେମାନଙ୍କ ଘର ତିଆରି ସହ ବସ୍ତିର ବିକାଶ ପାଇଁ ସହାୟତା ଯୋଗାଇ ଦିଆଯିବ । ଘର ପିଛା ହିତାଧିକାରୀଙ୍କ ନିମନ୍ତେ ଏକ ଲକ୍ଷ ଟଙ୍କା କେନ୍ଦ୍ର ସରକାର ଯୋଗାଇଦେବେ । ଏହି ଅର୍ଥ ସଂପୃକ୍ତ ରାଜ୍ୟ ସରକାରଙ୍କ ଯୋଜନା ଓ ରୂପାୟନକାରୀ ସଂସ୍ଥା / ପ୍ରାଧିକରଣ ମାଧ୍ୟମରେ ଖର୍ଚ୍ଚ ହେବ ।

(ଖ) ଅଂଶୀଦାର ଭିତ୍ତିରେ ଶସ୍ତାଘର ନିର୍ମାଣ (ଏଏଚ୍‌ପି) : ଏହି ଯୋଜନାରେ ଘରୋଇ ଡେଭେଲପର୍‌ଙ୍କୁ ଆର୍ଥିକ ସହାୟତା ଯୋଗାଇଦେଇ ଗୃହନିର୍ମାଣ ପ୍ରକଳ୍ପରେ ଘରୋଇ ଅଂଶୀଦାରକୁ ପ୍ରୋତ୍ସାହିତ କରାଯିବ । ଘରୋଇ ପ୍ରକଳ୍ପରେ ନିର୍ମିତ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଘର ପିଛା ୧.୫ ଲକ୍ଷ ଟଙ୍କା କେନ୍ଦ୍ର ସରକାର ସହାୟତା ଆକାରରେ ଯୋଗାଇଦେବେ । ତେବେ ଏହି ଯୋଜନାରେ ସମ୍ପୃକ୍ତ ପ୍ରକଳ୍ପର ୩୫ଶତାଂଶ ଘର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହେବା ବାଞ୍ଛନୀୟ ।

(ଗ) ଋଣଭିତ୍ତିକ ରିଆତି ଯୋଜନା (କ୍ଲସ୍) : ଏହି ଯୋଜନାରେ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍), ଏଲ୍ଆଇଜି ଓ ଏମ୍ଆଇଜି ବର୍ଗର ହିତାଧିକାରୀଙ୍କୁ ଘର କିଣିବା ପାଇଁ ଋଣ ଯୋଗାଣର ବ୍ୟବସ୍ଥା କରାଯାଇଛି । ଏଥିରେ ହିତାଧିକାରୀଙ୍କୁ ଋଣ ଉପରେ ସୁଧ ସବ୍‌ସିଡି ମିଳିବ । ସେଇ ରିଆତି ସିଧାସଳଖ କ୍ରେତାର ବ୍ୟାଙ୍କ ଖାତାକୁ ପଠାଇବାର ବ୍ୟବସ୍ଥା କରାଯାଇଛି । ଋଣ ପ୍ରଦାନକାରୀ ପ୍ରାଥମିକ ସଂସ୍ଥା ଉପରେ ଏହି ଦାୟିତ୍ୱ ନ୍ୟସ୍ତ । ଏହା ଫଳରେ ମାସିକ ଋଣ କିସ୍ତି ପରିଶୋଧ ସହିତ କ୍ରେତାର ମୂଳ ଋଣ ବୋଝ ମଧ୍ୟ କମିଥାଏ ।

(ଘ) ହିତାଧିକାରୀ ଭିତ୍ତିକ ନିର୍ମାଣ (ବିଏଲ୍‌ସି): ଏହି ଯୋଜନାରେ ନୂଆ ଘର ନିର୍ମାଣ କିମ୍ବା ପୁରୁଣା ଘରର ସଂପ୍ରସାରଣ ପାଇଁ ପରିବାର ପିଛା କେନ୍ଦ୍ର ସରକାର ୧.୫ଲକ୍ଷ ଟଙ୍କାର ସହାୟତା ହିତାଧିକାରୀଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା ଅଛି । ଏହା କେବଳ ଇଡବ୍ଲ୍ୟୁଜି ଓ ଏଲ୍ଆଇଜି ବର୍ଗ ପାଇଁ ଉଦ୍ଦିଷ୍ଟ ।

ସରକାର ଯେଉଁ ଶସ୍ତା ପକ୍କା ଘରର ପରିକଳ୍ପନା କରିଛନ୍ତି ସେଥିରେ ପାଣି, ପରିମଳ, ଓ ୨୪ଘଣ୍ଟିଆ ବିଜୁଳି ସୁବିଧା ଅନ୍ତର୍ଭୁକ୍ତ । ପିଏମ୍ଏୱାଇରେ ୨୦୨୨ ସୁଦ୍ଧା ସହରାଞ୍ଚଳ ନିମ୍ନ ଆୟକାରୀବର୍ଗ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଦୁଇକୋଟି ଏଭଳି ଘର ନିର୍ମାଣର ଲକ୍ଷ୍ୟ ରହିଛି ।

ଏଥିପାଇଁ କେନ୍ଦ୍ର ସରକାର ୩୧୦୦କୋଟି ଡଲାର ବା ଦୁଇ ଟ୍ରିଲିୟନ ଟଙ୍କା ସହାୟତା ଆକାରରେ ଯୋଗାଇଦେବେ। ଏହି ଯୋଜନାରେ ଆଉ କେତେକ ଯୋଜନାକୁ ମିଶାଇ ଦିଆଯାଇଛି। ଯାହା ଫଳରେ ଘର ସହିତ ଶୌଚାଳୟ, ବିଦ୍ୟୁତ୍ ଗ୍ୟାସ୍, ପରିମଳ, ପାନୀୟଜଳ ଓ ଜନଧନ ବ୍ୟାଙ୍କିଂ ଆଦି ସୁବିଧା ଏକସଙ୍ଗରେ ଉପଲବ୍ଧ ହେବ।

ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସହରାଞ୍ଚଳରେ ନିମ୍ନଲିଖିତ ସୁବିଧାସୁଯୋଗ ଉପଲବ୍ଧ ହେଲେ ସେଠାରେ ଏହି ଯୋଜନା କାର୍ଯ୍ୟକାରୀ ହେବ।

- ଘରୋଇ ଡେଭେଲପର୍‌ଙ୍କ ସହାୟତାରେ ବସ୍ତିର ବିକାଶ ଓ ବସ୍ତିବାସିନ୍ଦାଙ୍କ ପୁନଃ ଥଇଥାନ କାର୍ଯ୍ୟରେ ସଂପୃକ୍ତ ହିତାଧିକାରୀଙ୍କ ଜମି ଯଦି ଏକ ସମ୍ବଳ ଭାବେ ବ୍ୟବହୃତ ହେଉଥାଏ।
- ଋଣ ଭିତ୍ତିକ ରିଆତି ବ୍ୟବସ୍ଥାରେ ଦୁର୍ବଳଶ୍ରେଣୀଙ୍କ ଶସ୍ତା ଆବାସ ଯୋଜନା ଯଦି କାର୍ଯ୍ୟକାରୀ ହେଉଥାଏ।
- ଘରୋଇ ଓ ସରକାରୀ ସହଯୋଗରେ ଯଦି କୌଣସି ଶସ୍ତା ଆବାସ ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥାଏ।
- ହିତାଧିକାରୀଙ୍କ ଦ୍ୱାରା ରିଆତି ଭିତ୍ତିରେ ଯଦି ଶସ୍ତା ଗୃହ ନିର୍ମାଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥାଏ।

ଏହାଛଡ଼ା ଭାରତ ସରକାର ସମସ୍ତଙ୍କୁ ଘର ଯୋଗାଇଦେବା ପାଇଁ ବଜେଟରେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଛନ୍ତି।

**୨୦୧୭-୧୮ ବର୍ଷର କେନ୍ଦ୍ରୀୟ ବିଜେଟରେ ପ୍ରସ୍ତାବ:**

୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର ଯୋଗାଇଦେବାର ଲକ୍ଷ୍ୟ ପୂରଣରେ କେନ୍ଦ୍ରୀୟ ବଜେଟ ୨୦୧୭-୧୮ରେ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଥିଲା ବାସ୍ତବରେ ତାହା ଥିଲା ଯୁଗାନ୍ତକାରୀ। ଏହା ମଧ୍ୟ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଏକ ବଡ଼ଧରଣର ପରିବର୍ତ୍ତନ ଆଣିଲା। ଏହି



ବଜେଟରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକ ନିମ୍ନରେ ପ୍ରଦାନ କରାଯାଇଛି।

- ଶସ୍ତା ଗୃହ ନିର୍ମାଣକୁ ଭିତ୍ତିଭୂମି ବିକାଶର ମର୍ଯ୍ୟାଦା ପ୍ରଦାନ କରାଯାଇଛି।
- ୨୦୧୯ସୁଦ୍ଧା ଏକ କୋଟି ଗ୍ରାମୀଣ ଆବାସ ନିର୍ମାଣ ଲକ୍ଷ୍ୟ।
- ଜାତୀୟ ଆବାସିକ ବ୍ୟାଙ୍କ ୨୦ ହଜାର କୋଟି ଟଙ୍କାର ଋଣ ପାଇଁ ଅର୍ଥ ଯୋଗାଇବ।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୨୩ ହଜାର କୋଟି ଟଙ୍କାର ବ୍ୟୟ ବରାଦ।
- ରିୟଲ ଇଷ୍ଟେଟ୍ ଡେଭେଲପର୍ସଙ୍କୁ ବିକ୍ରି ହୋଇ ନ ଥିବା ଘର ବା ୟୁନିଟ୍ ଉପରେ ଟିକସ ରିଆତି। ପ୍ରକଳ୍ପ ନିର୍ମାଣ ଶେଷ ପରେ ପୁଞ୍ଜିଗତ ଲାଭ ଟିକସ ସୁବିଧା ଯୋଗାଣ।
- ଶସ୍ତା ଘରର ବିଲଟ୍‌ଅପ୍ ଏରିଆ ବଦଳରେ କାର୍ପେଟ ଏରିଆକୁ ହିସାବକୁ ନିଆଯିବ। ବିଲ୍ଟ ଅପ୍ ଏରିଆ ୩୦ ଓ ୬୦ବର୍ଗ ମିଟର ପରିବର୍ତ୍ତେ ୩୦ ଓ ୬୦ ବର୍ଗମିଟରର କାର୍ପେଟ ଏରିଆ ଭାବେ ଗଣ୍ୟ କରାଯିବାର ବ୍ୟବସ୍ଥା।
- ଅସ୍ଥାବର ସମ୍ପତ୍ତି କ୍ଷେତ୍ରରେ ପୁଞ୍ଜିଗତ ଲାଭ ଟିକସର ହୋଲଡିଙ୍ଗ ସମୟ ୩ବର୍ଷରୁ ୨ବର୍ଷକୁ ହ୍ରାସ କରାଯାଇଛି।
- ଘରର ନିର୍ମାଣ କାର୍ଯ୍ୟ ଶେଷ ହେବାର ସାର୍ଟିଫିକେଟ ମିଳିବାର ବର୍ଷକ ପରେ ଯଦି ଘର ବିକ୍ରି ହୋଇ ନ ଥାଏ ତାହେଲେ ନିର୍ମାତାଙ୍କୁ ଟିକସ ରିଆତି ମିଳିବ।
- ଇନ୍ଦିରା ଆବାସ ଯୋଜନା ଦେଶର ୬୦୦ ଜିଲ୍ଲାକୁ ସଂପ୍ରସାରିତ।
- ପୁଞ୍ଜିଗତ ଲାଭ ଇଣ୍ଡେକସେସନ୍ (ହିସାବସୂଚୀ) ମୂଳବର୍ଷ ୦୧-୦୪-୮୧ରୁ ୦୧-୦୪-୨୦୦୧କୁ ପରିବର୍ତ୍ତିତ।

ଆବାସ ନିର୍ମାଣ କ୍ଷେତ୍ରରେ ସରକାର ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଏଥିରେ ବଡ଼ଧରଣର ପରିବର୍ତ୍ତନ ଆଣିଛନ୍ତି ସେ ବିଷୟରେ ନିମ୍ନମତେ ଆଲୋଚନା କରିବା।

**ଭିତ୍ତିଭୂମି ମର୍ଯ୍ୟାଦା:**

ଆବାସ ନିର୍ମାଣ ଉଦ୍ୟୋଗକୁ ଭିତ୍ତିଭୂମିର ମର୍ଯ୍ୟାଦା ପ୍ରଦାନ ଫଳରେ ଏଥିରେ ଘରୋଇ ଉଦ୍ୟୋଗ ସାମିଲ ହୋଇପାରିବେ। ଏହା ଫଳରେ ଏହି କ୍ଷେତ୍ରରେ ପ୍ରତିଯୋଗିତା ବଢ଼ିବ ଏବଂ ଅପେକ୍ଷାକୃତ କମ୍ ଦାମ୍‌ରେ ପ୍ରଥମ ଘର କିଣିବାର ସୁଯୋଗ ମଧ୍ୟମ ଓ ନିମ୍ନମଧ୍ୟବିତ୍ତ ପରିବାରର ଲୋକଙ୍କୁ

ମିଳିବ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଋଣ କରିଥିବା ଲୋକଙ୍କୁ ସରକାର ସୁଧ ଉପରେ ରିଆତି ପ୍ରଦାନ କରୁଛନ୍ତି। ନ'ଲକ୍ଷରୁ ଅଧିକ ଟଙ୍କାର ଋଣ ଉପରେ ମାତ୍ର ଚାରି ଶତାଂଶ ଓ ୧୨ଲକ୍ଷ ଟଙ୍କାରୁ ଅଧିକ ଋଣ ଉପରେ ମାତ୍ର ତିନି ଶତାଂଶ ସୁଧ ଧାର୍ଯ୍ୟ ହୋଇଛି। ତେବେ ଏହି ସୁଧ ରିଆତି ସୁବିଧା ଆର୍ଥିକ ଦୁର୍ବଳ ଓ ମୂଳ ଆୟକାରୀ ବର୍ଗଙ୍କ ବାହାରେ ଅନ୍ୟମାନଙ୍କୁ ମିଳିବ କି ନାହିଁ ସେ ନେଇ ବିଭ୍ରାନ୍ତି ରହିଛି। ଏହିସବୁ ଆବାସିକ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୩ ରୁ ୫ବର୍ଷ ମଧ୍ୟରେ ଶେଷ କରିବାକୁ ସରକାର ସମୟସୀମା ଧାର୍ଯ୍ୟ କରିଛନ୍ତି। ଫଳରେ ଅଧିକରୁ ଅଧିକ ପ୍ରକଳ୍ପ ଏବେ ଲାଭଯୁକ୍ତ ଆୟକର ଛାଡ଼ ସୁବିଧା ପାଇପାରିବେ। ସରକାରଙ୍କ ଏସବୁ ପ୍ରୋତ୍ସାହନମୂଳକ ପଦକ୍ଷେପ ପରେ ଗୃହନିର୍ମାଣ ପ୍ରକଳ୍ପ ଓ କ୍ଷେତ୍ରରେ ଘରୋଇ ଅଂଶୀଦାରୀ ଯଥେଷ୍ଟ ବଢ଼ିଛି।

**ସ୍ୱଳ୍ପ ମୂଲ୍ୟ ଘର ଓ ଲୋକଙ୍କ କ୍ରୟଶକ୍ତି ପ୍ରତି ଧ୍ୟାନ:**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ୟାନ୍ୟ ଆବାସିକ ଯୋଜନାରେ ଲୋକଙ୍କୁ ସ୍ୱଳ୍ପମୂଲ୍ୟରେ ମଜବୁତ୍ ଘର ଯୋଗାଣକୁ ଅଗ୍ରାଧିକାର ଦିଆଯାଇଛି। ସବୁ ସୁବିଧା ଥିବା ଘର ଯୋଗାଣ ସହିତ ଲୋକଙ୍କ କ୍ରୟଶକ୍ତି ଉପରେ ସରକାର ଆବଶ୍ୟକ ଧ୍ୟାନ ଦେଇଛନ୍ତି। ତେଣୁ ଘରର ନିର୍ମାଣ ଇଲାକା (ବିଲ୍ଟଅପ୍ ଏରିଆ)କୁ ୩୦/୬୦ବର୍ଗ ମିଟରରୁ ବଦଳାଇ କାର୍ପେଟ୍ ଏରିଆ (ବ୍ୟବହାର ଉପଯୋଗୀ ସ୍ଥାନ)କୁ ୩୦/୬୦ ବର୍ଗମିଟର କରାଯାଇଛି। ଫଳରେ ଏହାର ନିର୍ମାଣ ଖର୍ଚ୍ଚ କମ୍ ରହୁଛି। ଚଳିବା ପାଇଁ କ୍ରେତା ଅଧିକ ସ୍ଥାନ ପାଉଥିବାରୁ ଘର କିଣିବା ପାଇଁ ସେମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଉଛି। ଏଭଳି ଘର ନିର୍ମାଣ ପାଇଁ ନିର୍ମାଣ ବା ବିଲ୍ଡର ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି। ଦେଶର ଚାରିଟି ମହାନଗରୀରେ ୩୦ ବର୍ଗମିଟର ଘର ନିର୍ମାଣର ନିୟମ କରାଯାଇଥିବାବେଳେ

ସଭ୍ୟତାର ପ୍ରାରମ୍ଭରୁ ବ୍ୟକ୍ତିବିଶେଷ, ପରିବାର, ଗୋଷ୍ଠୀ ଓ ସରକାର-ସମସ୍ତଙ୍କ ପାଇଁ ଆବାସ ପ୍ରମୁଖ ଆବଶ୍ୟକତା ଭାବେ ଉପଲବ୍ଧ ହୋଇଆସୁଛି। ଏକବିଂଶ ଶତାବ୍ଦୀକୁ ସହରାଞ୍ଚଳ ଶତାବ୍ଦୀଭାବେ ନାମିତ କରାଯାଇଛି; କାରଣ ସଭ୍ୟତାର ଆରମ୍ଭକାଳରୁ ପ୍ରଥମଥର ପାଇଁ ଅଧିକରୁ ଅଧିକ ଲୋକ ଏବେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ବାସ କରୁଛନ୍ତି। ଏହି ଆବାସିକ ପ୍ରକ୍ରିୟାଟି ଅପ୍ରତ୍ୟାଶିତ ନୁହେଁ। ଏବେ ଦୁନିଆ ବଦଳିଛି ଓ ଉପାର୍ଜନ ତଥା ଉପଭୋଗର ଢାଞ୍ଚାରେ ବ୍ୟାପକ ପରିବର୍ତ୍ତନ ଆସିଛି। ନୂଆ ଅର୍ଥନୀତି ସହରାଞ୍ଚଳରେ ଅଧିକରୁ ଅଧିକ ନିଯୁକ୍ତି ଓ ରୋଜଗାର ସୃଷ୍ଟି କରୁଛି। ସହରାଞ୍ଚଳରେ ବଞ୍ଚିବାର ମୌଳିକ ସୁବିଧାସୁଯୋଗ ମଧ୍ୟ ଗ୍ରାମାଞ୍ଚଳ ତୁଳନାରେ ଅପେକ୍ଷାକୃତ ଯଥେଷ୍ଟ ଭଲ। ତେଣୁ ସହରାଞ୍ଚଳରେ ଅଧିକରୁ ଅଧିକ ଲୋକ ବସବାସ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ସହରାଞ୍ଚଳକୁ ହଠାତ୍ ଅଧିକରୁ ଅଧିକ ଲୋକ ଚାଲି ଆସୁଥିବାରୁ ବାସଗୃହର ଅଭାବ ବିଶେଷଭାବେ ପରିଲକ୍ଷିତ ହେଉଛି। ଦେଶର ମହାନଗରୀ ଏବଂ ପ୍ରାଦେଶିକ ରାଜଧାନୀ ସହରଗୁଡ଼ିକରେ ଏହି ସମସ୍ୟା ଉତ୍କଟ। ଘରର ଅଭାବ ଓ ରହିବାକୁ ଜାଗା ନମିଳିବାରୁ ଗ୍ରାମାଞ୍ଚଳରୁ ଆସୁଥିବା ଲୋକମାନେ ସହରର ବସ୍ତି, ଅପନ୍ତରା ଓ ଅପରିଚ୍ଛନ୍ନ ଅଞ୍ଚଳରେ ରହିବାକୁ ବାଧ୍ୟ ହେଉଛନ୍ତି। ଆବାସ ଅଭାବରୁ ପ୍ରତ୍ୟେକ ନଗର, ସହରର ୫୦ ଶତାଂଶ ଲୋକ ବସ୍ତି ଅଞ୍ଚଳରେ ବାସ କରିବାକୁ ବାଧ୍ୟ ହୁଅନ୍ତି।

ଦେଶର ଅନ୍ୟାନ୍ୟ ଅଞ୍ଚଳ ଓ ମହାନଗରର ସୀମାବର୍ତ୍ତୀ ଇଲାକାରେ ଏଭଳି ଶସ୍ତା ଘର ୬୦ବର୍ଗ ମିଟର ଜମିରେ ନିର୍ମାଣ କରାଯିବାର ଆଇନଗତ ବ୍ୟବସ୍ଥା ହୋଇଛି।

**ଅସ୍ଥାବର ସମ୍ପତ୍ତି ଅଧିଗ୍ରହଣ ସମୟ ହ୍ରାସ:**

୨୦୧୭-୧୮ ବଜେଟରେ ଅସ୍ଥାବର ସମ୍ପତ୍ତିର ଅଧିଗ୍ରହଣ (ହୋଲ୍ଡିଂ) ସମୟକୁ ତିନିବର୍ଷରୁ ୨ ବର୍ଷକୁ ହ୍ରାସ କରାଯାଇଛି। ଫଳରେ ଲୋକେ ନୂଆ ସମ୍ପତ୍ତିର ଅଧିକାର ଦୁଇବର୍ଷ ମଧ୍ୟରେ ପାଇବାକୁ ହକ୍‌ଦାର ହୋଇଛନ୍ତି। ଏହି ଦୁଇବର୍ଷ ମଧ୍ୟରେ ନିର୍ମାଣକାରୀ ସଂସ୍ଥା ଘର ତିଆରି କରି ପୂର୍ଣ୍ଣାଙ୍ଗ ବାସ ଉପଯୋଗୀ ଘର ହିତାଧିକାରୀଙ୍କୁ ଯୋଗାଇବେ।

**ଜାତୀୟ ଆବାସ ବ୍ୟାଙ୍କ:**

ଘର କିଣିବାକୁ ଆଗ୍ରହୀ ଲୋକଙ୍କୁ ସୁବିଧାରେ ଓ ସ୍ୱଳ୍ପ ସୁଧରେ ଋଣ ଯୋଗାଇଦେବାକୁ ଜାତୀୟ ଆବାସ ବ୍ୟାଙ୍କ ଗଠନ କରାଯାଇଛି। ଫଳରେ ଘର କିଣିବାକୁ ଆଗ୍ରହୀ ଲୋକଙ୍କୁ ପୂର୍ବଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।

**ପୁଞ୍ଜିଗତ ଲାଭ ନୀତିରେ ପରିବର୍ତ୍ତନ:**

ମିଳିତ ମାଲିକାନାରେ ଥିବା ସମ୍ପତ୍ତିର ବିକାଶ ଓ ଏହାକୁ ଆବାସ ଉପଯୋଗୀ କରିବାକୁ ଥିବା ପୂର୍ବର ଜଟିଳ ଆଇନକୁ ସରକାର ସଂଶୋଧିତ କରିଛନ୍ତି। ଏହି ଜମି ଉପରେ ପ୍ରକଳ୍ପ ନିର୍ମାଣ ଶେଷ ହେଲେ ଯାଇ ଏହା ପୁଞ୍ଜିଗତ ଲାଭ ଟିକସର ପରିସରଭୁକ୍ତ ହେବ। ଏଥିପାଇଁ ଆଗଭଳି ଆଉ ଆରମ୍ଭରୁ ନିର୍ମାତା ଓ ମାଲିକଙ୍କୁ ଟିକସ ଭରିବାକୁ ପଡ଼ିବ ନାହିଁ। ସେହିଭଳି ଜମି ମାଲିକାନା ଭଳି ପୁରୁଣା ବିବାଦର ସ୍ଥାୟୀ ସମାଧାନ ବ୍ୟବସ୍ଥା କରାଯାଇଛି। ପକ୍ଷଙ୍କୁ ଏହା ଫଳରେ ପୁଞ୍ଜିଗତ ଲାଭ ବାବଦରେ ଅଯଥା ଟିକସ ଗଣିବାକୁ ପଡ଼ିବ ନାହିଁ। ଏହା ଫଳରେ ସେମାନଙ୍କ ଆୟ ବଢ଼ିବ।

**ଲ୍ୟାଣ୍ଡ ପୁଲିଂ ବ୍ୟବସ୍ଥା:**

ନୂଆ ଆବାସିକ ଇଲାକା ଓ ସହର ନିର୍ମାଣ ପାଇଁ ବଜେଟରେ ଭୂମି ସଂଗ୍ରହ ବା ଲ୍ୟାଣ୍ଡ ପୁଲିଂ ବ୍ୟବସ୍ଥା କରାଯାଇଛି। ଆନ୍ଧ୍ରପ୍ରଦେଶର ନୂଆ

ରାଜଧାନୀ ପାଇଁ ଏହି ଢାଞ୍ଚାରେ ଜମି ସଂଗ୍ରହ କରାଯାଉଛି । ଏଥିରେ ସରକାର ବେସରକାରୀ ଜମି ଆଇନଗତ ପ୍ରକ୍ରିୟାରେ ଅଧିଗ୍ରହଣ କରିବେ ନାହିଁ । ଭୂମି ଅଧିଗ୍ରହଣ ବ୍ୟବସ୍ଥା ଅତ୍ୟନ୍ତ ବିବାଦୀୟ ଓ ଜଟିଳ ଥିବାରୁ ଭୂମି ମାଲିକମାନଙ୍କୁ ନୂତନ ବ୍ୟବସ୍ଥାରେ ସେମାନଙ୍କ ଜମି ଯୋଗାଇ ତାହାର ଫାଇଦା ଦେବାକୁ ସୁଯୋଗ ଦିଆଯାଇଛି । ସେମାନେ ଏକ ବୃହତ୍ତର ଉଦ୍ଦେଶ୍ୟ ସାଧନ ପାଇଁ ଜମି ଯୋଗାଉଥିବା ବେଳେ ଏହାର ଲାଭ ନିଜ ପାଇଁ ମଧ୍ୟ ଉଠାଉଛନ୍ତି । ସେମାନଙ୍କର ଭୂମି ଅଧିକାର ରହୁଛି ଏବଂ ପ୍ରଦତ୍ତ ସୂତ୍ରରୁ ସେମାନେ ଲାଭବାନ ହେଉଛନ୍ତି ।

ଶେଷ କଥା ହେଲା ଭାରତ ସରକାର ସବୁ ବାସହୀନଙ୍କୁ ୨୦୨୨ ସୁଦ୍ଧା ଆଶ୍ରୟ ଦେବାକୁ ନିଜ ପ୍ରୟାସକୁ ଜୋରଦାର କରିଛନ୍ତି । ଆଶା କରାଯାଏ ଯେ ଏହି ବିରାଟ ଓ ବ୍ୟାପକ ଆବାସ ନିର୍ମାଣ କାର୍ଯ୍ୟକ୍ରମ ଦ୍ୱାରା ଦେଶର ଜିଡିପି ଅଧିକ ସମୃଦ୍ଧ ହେବ । ଏହା ଫଳରେ ନିର୍ମାଣ ସାମଗ୍ରୀ ଉତ୍ପାଦନ କରୁଥିବା ୨୬୫ ପ୍ରକାରର ଶିଳ୍ପ ସଂସ୍ଥାଙ୍କ ଉତ୍ପାଦନ ଓ କାରବାର ବଢ଼ିବ । ଏହାଦ୍ୱାରା ଅଧିକ ନିଯୁକ୍ତି ଓ ଉତ୍ପାଦନର ସୁଯୋଗ ସୃଷ୍ଟି ହେବା ନିଶ୍ଚିତ । ଦେଶର ବିରାଟ ଯୁବଶକ୍ତିଙ୍କ ପାଇଁ ଏହା କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ପ୍ରକ୍ରିୟା ଆନୁଷ୍ଠାନିକ ଅର୍ଥଯୋଗାଣ, ଟିକସ ଲାଭ, ସବ୍‌ସିଡି ବ୍ୟବସ୍ଥାକୁ ସଂସ୍ଥାପିତ କରି ଦେଶ, ଜନତା ଓ ଅର୍ଥନୀତିକୁ ଲାଭ ଦେବ । ସବୁଠୁ ବଡ଼ କଥା ହେଲା ନିରାଶ୍ରୟ ଲୋକେ ସ୍ଥାୟୀ ନିରାପଦ ଘର ପାଇବାରେ ସଫଳ ହେବେ । ଶସ୍ତା ଆବାସ ଯୋଜନା ପ୍ରତି ଲୋକଙ୍କ ଆଗ୍ରହ ୨୦୧୭ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ୨୭ ଶତାଂଶ ବଢ଼ିଛି । ସରକାର ଏହି ଯୋଜନାକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରୁଥିବାରୁ ଉଲ୍ଲେଖନୀୟ ସଫଳତା ମିଳୁଛି । ଶସ୍ତା ଗୃହ ଋଣ ଯୋଗାଣ ନୀତି ଫଳରେ ୨୦୨୨ ସୁଦ୍ଧା ମୋଟ୍ ବ୍ୟବସାୟ ପରିମାଣ ଛ'ଲକ୍ଷ କୋଟି ଟଙ୍କା ହେବ ବୋଲି ଆଶା କରାଯାଉଛି । ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୨୦୧୬-୧୭ରେ ନୂଆନୂଆ ଆବାସିକ ପ୍ରକଳ୍ପ ଅଧିକ ସଂଖ୍ୟାରେ ଆରମ୍ଭ ହେବା ସହିତ ଋଣ ପ୍ରଦାନ ପରିମାଣରେ ଯଥେଷ୍ଟ ବୃଦ୍ଧି ଘଟିଛି । କ୍ରେଡିଟ୍ ଲିଙ୍କ୍‌ଡ ସବ୍‌ସିଡି ନୀତି ଏକ୍ଷେତ୍ରରେ ବେଶ୍ ସଫଳ ପ୍ରମାଣିତ ହୋଇଛି । ଏହାଦ୍ୱାରା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ଘର କିଣିବାକୁ ଅଧିକରୁ ଅଧିକ ସମର୍ଥ ହେଉଛନ୍ତି ।



## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards


ଲେଖକ ହେଉଛନ୍ତି ଜଣେ ଶିକ୍ଷାନୀତି ବିଶାରଦ ଓ ପରାମର୍ଶଦାତା ।

# ଉଡ଼ାନ୍

ସିଦ୍ଧୁ ଭଟ୍ଟାଚାର୍ଯ୍ୟ

ଭାରତରେ ଏମିତି ଅନେକ ବିମାନବନ୍ଦର ରହିଛି, ଯେଉଁଗୁଡ଼ିକ ବିଭିନ୍ନ କାରଣ ଯୋଗୁଁ ବ୍ୟବହାର ନ ହୋଇ ପଡ଼ିରହିଛି। ଏମିତି ୪୦୦ ପାଖାପାଖି ଛୋଟବଡ଼ ବିମାନବନ୍ଦର ରହିଛି, ଯେଉଁଥିରୁ ଗତବର୍ଷ ସୁଦ୍ଧା କେବଳ ୭୫ଟି ହିଁ ଉପଯୋଗ କରାଯାଇଥିଲା। ଏଭଳି ଅବ୍ୟବହୃତ ବିମାନବନ୍ଦରଗୁଡ଼ିକ ମଧ୍ୟରୁ କେତେକ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନିର୍ମିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେଗୁଡ଼ିକର ଆବଶ୍ୟକତା ପଡ଼ିନଥିଲା। ଏଗୁଡ଼ିକ ମଧ୍ୟରୁ କେତେଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି ଅଛି, କିନ୍ତୁ ଏଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ କିଛି ପୁଞ୍ଜିଲଗାଣ ଆବଶ୍ୟକ। ତେବେ ଆଉକେତେକ ଏମିତି ବିମାନବନ୍ଦର ଅଛି, ଯେଉଁଗୁଡ଼ିକୁ କେବଳ ତତ୍କାଳୀନ ରାଜନୈତିକ ପରିସ୍ଥିତି ଦୃଷ୍ଟିରୁ ନିର୍ମାଣ କରାଯାଇଥିଲା। ତେବେ ଏଗୁଡ଼ିକରୁ କେବେହେଲେ କୌଣସି ଉଡ଼ାଜାହାଜ ଉଡ଼ିନଥିଲା କିମ୍ବା ସେଠାରେ ଅବତରଣ କରିନଥିଲା। କାରଣ ଏଭଳି ବିମାନବନ୍ଦରଗୁଡ଼ିକରୁ ଆରମ୍ଭ ହୋଇଥିବା ବିମାନ ପଥଗୁଡ଼ିକ ବାଣିଜ୍ୟିକ ଦୃଷ୍ଟିରୁ ଲାଭଜନକ ନଥିଲା। ଏଠାରେ ସୂଚନାଯୋଗ୍ୟ ଯେ ଭାରତ ହେଉଛି ବିଶ୍ୱର ଅନ୍ୟତମ ପ୍ରମୁଖ ଦେଶ, ଯେଉଁଠାରେ ବିମାନ ଚଳାଚଳ ଅଭିବୃଦ୍ଧି ଖୁବ୍ ଦ୍ରୁତ ବେଗରେ ବଢ଼ିଚାଲିଛି। ତଥାପି ବଡ଼ବଡ଼ ସହରଗୁଡ଼ିକରେ ଥିବା ଏହାର ଅଧିକାଂଶ ବିମାନବନ୍ଦରରେ ବିମାନଗୁଡ଼ିକର ଭିଡ଼ ବେଶୀ। ଭାରତୀୟ ବିମାନବନ୍ଦର ପ୍ରାଧିକରଣ ତଥ୍ୟ ଅନୁଯାୟୀ ଦେଶର ୬ଟି ବିମାନବନ୍ଦର ଯଥା: ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବାଙ୍ଗାଲୁରୁ, କୋଲ୍‌କାତା ଓ ହାଇଦ୍ରାବାଦ ବିମାନବନ୍ଦରକୁ ଦେଶର ଦୁଇତୃତୀୟାଂଶ ବିମାନ ଯାତ୍ରୀ ବ୍ୟବହାର କରନ୍ତି। ଏହାସହିତ ଏଗୁଡ଼ିକ ମାଧ୍ୟମରେ ୬୦% ବିମାନ ଯାତାୟତ କରିଥାନ୍ତି। କହିବା ବାହୁଲ୍ୟ ଯେ ଏହିଭଳି ବିମାନବନ୍ଦରଗୁଡ଼ିକ ଉପରେ ଅଧିକ ଚାପ ପଡୁଛି।

ଗୋଟିଏ ପଟେ ଦେଶର କେତୋଟି ବଡ଼ବଡ଼ ସହରରେ ସ୍ଥିତ ବିମାନବନ୍ଦରକୁ ଅତ୍ୟଧିକ ବ୍ୟବହାର କରାଯାଉଛି ତ ଅନ୍ୟପଟେ ଅନେକ ଛୋଟ ଛୋଟ ବିମାନବନ୍ଦରଗୁଡ଼ିକ ଅଳ୍ପ ବ୍ୟବହୃତ ବା ଅବ୍ୟବହୃତ ହୋଇ ପଡ଼ିରହୁଛି। ସରକାର ଏହି ଅସାମଞ୍ଜସ୍ୟତାକୁ ଦୂର କରିବା ପାଇଁ ମନସ୍ଥ କରି ଉଡ଼ାନ୍ ଯୋଜନା ଆରମ୍ଭ କରିଛନ୍ତି। ଉଦ୍ଦେଶ୍ୟ ହେଉଛି ଯେ, ଯିଏ ହଳେ ହାୱାଇ ଚପଲ ପିନ୍ଧୁଛି ସେ ମଧ୍ୟ ଶସ୍ତା ଦରରେ ହାୱାଇ ଜାହାଜ ବା ଉଡ଼ାଜାହାଜ ଚଢ଼ିପାରିବ। ଏହାର ଅର୍ଥ ହେଲା ଦ୍ୱିତୀୟ ଓ ତୃତୀୟ ସ୍ତରର ସହରଗୁଡ଼ିକୁ ବିମାନସେବା ଆରମ୍ଭ କରିବା ଓ ବିମାନ ଯାତ୍ରୀ ଭଡ଼ାକୁ ନିୟନ୍ତ୍ରିତ କରିବା। ଏହାଦ୍ୱାରା ଅବ୍ୟବହୃତ ବିମାନବନ୍ଦରଗୁଡ଼ିକ ପୁନଃ ଉପଯୋଗୀ ହେବା ସହ ଦେଶର ଅବିକଶିତ ଅଞ୍ଚଳଗୁଡ଼ିକୁ ମଧ୍ୟ ବିମାନ ଚଳାଚଳ କରିପାରିବ, ଯାହା ମାଧ୍ୟମରେ ବ୍ୟବସାୟୀ ଓ ବ୍ୟକ୍ତିବିଶେଷ ଉପକୃତ ହେବେ। ଗତବର୍ଷ ଏପ୍ରିଲ୍ ମାସରେ 'ଉଡ଼ାନ୍' ଯୋଜନା ଆରମ୍ଭ ହେବା ପରଠାରୁ ଏହା ଘଟିଚାଲିଛି। ଏହି ଯୋଜନା ଅଧିନରେ ଛୋଟ ସହର, ଦୂରବର୍ତ୍ତୀ ପାହାଡ଼ିଆ ଅଞ୍ଚଳ ଓ ପୂର୍ବାଞ୍ଚଳକୁ ଧିରେ ଧିରେ ବିମାନ ଚଳାଚଳ ମାନଚିତ୍ର ପରିସରଭୁକ୍ତ କରାଯାଉଛି। 'ଉଡାନ'

ବା UDANର ପୂରା ଅର୍ଥ ହେଉଛି 'ଉଡେ ଦେଶ୍ କା ଆମ୍ ନାଗରିକ୍' ବା ଦେଶର ସାଧାରଣ ନାଗରିକ ମଧ୍ୟ ବିମାନ ଯାତ୍ରା ପାଇଁ ସକ୍ଷମ ହୁଅନ୍ତୁ। ଗତବର୍ଷ ଏପ୍ରିଲ୍ ୨୭ ତାରିଖ ଦିନ ଏଲାୟନ୍ସ ଏୟାର୍‌ର ଏକ ବିମାନକୁ ସିମ୍‌ଲା ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହା ହିଁ ଥିଲା ଉଡାନ୍ ଯୋଜନାର ଅୟମାରମ୍ଭ। ସେହିଦିନ ହିଁ ସେ ନାନ୍‌ଦେଡ୍-ହାଇଦ୍ରାବାଦ୍, କଡପ୍ପା-ହାଇଦ୍ରାବାଦ୍ ମଧ୍ୟରେ ବିମାନ ସେବାର ଶୁଭାରମ୍ଭ କରିଥିଲେ। ଉଡାନ୍ ଯୋଜନା ଅଧିନରେ ଦୁଇଥର ନିଲାମ ମାଧ୍ୟମରେ ଅବ୍ୟବହୃତ ବିମାନବନ୍ଦରଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୩୧ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୯ଟି ଅବ୍ୟବହୃତ ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା।

ସିମ୍‌ଲା ପାଇଁ ଉଦ୍ଦିଷ୍ଟ ବିମାନସେବାକୁ ଏକ ଉଦାହରଣ ଭାବେ ନିଆଯାଇପାରେ। ଏହି ବିମାନ ସେବା ସପ୍ତାହରେ ୫ ଦିନ ପାଇଁ ଚାଲୁ ରହିଥିଲା। ତେବେ ଦିଲ୍ଲୀରୁ ସିମ୍‌ଲା ଯିବା ପାଇଁ ବିମାନରେ ୩୫ଟି ସିଟ୍ ରହୁଥିବାବେଳେ ସିମ୍‌ଲା ବିମାନବନ୍ଦରର କଟକଣା ଯୋଗୁଁ ଫେରିବାବେଳେ କେବଳ ୧୫ଟି ସିଟ୍ ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ରହୁଥିଲା। ସିମ୍‌ଲାସ୍ଥିତ ବିମାନବନ୍ଦରଟି ୨୦୧୨ ମସିହା ପରଠାରୁ ଅବ୍ୟବହୃତ ହୋଇ ପଡ଼ିଥିଲା। କିନ୍ତୁ ଦିଲ୍ଲୀ-ସିମ୍‌ଲା ବିମାନ ସେବା ଯୋଗୁଁ ଏହା ପୁନଃ କାର୍ଯ୍ୟକ୍ଷମ ହେଲା। ତେବେ ଅନିଶ୍ଚିତ ବ୍ୟବସାୟିକ ସମ୍ଭାବନା ସତ୍ତ୍ୱେ ଏୟାର୍ ଇଣ୍ଡିଆ କାହିଁକି ଦିଲ୍ଲୀ-ସିମ୍‌ଲା ବିମାନ ଚଳାଚଳ ପାଇଁ ମନ ବଳାଇଲା ? ନୂତନ ଉଡାନ୍ ଯୋଜନା ଅଧିନରେ ଓ ପୂର୍ବ ନିର୍ଦ୍ଧାରିତ ସହମତି ଅନୁଯାୟୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଭାୟାବିଲିଟି ଗ୍ୟାପ୍ ଫଣ୍ଡି ସୂତ୍ର ଆଧାରରେ ସମ୍ପୃକ୍ତ ବିମାନ କର୍ତ୍ତୃପକ୍ଷଙ୍କୁ ରିଆତି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଏହି ବିମାନ ସେବାର ଆର୍ଥିକ ଦିଗ ଉପରେ ଦୃଷ୍ଟି ପକାଇଲେ ଜଣାପଡ଼େ ଯେ ଏହି ବିମାନ ସେବା କର୍ତ୍ତୃପକ୍ଷଙ୍କୁ ସିଟ୍ ପିଛା ପ୍ରାୟ ୩୩୦୦ ଟଙ୍କା ରିଆତି ମିଳେ। ଉଡାନ୍ ଯୋଜନା ଅନ୍ତର୍ଗତ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ସୂତ୍ର ଆଧାରରେ ସମ୍ପୃକ୍ତ ବିମାନ କର୍ତ୍ତୃପକ୍ଷଙ୍କୁ ସିଟ୍ ପିଛା ୫୦% ରିଆତି ପ୍ରଦାନ, ୩ ବର୍ଷ ପର୍ଯ୍ୟନ୍ତ ସେହି ନିର୍ଦ୍ଦିଷ୍ଟ ବିମାନ ମାର୍ଗ ଉପରେ ସମ୍ପୃକ୍ତ ବିମାନ କର୍ତ୍ତୃପକ୍ଷଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଏକଚାଟିଆ ଅଧିକାର ପ୍ରଦାନ ଏବଂ ଯେଉଁ ବିମାନବନ୍ଦରରେ ବିମାନଟି ଅବତରଣ କରିବ ସେଠାରେ ଶସ୍ତା ମୂଲ୍ୟରେ ବିମାନ ଇନ୍ଧନ ଯୋଗାଣ ଓ ବିମାନବନ୍ଦର ଶୁଳ୍କ ମୁକ୍ତ ବ୍ୟବସ୍ଥା ଆଦି ବିଭିନ୍ନ ସୁବିଧା ଦିଆଯାଇଥାଏ। ପ୍ରତିବଦଳରେ ବିମାନ ସେବା ପ୍ରଦାନକାରୀ ମଧ୍ୟ ୫୦୦ କିଲୋମିଟର ଯାତ୍ରା ପାଇଁ କିମ୍ବା ଘଣ୍ଟା ପ୍ରତି ପ୍ରତ୍ୟେକ ସିଟ୍ ପାଇଁ ୨୫୦୦ ଟଙ୍କା ଟିକଟ ମୂଲ୍ୟ ରଖିବାକୁ ଏକ ପ୍ରକାର ବାଧ୍ୟ ହୋଇଥାନ୍ତି।

ତେବେ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ପରିଚାଳିତ ହୁଏ କେମିତି ? ବ୍ୟସ୍ତବହୁଳ ମେଟ୍ରୋ ସହରସ୍ଥିତ ବିମାନବନ୍ଦରରୁ ଉଡୁଥିବା ବିମାନ ପରିଚାଳନା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷ ସରକାରଙ୍କୁ ଥରକୁ ୫ ହଜାର ଟଙ୍କା ଦେଇଥାନ୍ତି। ଏହାଦ୍ୱାରା ଉଡାନ୍ ଅଧିନରେ ରିଆତି ପ୍ରଦାନ ସମ୍ଭବ ହୁଏ। ସରକାରୀ ସୂତ୍ର ଅନୁଯାୟୀ କେବଳ ଲାଭଜନକ ବିମାନପଥ ପାଇଁ ଏହି ଟିକସ ଉଦ୍ଦିଷ୍ଟ। ଉଡାନ୍ ଯୋଜନାର ପ୍ରଥମ ବର୍ଷରେ ଏଭଳି ଟିକସରୁ ୩୦୦ କୋଟି ଟଙ୍କା ଆଦାୟ ହୋଇଥିଲା। ଏତଦ୍‌ବ୍ୟତୀତ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଯଥାକ୍ରମେ ୬୦ କୋଟି ଓ ୨୦୦ କୋଟି ଟଙ୍କାର ଅତିରିକ୍ତ ପାଣ୍ଠି ବ୍ୟବସ୍ଥା କରିଥିଲେ। ତେଣୁ ଉଡାନ୍ ଯୋଜନାର ପ୍ରଥମବର୍ଷରେ ସରକାର ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ସୂତ୍ର ଅନୁଯାୟୀ ୫୬୦ କୋଟି ଟଙ୍କା ରିଆତି ପ୍ରଦାନ କରିଥିଲେ।

ଉଡାନ୍ ଯୋଜନାର ସଫଳତା ଏହି କଥାରୁ ଅନୁମାନ କରାଯାଇପାରେ ଯେ ସିମ୍‌ଲା-ଦିଲ୍ଲୀ ବିମାନ ସେବା ଆରମ୍ଭ ହେବାର ବର୍ଷକ ମଧ୍ୟରେ ପ୍ରାୟ ୧୨ ହଜାର ଯାତ୍ରୀ ଏହି ସେବାର ସୁଯୋଗ ନେଇଥିଲେ। ଏହି ଅବଧି ମଧ୍ୟରେ ବିମାନରେ ହାରାହାରି ଭାବେ ଖାଲି ସିଟ୍ ସଂଖ୍ୟା କେବଳ ୧୦% ରହିଥିଲା। ଉଡାନ୍ ଯୋଜନା ଅଧିନରେ ଏହି ସେବା ପାଇଁ ଟିକଟ ମୂଲ୍ୟ ୧୯୭୦ ଟଙ୍କା ଥିବାବେଳେ ଅଣ-ଉଡାନ୍ ବିମାନସେବା ପାଇଁ ଟିକଟ ମୂଲ୍ୟ ହାରାହାରି ୪ ହଜାର ଟଙ୍କା ଥିଲା।

ଉଡାନ୍‌ର ଅନ୍ୟଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି। ଖୁବ୍‌ଶୀଘ୍ର ପୂର୍ବ ସିକିମ୍‌ର ପାକ୍ୟୋଙ୍ଗ ଓ ଦିଲ୍ଲୀ ମଧ୍ୟରେ ପ୍ରଥମଥର ପାଇଁ ସ୍ପାଇସ୍ ଜେଟ୍‌ର ଏକ ବିମାନ ଚଳାଚଳ କରିବ। ଏହି ବିମାନ ସେବା ଦ୍ୱାରା ପାକ୍ୟୋଙ୍ଗ୍ ସହ ୩୫ କିଲୋମିଟର ଦୂରରେ ଥିବା ରାଜଧାନୀ ଗ୍ୟାଙ୍ଗ୍‌ଟକ୍, ଗୌହାଟୀ ଓ କୋଲ୍‌କାତା ମଧ୍ୟ ଯୋଡ଼ି ହୋଇଯିବ। ଉଡାନ୍ ଯୋଜନା ଅଧିନରେ କାର୍ଯ୍ୟକ୍ଷମ ହୋଇପାରିଥିବା ଅବ୍ୟବହୃତ ବିମାନବନ୍ଦରଗୁଡ଼ିକ ମଧ୍ୟରେ ପଞ୍ଜାବସ୍ଥିତ ଭଟିନ୍ଦା, ଆଦମ୍‌ପୁର ଓ ପଠାନକୋଟ୍, ରାଜସ୍ଥାନର ବିକାନିର ଓ ଜୈସଲ୍‌ମର ଓ ଗୁଜରାଟର ଭାବନଗର, ଜାମ୍‌ନଗର ଓ ମୁନ୍ଦ୍ରା ଅନ୍ତର୍ଭୁକ୍ତ। କେବଳ ଅବ୍ୟବହୃତ ବିମାନବନ୍ଦରଗୁଡ଼ିକ ଉଡାନ୍ ଯୋଜନା ଦ୍ୱାରା ଉପକୃତ ହୋଇନାହାନ୍ତି ବରଂ ଯେଉଁ ବିମାନବନ୍ଦରଗୁଡ଼ିକ ବିଶେଷ ବ୍ୟବହୃତ ହେଉନଥିଲା, ସେଗୁଡ଼ିକ ମଧ୍ୟ ଲାଭଜନକ ଭାବେ କାର୍ଯ୍ୟକ୍ଷମ ହୋଇପାରିଛନ୍ତି।


ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଜଣେ ଅଧିକାରୀଙ୍କ ଅନୁଯାୟୀ ଉଡାନ୍ ଯୋଜନା ଅଧିନରେ କେନ୍ଦ୍ର ସରକାର ୪୫୦୦ କୋଟି ଟଙ୍କା ମଞ୍ଜୁର କରିସାରିଛନ୍ତି । ଏଥିରେ ପ୍ରଥମ ଅବ୍ୟବହୃତ ବିମାନବନ୍ଦରଗୁଡ଼ିକର ପୁନରୁଦ୍ଧାର କରାଯାଏ ଓ ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକଙ୍କ ଅନୁମତି ପରେ ବିମାନ ସେବା ଆରମ୍ଭ ହୁଏ । ଏହି କ୍ରମରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟଙ୍କ ସ୍ୱୀକୃତି ମିଳିବା ପରେ ଛତିଶଗଡ଼ସ୍ଥିତ ଜଗଦଲପୁରରୁ ରାୟପୁରକୁ 'ଉଡ଼ାନ' ବିମାନସେବା ନିକଟ ଅତୀତରେ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି । ସେହିପରି ଛତିଶଗଡ଼ର ଅମ୍ବିକାପୁର ସ୍ୱୀକୃତି ଅପେକ୍ଷାରେ ଥିବାବେଳେ ବିଳାସପୁର ଠାରେ ବିମାନବନ୍ଦର କାର୍ଯ୍ୟ ଜୋର୍‌ସୋରରେ ଚାଲିଛି । ଅନ୍ୟପକ୍ଷରେ ଓଡ଼ିଶାର ଝାରସୁଗୁଡ଼ା ଠାରୁ ବିମାନସେବା ଆରମ୍ଭ ହୋଇସାରିଥିବା ବେଳେ ଉତ୍କେଳା ଓ ଜୟପୁର ଠାରୁ ମଧ୍ୟ ବିମାନ ସେବା ଆରମ୍ଭ ହେବ ।

ଘରୋଇ ବିମାନ ଚଳାଚଳ କ୍ଷେତ୍ରରେ ଭାରତ ହେଉଛି ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ସମ୍ପନ୍ନ ବଜାର । ତେବେ ଏହି ଉଚ୍ଚ ଅଭିବୃଦ୍ଧି ବଜାୟ ରଖିବା ପାଇଁ ଆଞ୍ଚଳିକ ବିମାନ ଚଳାଚଳ ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମେଟ୍ରୋ ସହରସ୍ଥିତ ବିମାନବନ୍ଦରଗୁଡ଼ିକର କ୍ଷମତା ବୃଦ୍ଧି କରିବା ଦରକାର, କିନ୍ତୁ ଉଚ୍ଚ ଅଭିବୃଦ୍ଧି ପାଇଁ ଆଞ୍ଚଳିକ ବିମାନ ଚଳାଚଳ ବ୍ୟବସ୍ଥା ଉପରେ ହିଁ ଭବିଷ୍ୟତ ନିର୍ଭର କରେ । ଉଡାନ୍ ଯୋଜନା ଅଧିନ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ବ୍ୟବସ୍ଥା ଯୋଗୁଁ କେବଳ ଯେ ପ୍ରତିଷ୍ଠିତ ବିମାନ ଚଳାଚଳ ସଂସ୍ଥା ଏହି ଯୋଜନା ସହ ସମ୍ପୃକ୍ତ ହେଉଛନ୍ତି ସେକଥା ନୁହେଁ, ବରଂ ଏୟାର ଡେକାନ୍ ଓ ଏୟାର୍ ଓଡ଼ିଶା ଭଳି ନୂଆ ନୂଆ ବିମାନ ସଂସ୍ଥାଗୁଡ଼ିକ ମଧ୍ୟ ଆକୃଷ୍ଟ ହୋଇଛନ୍ତି । ବର୍ତ୍ତମାନ ଇଣ୍ଡିଗୋ, ସ୍ପାଇସ୍ ଜେଟ୍ ଓ ଜେଟ୍ ଏୟାର୍‌ଲାଇନ୍ସ ଭଳି ବଡ଼ବଡ଼ କମ୍ପାନୀଗୁଡ଼ିକ ମଧ୍ୟ ଉଡାନ୍ ଯୋଜନାରେ ସାମିଲ୍ ହେଲେଣି ।

ତେବେ ଅନ୍ୟାନ୍ୟ ମହତ୍ୱାକାଂକ୍ଷୀ ଯୋଜନାଗୁଡ଼ିକ ଭଳି ଉଡାନ୍ ଯୋଜନାରେ ମଧ୍ୟ ଆଶାନୁରୂପ ଅଗ୍ରଗତି ହୋଇନାହିଁ । ଏହି ଯୋଜନା ଅଧିନରେ ଯେଉଁ ସମସ୍ତ ଅବ୍ୟବହୃତ ବା ସ୍ୱଳ୍ପ ବ୍ୟବହୃତ ବିମାନବନ୍ଦରଗୁଡ଼ିକର ପୁନଃରୁଦ୍ଧାର କରାଯିବାର ଥିଲା, ତାହା ହୋଇପାରି ନାହିଁ । ନିଲାମ ପ୍ରକ୍ରିୟାରେ ସାମିଲ୍ ହୋଇଥିବା ସମସ୍ତ ମାର୍ଗରେ ବିମାନ ଚଳାଚଳ ଆରମ୍ଭ ହୋଇପାରି ନାହିଁ ଏବଂ ଏ ପର୍ଯ୍ୟନ୍ତ ଉଡାନ୍ ଯୋଜନାରେ କୌଣସି ହେଲିକପ୍ଟର ସେବା ମଧ୍ୟ ସାମିଲ୍ ହୋଇନାହିଁ ।

ଉଡାନ୍ ଯୋଜନା ଆରମ୍ଭ ହେବା ପରେ ସକ୍ରିୟ ହୋଇଥିବା ବିମାନ କମ୍ପାନୀମାନଙ୍କ ମଧ୍ୟରୁ କେତେକ ସ୍ୱଳ୍ପ ଅଭିଜ୍ଞ ହୋଇଥିବାବେଳେ ସେମାନଙ୍କ ପାଇଁ ଅର୍ଥଭାବ ମଧ୍ୟ ଏକ ସମସ୍ୟା । ଏମିତିରେ ଦୂରଦୂରାନ୍ତ ସ୍ଥାନ ପର୍ଯ୍ୟନ୍ତ ବିମାନ ସେବା ପ୍ରଦାନ ପାଇଁ ସେମାନେ ସଂଘର୍ଷରତ । ପ୍ରଥମ ପର୍ଯ୍ୟାୟ ନିଲାମ ପ୍ରକ୍ରିୟା ପରେ ୫ଟି ବିମାନ କମ୍ପାନୀକୁ ୧୨୮ଟି ଆକାଶ ମାର୍ଗ ପ୍ରଦାନ





କରାଯାଇଥିଲା ଏବଂ ସେପ୍ଟେମ୍ବର ୨୦୧୭ ସୁଦ୍ଧା ଏଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ବର୍ଷଟିଏ ପରେ କେବଳ ଅଧା ମାର୍ଗରେ ବିମାନ ଚଳାଚଳ ହୋଇପାରିଥିଲା। ଏଲାୟନ୍ସ ଏୟାର, ସ୍ପାଇସ୍ ଜେଟ୍ ଭଳି ବିମାନ କମ୍ପାନୀଗୁଡ଼ିକ ସେମାନଙ୍କୁ ପ୍ରଦତ୍ତ ମାର୍ଗରେ ବିମାନ ସେବା ଆରମ୍ଭ କରିପାରିଥିବା ବେଳେ ତିନି ଚତୁର୍ଥାଂଶ ମାର୍ଗରେ ବିମାନ ସେବା ପାଇଁ ସ୍ୱୀକୃତି ପାଇଥିବା ଏୟାର ଓଡ଼ିଶା ଓ ଏୟାର ଡେକାନ୍ ଭଳି ଛୋଟ ଛୋଟ କମ୍ପାନୀଗୁଡ଼ିକ କିନ୍ତୁ କେବଳ ୧୫% ମାର୍ଗରେ ହିଁ ନିଜ ନିଜ ବିମାନ ସେବା ଆରମ୍ଭ କରିପାରିଛନ୍ତି। ଏୟାର ଓଡ଼ିଶାକୁ ସ୍ୱୀକୃତି ମିଳିଥିବା ୫୦ଟି ମାର୍ଗ ମଧ୍ୟରୁ କେବଳ ୮ଟି ମାର୍ଗରେ କମ୍ପାନୀ ଏହି ସେବା ପ୍ରଦାନ କରିପାରିଥିବା ବେଳେ ଏୟାର ଡେକାନ୍‌କୁ ମିଳିଥିବା ୩୪ଟି ମାର୍ଗ ମଧ୍ୟରୁ ୧୦ଟିରେ ହିଁ ସମ୍ପୃକ୍ତ କମ୍ପାନୀ ବିମାନ ସେବା ଆରମ୍ଭ କରିଛି। ଜୁନ୍ ମାସ ଶେଷ ସୁଦ୍ଧା ଜେଟ୍ କମ୍ପାନୀ ତରଫରୁ ଉଡାନ୍ ଅଧିନରେ ବିମାନ ସେବା ଆରମ୍ଭ ହେବାକୁ ଥିବାବେଳେ ଇଣ୍ଡିଗୋ ଓ ସ୍ପାଇସ୍ ଜେଟ୍ ଜୁଲାଇ ମାସରୁ ଉଡାନ୍ ସେବା ଆରମ୍ଭ କରିବେ ବୋଲି ଜଣାପଡ଼ିଛି।

ପୁନଶ୍ଚ ଉଡାନ୍ ଅଧିନରେ ସେବାର ମାନ ମଧ୍ୟ ଆଶାନୁରୂପ ନୁହଁ। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟଙ୍କ ତଥ୍ୟ ଅନୁଯାୟୀ ଉଡାନ୍ ଅଧିନସ୍ଥ ଏୟାର ଓଡ଼ିଶା ଓ ଏୟାର ଡେକାନ୍‌ର ବିମାନରେ ଗୋଟିଏ ମାସରେ ଯଥାକ୍ରମେ ଏକ ଚତୁର୍ଥାଂଶ ଓ ଏକ ତୃତୀୟାଂଶ ସିଟ୍ ପୂରଣ ହୋଇଥିବାବେଳେ ସମସ୍ତ ଘରୋଇ ବିମାନ ସେବା ମଧ୍ୟରୁ ଏଗୁଡ଼ିକରେ ଯାତ୍ରୀମାନେ ସର୍ବାଧିକ ଟିକଟ ପ୍ରତ୍ୟାହାର କରି ନେଇଥିଲେ ଏବଂ ନିଜ ନିଜ ଅଭିଯୋଗ ମଧ୍ୟ ଦାଖଲ କରିଥିଲେ। ଏହି ବିମାନ କମ୍ପାନୀଗୁଡ଼ିକୁ ବୋଧହୁଏ ଅଧିକ ଯାତ୍ରୀ ଚାହିଦା ସୃଷ୍ଟି କରିବା ପାଇଁ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ। ଅନ୍ୟଏକ ବ୍ୟତିକ୍ରମ ହେଉଛି ଯେ ଉଡାନ୍ ଯୋଜନା ଅଧିନରେ ଏଯାଏଁ କୌଣସି ହେଲିକପ୍ଟରକୁ ସାମିଲ୍ କରାଯାଇ ନାହିଁ। ଏ ସମ୍ପର୍କିତ ନିୟମାବଳୀ ପ୍ରସ୍ତୁତି ଜାରି ରହିଛି।

ଉଡାନ୍ ଅଧିନରେ ପସନ୍ଦ ମୁତାବକ ମାର୍ଗ ହାସଲ କରିଥିବା ବିମାନ କମ୍ପାନୀଗୁଡ଼ିକ ଭାୟାବିଲିଟି ଗ୍ୟାପ୍ ଫଣ୍ଡିର ୩ ବର୍ଷ ସମୟ ପରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବିଶେଷ ଭାବେ ତୈଳ ମୂଲ୍ୟ ବୃଦ୍ଧି ଏକ ପ୍ରମୁଖ କାରଣ। ତେଣୁ ଉଡାନ୍ ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସରକାରଙ୍କୁ ଧ୍ୟାନ ଦେବାକୁ ପଡ଼ିବ।

**ଲେଖିକା ହେଉଛନ୍ତି ଜଣେ ବରିଷ୍ଠ ସାମ୍ବାଦିକ।**

# ଓଡ଼ିଶାରେ ପବନ ଶକ୍ତିର ସମ୍ଭାବନା

ଅଧ୍ୟାପକ କମଳାକାନ୍ତ ଜେନା

ପୃଥିବୀ ଆମର ବାସଗୃହ । ସେ ନିଜ କୋଳରେ ଆମକୁ ଧରି ରଖିଛି । ତେଣୁ ତା'ର ଅନ୍ୟନାମ ଧରିତ୍ରୀ । ଆମେ ରହିବା ପାଇଁ ଘର ଦରକାର, ଖାଇବା ପାଇଁ ଖାଦ୍ୟ ଦରକାର, ପିଇବା ପାଇଁ ପାଣି ଦରକାର ଆଉ ବଂଚିବା ପାଇଁ ଅମ୍ଳଜାନ ଦରକାର । ଏସବୁ ମୌଳିକ ଆବଶ୍ୟକତା । ଆମର ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଧରାପୃଷ୍ଠରେ ଯଥେଷ୍ଟ ପ୍ରାକୃତିକ ସଂପଦ ରହିଥିଲା । ଆରମ୍ଭରୁ ସବୁ ଠିକ୍ ଥିଲା । କିଛି ଅସୁବିଧା ହେଉ ନଥିଲା । କିନ୍ତୁ ଯେଉଁଦିନ ମଣିଷ ଉନ୍ନତି କରିବା ପାଇଁ ବିଜ୍ଞାନର ସାହାରା ନେଲା, କଳକାରଖାନା ବସେଇଲା, ଗାଡିମୋଟର ଚଳେଇଲା, ସେଇ ଦିନଠାରୁ ତା'ର ଲୋଭ ବଢିଲା । ସେ ପ୍ରାକୃତିକ ସଂପଦକୁ ଅଧିକରୁ ଅଧିକ ବ୍ୟବହାର କରିବାକୁ ଇଚ୍ଛାକଲା । ପ୍ରାକୃତିକ ସଂପଦର ଅପପ୍ରୟୋଗ କଲା । ଆଜି ତେଣୁ ପ୍ରାକୃତିକ ସଂପଦର ଅଭାବ ଦେଖାଦେଇଛି ।

ଆମ ଜାତିର ପିତା ମହାତ୍ମା ଗାନ୍ଧି କହିଥିଲେ, "ପୃଥିବୀର ପରିବେଶ ଆମର ମୌଳିକ ଆବଶ୍ୟକତାକୁ ପୂରଣ କରିପାରିବ । କିନ୍ତୁ, ଆମର ଲୋଭକୁ ପୂରଣ କରିପାରିବ ନାହିଁ ।" ଆମେ କିନ୍ତୁ ଆମର ଲୋଭକୁ ପୂରଣ କରିବା ପାଇଁ ପ୍ରାକୃତିକ ସଂପଦର ବିବେକହୀନ ବ୍ୟବହାର କରିଚାଲିଛୁ । ଧରିତ୍ରୀ ପ୍ରତି ଆମର ଅମାନୁଷିକ ବ୍ୟବହାର ଫଳରେ ଏହାର ପରିବେଶ ଦୂଷିତ ହେଉଛି । ଆମର ବାସଗୃହ ପୃଥିବୀ ଏବେ ମୁମୂର୍ଷୁ ଅବସ୍ଥାରେ ରହିଛି । ଆଜି ଆମ ପାଇଁ ପିଇବା ପାଣିର ଅଭାବ ଦେଖାଦେଇଛି । ବାୟୁମଣ୍ଡଳରେ ଅମ୍ଳଜାନର ଅଭାବ । ଚାଷ ପାଇଁ ଭଲ ମାଟିର ଅଭାବ । ସବୁଠାରୁ ବଡ କଥା, ଆମ କଳକାରଖାନା ଓ ଗାଡିମୋଟର ପାଇଁ ଶକ୍ତିର ଅଭାବ ଦେଖାଦେଇଛି ।

ହଁ, ଶକ୍ତି ବା ଏନର୍ଜି ହେଉଛି ଆମ ଉନ୍ନତିର ମାପକାଠି । କାର୍ଯ୍ୟ କରିବା ପାଇଁ ଶକ୍ତି ଦରକାର । ଶକ୍ତି ହେଉଛି କାର୍ଯ୍ୟ କରିବାର ସାମର୍ଥ୍ୟ । ଆମେ ଚାଲିବା ପାଇଁ ଶକ୍ତି ଦରକାର । ଦୌଡିବା ପାଇଁ ଶକ୍ତି ଦରକାର । ବୋଝ ଉଠେଇବା ପାଇଁ ଶକ୍ତି ଦରକାର । ଏପରିକି କଥା କହିବା ପାଇଁ ଶକ୍ତି ଦରକାର । କଳକାରଖାନା ଚାଲିବା ପାଇଁ ଓ ଗାଡିମୋଟର ଚଳେଇବା ପାଇଁ ମଧ୍ୟ ଶକ୍ତି ଆବଶ୍ୟକ । ଭାତ, ରୁଟି, ତରକାରୀରୁ ଆମ ଶରୀରକୁ ଶକ୍ତି ମିଳେ । କିନ୍ତୁ କୋଇଲା, ଡିଜେଲ ଓ ପେଟ୍ରୋଲ ଭଳି ଇନ୍ଧନରୁ କଳକାରଖାନାକୁ ଶକ୍ତି ମିଳେ । ଆମ ଗାଡିମୋଟରକୁ ଶକ୍ତି ମିଳେ । ଏଗୁଡିକ "ଶକ୍ତିର ଉତ୍ସ" । ଆରମ୍ଭରୁ କୋଇଲା, ପେଟ୍ରୋଲ ଓ ଡିଜେଲର ବ୍ୟବହାର ହୋଇ ଆସୁଛି । ତେଣୁ ଏଗୁଡିକୁ "ପାରମ୍ପରିକ ଶକ୍ତି ଉତ୍ସ" କୁହାଯାଏ ।

ପରିବେଶରେ ଶକ୍ତିଉତ୍ସର ବ୍ୟବସ୍ଥା ରହିଛି । ମାଟି ତଳୁ ଆମକୁ ଏସବୁ ଶକ୍ତି ମିଳେ । କିନ୍ତୁ ଆଜି ଆମର ଲୋଭ ଆମର ଆବଶ୍ୟକତାକୁ ବଳି ଯାଇଛି । ଲୋଭକୁ ପୂରଣ କରିବା ପାଇଁ ଶକ୍ତିର ଅପବ୍ୟବହାର ହେଉଛି । କାହିଁକିନା, ଆମର କଳକାରଖାନା ଓ ଗାଡିମୋଟର ସଂଖ୍ୟା ଦ୍ରୁତ ଗତିରେ ବଢିଚାଲିଛି । ଘରେ ଘରେ ନାନାଦି ବିଜୁଳି ଯନ୍ତ୍ରପାତିର ବ୍ୟବହାର ବଢିଚାଲିଛି । ତେଣୁ

କୋଇଲା, ପେଟ୍ରୋଲ ଓ ଡିଜେଲର ଆଶାତୀତ ବ୍ୟବହାର ହେଉଛି । ଅଧିକରୁ ଅଧିକ ଶକ୍ତି ଦରକାର ପଡୁଛି । ଆବଶ୍ୟକତାରୁ ଅଧିକ ବ୍ୟବହାର ହେତୁ ଆଜି କୋଇଲା, ପେଟ୍ରୋଲ ଓ ଡିଜେଲର ଘୋର ଅଭାବ ଦେଖାଯାଇଛି । ପାରମ୍ପରିକ ଶକ୍ତିର ଏଭଳି ଅଭାବଜନିତ ପରିସ୍ଥିତିକୁ "ଶକ୍ତି ସଙ୍କଟ" ବା "ଏନର୍ଜି କ୍ରାଇସିସ୍" ବୋଲି କୁହାଯାଉଛି ।

ଆଗାମୀ କିଛି ବର୍ଷ ଭିତରେ ପୃଥିବୀରୁ କୋଇଲା, ପେଟ୍ରୋଲ ଓ ଡିଜେଲ ଇତ୍ୟାଦି ପାରମ୍ପରିକ ଶକ୍ତିଉତ୍ସଗୁଡିକ ଶେଷ ହେବ । ତେଣୁ ଆମର ଚିନ୍ତା – ଆମ କଳକାରଖାନା କେମିତି ଚାଲିବ ? ଆମ ଗାଡିମୋଟର କେମିତି ଚାଲିବ ? ସେଥିପାଇଁ ବିକଳ୍ପ ଶକ୍ତିଉତ୍ସର ସନ୍ଧାନ ଜାରି ରହିଛି, ଯେଉଁ ଶକ୍ତିଉତ୍ସରୁ ଆମକୁ ବିଜୁଳି ମିଳିପାରିବ । ସେହି ବିଜୁଳିରେ ଆମ କଳକାରଖାନା ଓ ଗାଡିମୋଟର ଚାଲିବ । ପବନଶକ୍ତି ହେଉଛି ସେମିତିକା ଏକ ବିକଳ୍ପ ଶକ୍ତିର ଉଦାହରଣ । ସରଳ ଭାଷାରେ କହିଲେ ପବନର ଶକ୍ତିକୁ ବ୍ୟବହାର କରି ଆମେ ବିଜୁଳି ଶକ୍ତି ଉତ୍ପନ୍ନ କରିପାରିବା । ତେଣୁ ଏହି ଶକ୍ତିକୁ ଆସନ୍ତା କାଲିର "ବିକଳ୍ପ ଶକ୍ତି" କୁହାଯାଉଛି ।

ଅନେକ ଶକ୍ତିଉତ୍ସ ବିଷୟରେ ଆମେ ଜାଣିଛୁ । ହେଲେ ଆମେ ବ୍ୟବହାର କରୁ ମୁଖ୍ୟତଃ ବିଜୁଳିଶକ୍ତି । ଆମର ସବୁ ଯନ୍ତ୍ରପାତିକୁ ସେମିତି ତିଆରି କରାଯାଇଛି । ତେଣୁ ବିଭିନ୍ନ ଶକ୍ତିଉତ୍ସକୁ ବ୍ୟବହାର କରି ମୁଖ୍ୟତଃ ବିଜୁଳିଶକ୍ତି ଉତ୍ପାଦନ କରାଯାଏ । ତେଣୁ ପବନର ଶକ୍ତିକୁ ବ୍ୟବହାର କରାଯାଇ ବିଜୁଳିଶକ୍ତି ଉତ୍ପାଦନ କରାଯାଏ । ପବନଶକ୍ତିକୁ ବିଜୁଳିଶକ୍ତିରେ ପରିଣତ କରିବା ପାଇଁ ବିଶେଷ ବ୍ୟବସ୍ଥା ଦରକାର । ଯେଉଁ ବ୍ୟବସ୍ଥାରେ ପବନଶକ୍ତିକୁ ବିଜୁଳିଶକ୍ତିରେ ପରିଣତ କରାଯାଇଥାଏ, ସେହି ବ୍ୟବସ୍ଥାର ନାମ 'ପବନକଳ' ବା ଉଇଣ୍ଡ୍ ଟର୍ବାଇନ୍ । ଖୋଲା ଜାଗା ଦେଖି ପବନକଳ ବସାଯାଏ । ବିଶେଷ କରି ସମୁଦ୍ରକୂଳରେ ଏବଂ ଛୋଟ ପାହାଡ ଉପରେ ପବନକଳ ଥାଏ । କାହିଁକିନା, ସେସବୁ ଅଂଚଳରେ ସବୁବେଳେ ପବନ ବୋହୁଥାଏ । ତେଣୁ ପବନକଳ କାମ କରିପାରେ ।

ବିକଳ୍ପଶକ୍ତି ପ୍ରସଂଗରେ ପବନଶକ୍ତିର ବିଶେଷ ଭୂମିକା ରହିଛି । ପୁରୁଣା ଇତିହାସକୁ ଦେଖିଲେ, ପ୍ରାୟ ୧୭୦୦ ବର୍ଷ ହେଲାଣି ସମୁଦ୍ରରେ ପୋତ ଚାଳନାରେ ପବନ ଶକ୍ତିକୁ ବ୍ୟବହାର କରାଯାଉଛି । ୧୯୩୦ ମସିହାରେ ବ୍ୟାଟେରୀ ଚାର୍ଜ କରିବା ପାଇଁ ପବନ ଶକ୍ତିର ବ୍ୟବହାର ଆରମ୍ଭ ହୋଇଥିଲା । ଏବେ ପାରମ୍ପରିକ ଶକ୍ତିଉତ୍ସ ସରିବାକୁ ବସିଲାରୁ ଏଇ ୪୦ ବର୍ଷ ହେବ ବିଭିନ୍ନ ଦେଶରେ ପବନକଳ ବସେଇ ବିଜୁଳିଶକ୍ତି ଉତ୍ପାଦନ କରାଯାଉଛି । ପବନଶକ୍ତିରୁ ବିଜୁଳିଶକ୍ତି ଉତ୍ପାଦନ କରିବାରେ ଆଗୁଆ ଦେଶଗୁଡିକ ମଧ୍ୟରେ ଆମ ଭାରତ ବି ରହିଛି । ଏହି ପ୍ରକ୍ରିୟାରେ ଚୀନ୍, ଆମେରିକା, ଜର୍ମାନୀ ଓ ସ୍ପେନ୍ ପରେ ୫ମ ସ୍ଥାନରେ ରହିଛି ଭାରତ ।

ବିଜୁଳିଶକ୍ତି ଉତ୍ପାଦନ କଥା ପଡିଲେ ମାଇକେଲ ଫାରାଡେଙ୍କ କଥା ମନେ ପଡେ । ତାଙ୍କର ଉଦ୍ଭାବନ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ । ଚୁମ୍ବକକ୍ଷେତ୍ର ଭିତରେ ତାରକୁଣ୍ଡଳୀ ଗତି କଲେ ସେଥିରେ ବିଜୁଳିସ୍ରୋତ ପ୍ରବାହିତ ହୁଏ ବୋଲି





ସେ ସୂଚନା ଦେଇଥିଲେ । ସେହି ନିୟମରେ ପବନକଳ କାମ କରେ । ପବନକଳରେ ଟାୱାର ଅଗରେ ଗୋଟିଏ ବଡ ପଙ୍ଖା ଲାଗିଥାଏ । ପବନ ଦେଲେ ସେହି ପଙ୍ଖା ବୁଲେ । ଏଥିପାଇଁ ନିହାତି ଜୋର୍ ପବନ ବୋହିବା ଜରୁରୀ ନୁହେଁ । ସାଧାରଣ ପବନରେ ମଧ୍ୟ ତାହା ବୁଲିପାରିବ । ଟାୱାର ତଳେ ଥାଏ ଗୋଟିଏ ଜେନେରେଟର । ଜେନେରେଟର ଭିତରେ ଚୁମ୍ବକ ଥାଏ । ସେହି ଚୁମ୍ବକ ମଝିରେ ବଡ ତାରକୁଣ୍ଡଳୀ ରହିଥାଏ । ସେହି ତାରକୁଣ୍ଡଳୀକୁ ଚେନ୍ ଦ୍ୱାରା ପଙ୍ଖା ସହିତ ଯୋଡା ଯାଇଥାଏ । ଉପରେ ପଙ୍ଖା ବୁଲିଲେ ତଳେ ତାରକୁଣ୍ଡଳୀ ବୁଲେ । ତାରରେ ବିଦ୍ୟୁତ୍ ପ୍ରବାହିତ ହୁଏ । ଏହିପରି ପବନରେ ରହିଥିବା ଶକ୍ତିକୁ ପବନକଳ ଦ୍ୱାରା ବିଜୁଳିଶକ୍ତିରେ ପରିଣତ କରାଯାଏ । ସେତିକିରେ କାମ ସରିଯାଏ ନାହିଁ । ପବନକଳରୁ ଉତ୍ପନ୍ନ ବିଦ୍ୟୁତ୍ ପ୍ରବାହ ବ୍ୟାଟେରୀକୁ ଚାର୍ଜ କରେ । ଅର୍ଥାତ୍ ବ୍ୟାଟେରୀ ଭିତରେ ବିଜୁଳିଶକ୍ତି ଗଚ୍ଛିତ ହୋଇ ରହେ । ଆମେ ସେହି ବ୍ୟାଟେରୀରୁ ବିଜୁଳିଶକ୍ତି ନେଇ ବ୍ୟବହାର କରୁ। ଏପଟେ ବ୍ୟବହାର ହେଉଥାଏ, ସେପଟେ ବ୍ୟାଟେରୀ ଚାର୍ଜ ହେଉଥାଏ। ଏହିପରି ଆମର ଶକ୍ତି ସମସ୍ୟାର ସମାଧାନ ହୁଏ।

ଆମ ଦେଶରେ ତାମିଲନାଡୁ, ଗୁଜରାଟ ଓ ମହାରାଷ୍ଟ୍ରରେ ପବନଶକ୍ତିର ଅଧିକ ବ୍ୟବହାର କରାଯାଉଛି । କାରଣ ସେସବୁ ରାଜ୍ୟରେ ପବନକଳ ବସେଇବା ସକାଶେ ଉପଯୁକ୍ତ ଖୋଲା ଜାଗା ରହିଛି । ସେସବୁ ରାଜ୍ୟରେ ଏବେ କୋଇଲା ବଦଳରେ ପବନକଳ ଉପରେ ଅଧିକ ନିର୍ଭର କରିବା ପାଇଁ ପ୍ରୟାସ ଜାରି ରହିଛି । ପ୍ରଥମ କଥା, କୋଇଲାକୁ ଜାଳି ତାପଜ ବିଦ୍ୟୁତ୍‌କେନ୍ଦ୍ରରୁ ବିଜୁଳି ଉତ୍ପାଦନ କରାହୁଏ । କିନ୍ତୁ ସେଥିରେ ଧୂଆଁ ବାହାରେ। କୋଇଲାର ପାଉଁଶ ଉଡେ । ତେଣୁ ପୂରା ପରିବେଶ ମାଟି-ପାଣି-ପବନ ପ୍ରଦୂଷିତ ହୁଏ। ଦ୍ୱିତୀୟ କଥା, ଏବେ ତ କୋଇଲା ସରି ସରି ଆସୁଛି। ଆଉ କୋଇଲା ଉପରେ ଆମେ ନିର୍ଭର କରିବା ଠିକ୍ ହେବ ନାହିଁ। କିଛି ବିକଳ୍ପ ବ୍ୟବସ୍ଥା ନିହାତି ଜରୁରୀ। ସେମିତି ପରିବେଶରେ ପବନକଳର ବ୍ୟବହାର ଆମ ସମସ୍ୟାର ସମାଧାନ କରିପାରିବ।

ଆମ ଓଡିଶାରେ ମଧ୍ୟ ପବନକଳ ବସିପାରିବ। କାହିଁକିନା, ଓଡିଶା ହେଉଛି ଉପକୂଳ ରାଜ୍ୟ । ଏଠାରେ ଉପକୂଳ ଅଂଚଳ ରହିଛି ଓ ବିସ୍ତୃତ ସମୁଦ୍ରକୂଳ ରହିଛି । ଆମର ୪୮୦ କିଲୋମିଟର ବ୍ୟାପୀ ଉପକୂଳ ଅଂଚଳ ରହିଥିବାରୁ ଓଡିଶାରେ ସହଜରେ ପବନଶକ୍ତିର ବ୍ୟବହାର କରାଯାଇ ପାରିବ । ଓଡିଶାର ଗୋପାଳପୁର, ଚାନ୍ଦିପୁର, ପୁରୀ, ପାରାଦୀପ, ଛତ୍ରପୁର ଓ ଦାମନଯୋଡି ଅଂଚଳରେ ପବନକଳ ବସେଇ ୧୭୦୦ ମେଗାୱାଟ୍ ବିଜୁଳିଶକ୍ତି ଉତ୍ପାଦନ କରାଯାଇ ପାରିବ । ଖୁସିର କଥା, ଏବେ ଆମ ରାଜ୍ୟରେ ପବନଶକ୍ତିରୁ ୨ ମେଗାୱାଟ୍ ବିଜୁଳିଶକ୍ତି ଉତ୍ପାଦନ ହେଇ ପାରୁଛି। ରାଜ୍ୟରେ ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ହୀରାକୁଦ ଜଳଭଣ୍ଡାର ଥିବାରୁ ହୁଏତ ପବନଶକ୍ତି ଉପରେ ଗୁରୁତ୍ୱ ଦିଆଯାଇନାହିଁ।

ପବନଶକ୍ତି ସହିତ ଆହୁରି ଅନେକ ବିକଳ୍ପଶକ୍ତିର ବ୍ୟବହାର ଆଜି କରାଯାଉଛି । ପାରମ୍ପରିକ ଶକ୍ତି ହେଉ କି ବିକଳ୍ପଶକ୍ତି । ଏବେ ଆମେ ଜଗି ଚଳିବାର ବେଳ । ଆମେ ଶକ୍ତିର ଅପଚୟକୁ ନ ଜଗିଲେ ଅସୁବିଧାର ସମ୍ମୁଖୀନ ହେବା । ତେଣୁ ସମସ୍ତେ ଶକ୍ତିର ଅପବ୍ୟବହାରକୁ ଜଗିବା ଜରୁରୀ ।

**ଲେଖକ ଜଣେ ବରିଷ୍ଠ ଶିକ୍ଷାବିତ୍।**

# କଟକରେ ସିଏନ୍‌ଜି ଫିଲିଂ ଷ୍ଟେସନ ଉଦ୍‌ଘାଟିତ



କଟକ ସହର ଠାରେ ଦୁଇଟି ସିଏନଜି ଫିଲିଂ ଷ୍ଟେସନ ଉଦଘାଟନ କରି କଟକ ସହରରେ ସିଏନଜି ଷ୍ଟେସନ ଓ ପାଇପ ଯୋଗେ ରୋଷେଇ ଗ୍ୟାସ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୧୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କଟକ ସହରର ପ୍ରତି ପରିବାରକୁ ଦେଢ ହଜାରରୁ ସାତ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ଖର୍ଚ୍ଚ କମ କରା ଯାଇ ପାରିବ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ସିଡିଏର ବିଶାଳ ଫିଲିଂ ଷ୍ଟେସନ ଠାରେ ସିଏନଜି ଷ୍ଟେସନ ଉଦଘାଟନ କରିବା ପରେ ଏକ ବିଶାଳ ଅଟୋ ରିକ୍ସା ପଟୁଆରରେ ସିଦ୍ଧି ବିନାୟକ ଫିଲିଂ ଷ୍ଟେସନ ବିଦ୍ୟାଧରପୁର ଠାରେ ପହଂଚିଥିଲେ ଓ ସେଠାରେ ଆଉ ଏକ ଷ୍ଟେସନର ଶୁଭ ଉଦଘାଟନ କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ କଟକ ସହରବାସୀଙ୍କୁ ସିଏନଜି ଷ୍ଟେସନ ମୋଦି ସରକାରଙ୍କର ରଜ ଭେଟି । ଜଣେ ଅଟୋ ଚାଳକ ମାସକୁ ୩ରୁ ସାଢେ ୩ ହଜାର ଟଙ୍କାର ଇନ୍ଧନ ଖର୍ଚ୍ଚ କମ କରି ପାରିବ । ଖୁବଶୀଘ୍ର ଓଡିଶାରେ ଆଉ ପାଂଚଟି ନୂଆ ଷ୍ଟେସନ କାର୍ଯ୍ୟକାରୀ ହେବ । କଟକ ସହରରେ ଖୁବ ଶୀଘ୍ର ମ୍ୟୁନିସିପାଲଟିର ପାଇପ ଯୋଗେ ପାଣି ପରି ଗ୍ୟାସ ଘରେ ଘରେ ପହଂଚିବ । ଏଲପିଜି ଠାରୁ ସିଏନଜି ଶସ୍ତା ସୁବିଧା ଓ ସୁରକ୍ଷିତ ହେବ । ଓଡିଶାର ଧାମରାରୁ ଉତର ପ୍ରଦେଶ ପର୍ଯ୍ୟନ୍ତ ଲମ୍ବି ଥିବା ଗ୍ୟାସ ପାଇପ ଲାଇନ ଓଡିଶାର ୧୯ଟି ଜିଲ୍ଲାରେ ବିସ୍ତାରିତ ହୋଇ କେବଳ ପାଇପ ଯୋଗେ ରୋଷେଇ ଗ୍ୟାସ ଓ ଦୁଇ ଚକିଆ, ଚାରି ଚକିଆ ଯାନ ପାଇଁ ଇନ୍ଧନ ନୁହେଁ ଶିଳ୍ପ ସଂସ୍ଥା ମାନଙ୍କୁ ସ୍ୱଚ୍ଛ ଇନ୍ଧନ ଯୋଗାଇବା ସହ ଶିଳ୍ପ ସଂସ୍ଥା ମାନଙ୍କର ଖର୍ଚ୍ଚ କମ କରିବା ସହ ପରିବେଶକୁ ସୁରକ୍ଷିତ କରିବ । ପୂର୍ବରୁ ପ୍ରଦୂଷଣ ରୋକିବା ପାଇଁ ନ୍ୟାୟାଳୟ ମାନେ ହସ୍ତକ୍ଷେପ କରି ସରକାରଙ୍କୁ ସିଏନଜି ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଉଥିଲେ । ମାତ୍ର ମୋଦି ସରକାର ତ୍ୱରିତ ପଦକ୍ଷେପ ନେଇ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଦେଶକୁ ଗ୍ୟାସ ଆଧାରିତ ଅର୍ଥନୀତିରେ ପରିଣତ କରିବାକୁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ସାମ୍ପ୍ରତିକୀ

### ଅନୁଗୁଳ ଠାରେ ଜିନ୍ଦଲ ପ୍ରକଳ୍ପର ଲୋକାର୍ପଣ

# କୋଇଲାରୁ ସିଧା ବିଜୁଳି ପରିବର୍ତ୍ତେ ବିକଳ୍ପ ଇନ୍ଧନ ପ୍ରସ୍ତୁତି ପାଇଁ ନୂଆ ଟେକ୍ନୋଲଜିର ଯୁଗ ଆସିଛି: ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ




କୋଇଲାରୁ ସିଧା ସିଧା ବିଜୁଳି ଉତ୍ପାଦନର ଯୁଗ ସରି ସରି ଆସୁଛି ଓ କୋଇଲାରୁ ଗ୍ୟାସ, ତରଳ ଇନ୍ଧନ, ମିଥନଲ ତଥା ଅନ୍ୟାନ୍ୟ ଉର୍ଜା ଉତ୍ପାଦନ ପାଇଁ ନୂଆ ଟେକ୍ନୋଲଜି ପଥ ପରିଷ୍କାର କରୁଛି ବୋଲି ଜିନ୍ଦଲ କମ୍ପାନୀ ଦ୍ୱାରା ଅନୁଗୁଳ ଜିଲ୍ଲାରେ ଅନ୍ୟାନ୍ୟ ପ୍ରକଳ୍ପ ସହ ପ୍ରଥମ କୋଇଲାରୁ ଗ୍ୟାସ ବାହାର କରି ଇସ୍ପାତ ନିର୍ମାଣ କାମରେ ନିଯୁକ୍ତ ପାଇଁ ପ୍ରକଳ୍ପ ଉଦଘାଟନ କାର୍ଯ୍ୟକ୍ରମରେ କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ଜିନ୍ଦଲ ଇସ୍ପାତ କାରଖାନା ସହ ଟାଟା କମ୍ପାନୀ ବନ୍ଦ ପଡିଥିବା ଭୂଷଣ ଇସ୍ପାତ କାରଖାନାକୁ କେନ୍ଦ୍ର ସରକାରଙ୍କ ନୂଆ ନୀତି ଯୋଗୁ ଏହାକୁ ନିଜ ହାତକୁ ନେଇଛି । ଦେଶର ଦୁଇ ବୃହତ୍ ଇସ୍ପାତ ନିର୍ମାତା ଟାଟା ଓ ଜିନ୍ଦଲଙ୍କ ଉପସ୍ଥିତି ସ୍ଥାନୀୟ ଅଂଚଳର ଅର୍ଥନୀତିକୁ ବଳ ଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିଳ୍ପ ସଂସ୍ଥା ମାନେ ସମସ୍ତଙ୍କୁ ସିଧା ସିଧା ଚାକିରି ଦେଇ ପାରିବେ ନାହିଁ । କିନ୍ତୁ ଟାଟା, ଜିନ୍ଦଲ, ଏମସିଏଲ, ନାଲକୋ, ଏନଟିପିସି ସ୍ଥାନୀୟ ଅଂଚଳରୁ ଦାରିଦ୍ର୍ୟର ମୂଳପ୍ରାଟନ ପାଇଁ କ୍ଷେତ୍ର ପ୍ରସ୍ତୁତ କରି ପାରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଗୋଟିଏ ପଟେ ଜିନ୍ଦଲ ନୂଆ ଟେକ୍ନୋଲଜିରେ କୋଇଲାରୁ ଗ୍ୟାସ ଉତ୍ପାଦନ କରୁଥିବା ବେଳେ ତାଳଚେର ସାର କାରଖାନାକୁ ଗେଲ, କୋଲ ଇଣ୍ଡିଆ ଓ ରାଷ୍ଟ୍ରୀୟ ଇସ୍ପାତ ଲିମିଟେଡ ନୂଆ ଟେକ୍ନୋଲଜି ବ୍ୟବହାର କରି ଗ୍ୟାସ ଉତ୍ପାଦନ କରିବାର ପ୍ରକଳ୍ପ ନିର୍ମାଣ କରୁଛନ୍ତି । ବିଶ୍ୱର ଦୁଇଟି ଆଧୁନିକ ଟେକ୍ନୋଲଜି ଏହା ଦ୍ୱାରା ଏହି ଅଂଚଳରେ କାର୍ଯ୍ୟକାରୀ ହେବାକୁ ଯାଉଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବ୍ରାହ୍ମଣୀ ନଦୀ ଅବବାହିକାରୁ ଆରମ୍ଭ ହୋଇ ବିନ୍ଧ୍ୟ ପର୍ବତର ପାଦଦେଶ ଓ ଗଙ୍ଗା ନଦୀ ପର୍ଯ୍ୟନ୍ତ ହଜାରେ କିମି ବ୍ୟାପୀ ପଟିରେ କୋଇଲା ଉପଲବ୍ଧ । ବଦଳୁଥିବା ଭାରତରେ ଏହି କୋଇଲା ଖଣିର ଅଂଚଳ ଦେଶର ବିକାଶରେ ନୂଆ ଟେକ୍ନୋଲଜିର ସଂଯୋଗରେ ବଡ ଯୋଗଦାନ ଦେଇ ପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

### ମୋଦି ସରକାରଙ୍କ ଚାରିବର୍ଷ ପୂର୍ତ୍ତି

# ସମ୍ବଲପୁର ଠାରେ ସାମ୍ବାଦିକଙ୍କ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ




ସମ୍ବଲପୁର ଠାରେ ମୋଦି ଶାସନର ଚାରି ବର୍ଷ ପୂର୍ତ୍ତି ଅବସରରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତର ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ହଜାରେ କୋଟି ଟଙ୍କା ବ୍ୟୟରେ ବରଗଡ ଜିଲ୍ଲାରେ କୃଷି ବର୍ଜ୍ୟରୁ ଇନ୍ଧନ ଉତ୍ପାଦନ କାରଖାନା କାମ ଖୁବ ଶୀଘ୍ର ଆରମ୍ଭ ହେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସରକାର ଜମି ଦେବାରେ ବିଳମ୍ବ କରି ଅଳ୍ପ ଦିନ ତଳେ ଜମି ଦେଇଛନ୍ତି । ପରିବେଶ ଅନୁମତି ସହ ଆନୁଷଙ୍ଗିକ ପ୍ରସ୍ତୁତି ସରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ବରଗଡ ଠାରେ ଏହି ପ୍ରକଳ୍ପ ଦେଶର ଏପରି ପ୍ରଥମ ପ୍ରକଳ୍ପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଦେଶକୁ ଶକ୍ତି ଦୃଷ୍ଟିରୁ ସୁରକ୍ଷିତ କରିବାକୁ ହେଲେ କୃଷି ବର୍ଜ୍ୟ, ଜଙ୍ଗଲଜାତ ବର୍ଜ୍ୟ ଓ ସହରାଂଚଳର ବର୍ଜ୍ୟ ବସ୍ତୁରୁ ଆଧୁନିକ ଜ୍ଞାନ କୌଶଳ ବ୍ୟବହାର

# ସାମ୍ପ୍ରତିକୀ

କରି ଇନ୍ଧନ ଉତ୍ପାଦନ ଉଦ୍ୟମକୁ ପଶ୍ଚିମ ଓଡିଶାରେ ଆହୁରି କ୍ରିୟାଶୀଳ କରାଯିବ ବୋଲି ସାମ୍ବାଦିକ ମାନଙ୍କ ଉତରରେ ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଘରୋଇ ଧୂଆଁ କାରଣରୁ ରୋଗ ଓ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ମହତ୍ୱାକାଂକ୍ଷୀ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସଠିକ କ୍ରିୟାନ୍ୱୟନ କାରଣରୁ ପଶ୍ଚିମ ଓଡିଶାର ଜିଲ୍ଲା ମାନେ ସର୍ବାଧିକ ଲାଭବାନ ହୋଇଛନ୍ତି । ମୋଦି ଶାସନକୁ ଆସିବା ପୂର୍ବରୁ ପଶ୍ଚିମ ଓଡିଶାରେ ୧୨ରୁ ୧୫ ପ୍ରତିଶତ ଘରେ ଏଲପିଜି ଥିବା ବେଳେ ଆଜି ଦିନରେ ସମ୍ବଲପୁରରେ ୫୦, ଝାରସୁଗୁଡାରେ ୬୫, ବରଗଡରେ ୩୭, ବଲାଙ୍ଗୀରରେ ୪୮, ବୌଦ୍ଧରେ ୪୩ ଓ ସୋନପୁରରେ ୫୨ ପ୍ରତିଶତ ଘରେ ଏଲପିଜି ପହଂଚି ସାରିଛି ।

ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଝାରସୁଗୁଡା ବିମାନ ବନ୍ଦର କୌଣସି ବି ମହୁର୍ତରେ କାର୍ଯ୍ୟକାରୀ ହୋଇ ପାରେ । ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ଅନୁମତି ମିଳି ସାରିଛି । ରନ ବେ ର କିଛି ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଉଡାନ ଯୋଜନାରେ ବିମାନ ଉଡିବ । ମାତ୍ର ଝାରସୁଗୁଡାକୁ ବଡ ଉଡାଜାହାଜ ଯାତାୟାତ କରିବାର ବ୍ୟବସ୍ଥା ପାଇଁ ସେ ବିଭିନ୍ନ ବେସକାରୀ ବିମାନ ଚଳାଚଳ କମ୍ପାନୀଙ୍କ ସହ ସେ କଥା ହୋଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ ମୋଦି ସରକାରଙ୍କ ନୀତି ସଂସ୍କାର ଯୋଗୁ ଚତୁର୍ଦ୍ଦଶ ଅର୍ଥ କମିଶନ, ଖଣି ଇ-ନିଲାମୀ , ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ, ଜିଏସଟି, ଆକାଂକ୍ଷୀ ଜିଲ୍ଲା ଆଦିରେ ଓଡିଶା ଲାଭବାନ ହୋଇଛି ବୋଲି କହିଛନ୍ତି । ଓଡିଶାରେ ରେଳପଥ, ଜଳପଥ, ଜାତୀୟ ରାଜପଥ, ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ୟୁପିଏ ସରକାର ତୁଳନାରେ ଯଥେଷ୍ଟ ଅଧିକ ଅର୍ଥ ଗତ ଚାରିବର୍ଷରେ ଆସିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ସ୍ମାର୍ଟ ସିଟି ଯୋଜନା, ପାରାଦୀପ ବନ୍ଦର, ନାଲକୋ, ଏମସିଏଲ, ସେଲ, ଏନଟିପିସି, ତାଳଚେର ସାର କାରଖାନା ପୁନରୁଦ୍ଧାର ରେ ପ୍ରଚୁର ଅର୍ଥ ବିନିଯୋଗ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପାରାଦୀପ ବିଶୋଧନାଗାର ନିର୍ମାଣ ପରେ ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଶିଳ୍ପ,ଉର୍ଜା ଗଙ୍ଗା, ଘରେ ଘରେ ପାଇପ ଯୋଗେ ଗ୍ୟାସ, ଭଦ୍ରକରେ ଟେକ୍ସଟାଇଲ ପାର୍କ ପରି କାର୍ଯ୍ୟ ହାତକୁ ନିଆ ଯାଇ କେବଳ ପେଟ୍ରୋଲିୟମ ବିଭାଗର ୧,୩୪୬୮୦ କୋଟି ପୁଂଜି ନିବେଶ ହେଉଛି ବୋଲି ସେ କହିଛନ୍ତି।

ମୋଦି ସରକାରଙ୍କ ଯୋଜନା ସାଧାରଣ ଗରୀବ ଲୋକଙ୍କ ଘରେ ସିଧା ସିଧା ପହଂଚିଛି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ, ସୌଭାଗ୍ୟ ଯୋଜନାରେ ମାଗଣା ବିଜୁଳି, ସ୍ୱଚ୍ଛ ଭାରତରେ ପାଇଖାନା, ଆୟୁଷ୍ମାନ ଭାରତରେ ସ୍ୱାସ୍ଥ୍ୟ ବୀମା ଓ କୃଷି ବୀମା ଯୋଜନାରେ ମୋଦି ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ସାମ୍ପ୍ରତିକୀ

# ତୃତୀୟ ପୂର୍ବ ଏସିଆ ସମ୍ମିଳନୀ ଉଦ୍‌ଘାଟିତ

ପୂର୍ବ ଏସୀୟ ଦେଶ ଗୁଡ଼ିକ ସହ ଓଡ଼ିଶାର ସମ୍ବନ୍ଧ ବହୁ ପୁରୁଣା ଓ ସମୁଦ୍ର ହିଁ ଉଭୟ ଭୂଖଣ୍ଡର ସମ୍ପର୍କର ଆଧାର ବୋଲି ତୃତୀୟ ପୂର୍ବଏସିଆ ସମ୍ମିଳନୀକୁ ଉଦଘାଟନ କରି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଏହି ସମାରୋହରେ ଉଦବୋଧନ ଦେଇ କହିଛନ୍ତି ଯେ ଓଡ଼ିଆ ମାନଙ୍କର ଦରିଆପାରି ଦେଶ ମାନଙ୍କ ସହ ବାଣିଜ୍ୟ ବିଶେଷ ଭାବେ ବସ୍ତ୍ର, ମସଲା ରପ୍ତାନୀର ଲମ୍ବା ଇତିହାସ ରହିଛି । ଓଡ଼ିଶାର କିମ୍ବଦନ୍ତୀ, ସାହିତ୍ୟ, ଧର୍ମ, ସ୍ଥାପତ୍ୟର ସମ୍ପର୍କ ପୂର୍ବ ଏସୀୟ ଦେଶ ମାନଙ୍କ ସହ ଏତେ ମାତ୍ରାରେ ଜଡ଼ିତ ହୋଇ ରହିଛି, ଏଗୁଡ଼ିକ ସମ୍ବନ୍ଧରେ ଆହୁରି ଗବେଷଣାର ଆବଶ୍ୟକତା ରହିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ବି ବାଲି ଯାତ୍ରା ମାଧ୍ୟମରେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ତଥା ଅତୀତର ଅର୍ଥନୈତିକ ସଫଳତରା ସ୍ମୃତି ଆକାରରେ ପାଳନ କରା ଯାଉଛି । ଓଡ଼ିଶାରେ ଡଙ୍ଗା ଭସା ପରି ଥାଇଲ୍ୟାଣ୍ଡରେ ଲୋୟକ୍ରାଥମ ପରି ପାରମ୍ପାରିକ ଡଙ୍ଗା ଭସା ଉତ୍ସବରେ ସେ ଯୋଗ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ, ଆସିଆନ୍ ଏବଂ ପୂର୍ବଏସୀୟ ରାଷ୍ଟ୍ରଗୁଡ଼ିକ ସହ ଭାରତ ସମ୍ପର୍କ ବୃଦ୍ଧି କରିବା ଲାଗି ଅହରହ ଉଦ୍ୟମ ଚଳାଇଛି। ସଂଯୋଗୀକରଣକୁ ଅଗ୍ରପ୍ରାଧାନ୍ୟ ଦିଆଯାଇଛି। ବିଶେଷ କରି ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରମାନଙ୍କ ସହ ସଡ଼କ, ବାୟୁ ଏବଂ ଜଳପଥରେ ସଂଯୋଗୀକରଣ ବୃଦ୍ଧି କରିବା ଲାଗି ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଗୁରୁତ୍ୱ ଦେଉଛନ୍ତି। ସାମୁଦ୍ରିକ ବାଣିଜ୍ୟ ଏବେ ଧିରେ ଧିରେ ବୃଦ୍ଧି ପାଉଥିବାରୁ ସରକାର "ନୀଳ ଅର୍ଥବ୍ୟବସ୍ଥା"କୁ ପ୍ରାଧାନ୍ୟ ଦେଉଛନ୍ତି। ସାମୁଦ୍ରିକ ବାଣିଜ୍ୟ ସମ୍ବନ୍ଧ ବଢ଼ାଇବାକୁ ହେଲେ ଆମର ସମୁଦ୍ର ପଥକୁ ଜଳଦସ୍ୟୁ ଏବଂ ବିଭିନ୍ନ ପ୍ରକାର ଆପଦବିପଦରୁ ସୁରକ୍ଷିତ ରଖିବାକୁ ପଡ଼ିବ। ଏଥିଲାଗି ଭାରତର ନୌବାହିନୀ ନୀଳ ଅର୍ଥବ୍ୟବସ୍ଥାକୁ ବଳ ଯୋଗାଉଛି ଏବଂ ସମୁଦ୍ର ପଥକୁ ସୁରକ୍ଷିତ ରଖିବା ଦିଗରେ ସକ୍ରିୟ ପଦକ୍ଷେପ ନେଉଛି। ସବୁ ମିତ୍ର ରାଷ୍ଟ୍ରମାନଙ୍କର ସହଯୋଗରେ ସାମୁଦ୍ରିକ ବାଣିଜ୍ୟକୁ ସୁଗମ କରିବା ଲାଗି ପଦକ୍ଷେପ ନିଆଯାଉଛି। ସାମୁଦ୍ରିକ ବାଣିଜ୍ୟ ବୃଦ୍ଧି ଲାଗି ବନ୍ଦରଭିତିକ ବିକାଶକୁ ତାଙ୍କ ସରକାର ଗୁରୁତ୍ୱ ଦେଉଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ, ଭାରତ ମହାସାଗରରେ ଆମ ଦେଶର ନିର୍ଧାର୍ଯ୍ୟ ଆର୍ଥିକ ଜୋନର ସୀମା ଅନେକ ଅଂଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହାର ସୁରକ୍ଷା ସହ ପୂର୍ବଏସୀୟ ରାଷ୍ଟ୍ରମାନଙ୍କ ସହ ବାଣିଜ୍ୟିକ ସମ୍ପର୍କ ବଢ଼ାଇବା ତଥା ସବୁ ଅଂଚଳର ସାମଗ୍ରୀକ ବିକାଶ ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ "ସାଗର" ନୀତିର ପରିକଳ୍ପନା କରିଛନ୍ତି। ଏହାର ଅର୍ଥ ହେଲା ସିକ୍ୟୁରିଟି ଏଣ୍ଡ ଗ୍ରୋଥ ଫର ଅଲ ଇନ ଦ ରିଜନ (ସାଗର) । ସେ କହିଛନ୍ତି ଯେ ପୂର୍ବ ଉପକୂଳରେ ଓଡ଼ିଶାର ପାରାଦୀପ ଏବଂ ଧାମରା ବନ୍ଦରର ବିକାଶ ଲାଗି ୨୦୦୦ କୋଟି ଡଲାରର ପୁଞ୍ଜି ନିବେଶ ହେବାକୁ ଯାଉଛି। ପାରାଦୀପରେ ପେଟ୍ରୋ ରସାୟନ ଉଦ୍ୟୋଗର ବିକାଶ ହେଉଛି। ଏଠାରୁ ପ୍ରସ୍ତୁତ ସିନ୍ଥେଟିକ ସୂତା ସିଧାସଳଖ ଭିଏତନାମ ଏବଂ ଅନ୍ୟାନ୍ୟ ପୂର୍ବ ଏସୀୟ ରାଷ୍ଟ୍ରରେ ସମୁଦ୍ର ପଥରେ ପହଂଚିବ। ଯାହାକି ସେଠାରେ ବୟନ ଉଦ୍ୟୋଗର ବିକାଶ ହେବ।

# ଅନୁଗୁଳ ଚାମ୍ବର ଅଫ କମର୍ସର ୪୮ ତମ ପ୍ରତିଷ୍ଠା ଦିବସ

ଅନୁଗୁଳ ଜିଲ୍ଲାରେ ଯେତିକି ସମ୍ଭାବନା ଅଛି କେବଳ ଭାରତ ନୁହେଁ ବିଶ୍ୱର ଅର୍ଥନୀତିରେ ଏହି ଜିଲ୍ଲା ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବ ବୋଲି ଅନୁଗୁଳ ଚାମ୍ବର ଅଫ କମର୍ସର ୪୮ ତମ ପ୍ରତିଷ୍ଠା ଦିବସରେ ଯୋଗ ଦେଇ କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଳ୍ପ କେଇ ଏକର ଜମି ଅଧିଗ୍ରହଣ ବିବାଦ ସିଙ୍ଗୁରକୁ ବିଶ୍ୱ ମାନଚିତ୍ରରେ ବିତର୍କିତ ଅଂଚଳ କଲା । ମାତ୍ର କେବଳ ଅନୁଗୁଳ ଜିଲ୍ଲାରେ ବିଭିନ୍ନ ଶିଳ୍ପ ଓ ଖଣି ପାଇଁ ୫୦ ହଜାର ଏକରରୁ ଅଧିକ ଜମି ଅଧିଗ୍ରହଣ ହୋଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ତାଙ୍କ ଜ୍ଞାତ ସାରରେ ଭାରତର କୌଣସି ବି ଜିଲ୍ଲାରେ ଏତେ ମାତ୍ରାରେ ଜମି ଅଧିଗ୍ରହଣ ହୋଇ ନାହିଁ । କୋଲ ଇଣ୍ଡିଆ, ନାଲକୋ, ଏନଟିପିସି, ଭୂଷଣ, ଜିନ୍ଦଲ ଓ ବିଭିନ୍ନ ଜଳସେଚନ ପ୍ରକଳ୍ପରେ ଏହି ଜମି ଅଧିଗ୍ରହଣ ହୋଇଛି । କେବଳ ଏବେ ଖୋଲା ଥିବା ଓ ବନ୍ଦ ପଡିଥିବା ଓପନ କାଷ୍ଟ ମାଇନ୍ସରେ ୩୦ ହଜାର ଏକର ଜମି ଅଧିଗ୍ରହଣ ହୋଇଛି ।

କେବଳ ଅନୁଗୁଳ ଜିଲ୍ଲାରେ ଆଜି ଦିନରେ ୧୦୦ ନିୟୁତ ଟନ କୋଇଲା ଖନନ ହୋଇଛି । ୧୨ ନିୟୁତ ଟନ ଇସ୍ପାତ ଉତ୍ପାଦନ, ୧ ନିୟୁତ ଟନରୁ ଅଧିକ ଆଲୁମିନିୟମ ଓ ୧୦ ହଜାର ମେଗାବାଟରୁ ଅଧିକ ବିଜୁଳି ଉତ୍ପାଦନ ହୋଇଛି । ଏନଟିପିସି , ନାଲକୋ, ଏମସିଏଲ ଓ ତାଳଚେର ସାର କାରଖାନାର ପୁନରୁଦ୍ଧାର ମୋଟରେ ୫୦ ହଜାର କୋଟି ଟଙ୍କାର ପୁଂଜିନିବେଶ ଆଗାମୀ କିଛି ବର୍ଷ ମଧ୍ୟରେ ହେଉଛି । ଏହି ଶିଳ୍ପ ହେଲେ ଇଂଜିନିୟରିଂ କଲେଜ, ଆଇଟିଆଇ,ଡିପ୍ଲୋମା ଓ ମଜଦୂର କାମ ସ୍ଥାନୀୟ କଂଟ୍ରାକ୍ଟର, ଟ୍ରକ ହୋଟେଲ ଟ୍ୟାକ୍ସି, ଅଟୋ, ଛୋଟ ଛୋଟ ଉତ୍ପାଦନ କାମରେ ସ୍ଥାନୀୟ ଲୋକ ମାନଙ୍କର ଯାହା ଭାଗିଦାରୀ ରହୁଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୁଳ ବୋଧ ହୁଏ ଦେଶର ଗୋଟିଏ ଜିଲ୍ଲା ଯେଉଁଠି ବିଜୁଳି, ଲୁହା, ଆଲୁମିନିୟମ ଉତ୍ପାଦନ ସହ କୋଇଲାରୁ ଗ୍ୟାସ ଓ ଅନ୍ୟାନ୍ୟ ସ୍ୱଚ୍ଛ ଉର୍ଜା ଉତ୍ପାଦନ ସହ ପେଟ୍ରୋକେମିକାଲ ଦୁନିଆର ସବୁ କଂଚା ମାଲ ଉପଲବ୍ଧ ହେବ । ଜିନ୍ଦଲର କୋଇଲାରୁ ଗ୍ୟାସ ପରେ ତାଳଚେର ସାର କାରଖାନାରୁ କୋଇଲାରୁ ଗ୍ୟାସ ଓ ଅନ୍ୟାନ୍ୟ ଉର୍ଜା ଉତ୍ପାଦନ ପାଇଁ ପ୍ରସ୍ତୁତି ଚାଲିଛି ଓ ତାଙ୍କର ଇଚ୍ଛା ଖୋଦ ପ୍ରଧାନମନ୍ତ୍ରୀ ଆସି ଏହି ପ୍ରକଳ୍ପର ଭୂମି ପୂଜା କରନ୍ତୁ ।

ଜିଲ୍ଲାର ଲୋକମାନଙ୍କୁ ଭାବିବାକୁ ପଡିବ ଏତିକିରେ ସୀମିତ ରହିବା ନା ଏହାର ଉପର ସ୍ତରକୁ ଯାଇ ନୂଆ କଥା ଚିନ୍ତା କରିବା । ନାଲକୋରୁ ବାହାରୁଥିବା ଆଲୁମିନିୟମରୁ ଅଟୋ ପାର୍ଟ ଓ ଏୟାର ବସର ଅଂଶ ଅନୁଗୁଳର ଲୋକ କାହିଁକି ତିଆରି କରି ପାରିବେ ନାହିଁ । ମାଲ୍ୟଗିରି ଓଡିଶାର ବଡ ପାହାଡ ଏହି ଜିଲ୍ଲାରେ ଅଛି । ସାତକୋଶିଆ ଗଣ୍ଡ, ଟିକରପଡା ଏହି ଜିଲ୍ଲାରେ । ଏ ଗୁଡିକୁ ଅନ୍ତରରାଷ୍ଟ୍ରୀୟ ସ୍ତରର ପର୍ଯ୍ୟଟନ କେନ୍ଦ୍ର କାହିଁକି କରା ଯାଇ ପାରିବ ନାହିଁ । ଜିଲ୍ଲାର କୃଷି ଉତ୍ପାଦକୁ ପ୍ରକ୍ରିୟାକରଣ କରି ମୂଲ୍ୟ ଯୁକ୍ତ କରି ଆଗକୁ କାହିଁକି ବଢା ଯାଇପାରିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି ।

## ବିକାଶର ରୋଡ୍‌ମ୍ୟାପ୍

# ପ୍ରଧାନମନ୍ତ୍ରୀଙ୍କ ଭାବ ବିନିମୟ




*(ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ସହ ଭାବ ବିନିମୟ)*

● ଅଟଲ୍ ନ୍ୟୁ ଇଣ୍ଡିଆ ଚାଲେଞ୍ଜ, ସ୍ମାର୍ଟ ଇଣ୍ଡିଆ ହାକାଥନ ଆଣ୍ଡ୍ ଏଗ୍ରିକଲ୍‌ଚର ଗ୍ରାଣ୍ଡ୍ ଚାଲେଞ୍ଜ ଭଳି ପ୍ରତିଯୋଗିତା ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଛି । ଯୁବପିଢ଼ିଙ୍କୁ ଗବେଷଣା ଏବଂ ଅଭିନବ ସୃଜନଶୀଳତା ପ୍ରତି ଆକୃଷ୍ଟ କରିବା ସକାଶେ ସମଗ୍ର ଦେଶରେ ୮ଟି ଗବେଷଣା ଉଦ୍ୟାନ ଓ ୨୫୦୦ଟି ଅଟଲ୍ ଟିଙ୍କରିଂ ପରୀକ୍ଷାଗାର ପ୍ରତିଷ୍ଠା କରାଯାଉଛି ।

● ମେକ୍ ଇନ୍ ଇଣ୍ଡିଆ ଭଳି ଡିଜାଇନ୍ ଇନ୍ ଇଣ୍ଡିଆ ମଧ୍ୟ ହେଉଛି ଇନୋଭେଟ୍ ଇଣ୍ଡିଆକୁ ଏକ ଗଣଆନ୍ଦୋଳନରେ ପରିଣତ କରିବା ପାଇଁ ଆହ୍ୱାନ ସଦୃଶ । # ଇନୋଭେଟ୍ ଇଣ୍ଡିଆ ମାଧ୍ୟମରେ ନିଜ ନିଜ ସୁଚିନ୍ତିତ ଚିନ୍ତାଧାରା ଏବଂ ଅଭିନବତା ବାଣ୍ଟିବା ପାଇଁ ପ୍ରଧାନମନ୍ତ୍ରୀ ଦେଶର ନାଗରିକମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି ।

● ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେବଳ ଇଟା ପଥରର ଘର ନୁହଁ ବରଂ ଜନସାଧାରଣଙ୍କୁ ଉତ୍ତମ ଜୀବନ ପ୍ରଦାନ ଏବଂ ସେମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ଉଦ୍ଦିଷ୍ଟ ଏକ ଯୋଜନା ।

● ୨୦୨୨ ମସିହା ସୁଦ୍ଧା ଯେତେବେଳେ ଭାରତ ତା'ର ୭୫ତମ ସ୍ୱାଧୀନତା ଦିବସ ପାଳନ କରିବ, ସେହି ସମୟ ସୁଦ୍ଧା ପ୍ରତ୍ୟେକ ଭାରତୀୟଙ୍କ ପାଖରେ ବାସଗୃହ ସୁନିଶ୍ଚିତ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି ।

● ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧିନରେ ଗ୍ରାମାଞ୍ଚଳରେ ୩ କୋଟି ବାସଗୃହ ଏବଂ ସହରାଞ୍ଚଳରେ ୧ କୋଟି ବାସଗୃହ ନିର୍ମାଣ ପାଇଁ ସରକାର ଯୋଜନା କରିଛନ୍ତି । ବର୍ତ୍ତମାନ ସୁଦ୍ଧା ସହରାଞ୍ଚଳରେ ୪୭ ଲକ୍ଷ ଏବଂ ଗ୍ରାମାଞ୍ଚଳରେ ୧ କୋଟିରୁ ଊର୍ଦ୍ଧ୍ୱ ବାସଗୃହ ନିର୍ମାଣ ପାଇଁ ସରକାର ମଞ୍ଜୁରୀ ପ୍ରଦାନ କରିସାରିଛନ୍ତି ।

● ବାସଗୃହଗୁଡ଼ିକର ଆକାର ୨୦ ବର୍ଗମିଟରରୁ ୨୫ ବର୍ଗମିଟରକୁ ବୃଦ୍ଧି କରାଯାଇଛି । ଏହାସହିତ ଏହି ଯୋଜନା ଅଧିନରେ ମିଳୁଥିବା ଆର୍ଥିକ ସହାୟତା ପରିମାଣକୁ ୭୦/୭୫ ହଜାର ଟଙ୍କାରୁ ବୃଦ୍ଧି କରାଯାଇ ୧ ଲକ୍ଷ ୨୫ ହଜାର ଟଙ୍କା କରାଯାଇଛି ।

● ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଜନସାଧାରଣଙ୍କ ଆତ୍ମ ସମ୍ମାନ ସହିତ ଜଡ଼ିତ । ଏହି ଯୋଜନାର ଲକ୍ଷ୍ୟ ହେଉଛି, ଅଧିକରୁ ଅଧିକ ମହିଳା ଓ ଦିବ୍ୟାଙ୍ଗ ଭାଇଭଉଣୀ, ଅନୁସୂଚିତ ଜାତି-ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କ ପାଇଁ ବାସଗୃହ ସୁନିଶ୍ଚିତ କରିବା ।

● ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଛି । ଏହି କ୍ରମରେ ସରକାର ପ୍ରାୟ ୧ ଲକ୍ଷ ରାଜମିସ୍ତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିସାରିଛନ୍ତି । ଏତଦ୍‌ବ୍ୟତୀତ କେତେକ ରାଜ୍ୟରେ ମହିଳା ରାଜମିସ୍ତ୍ରୀମାନଙ୍କୁ ମଧ୍ୟ ପ୍ରଶିକ୍ଷିତ କରିବା କାର୍ଯ୍ୟ ଆରମ୍ଭ କରିବା ଦ୍ୱାରା ମହିଳା ସଶକ୍ତିକରଣ ଦିଗରେ ମଧ୍ୟ ଏକ ବାଟ ଫିଟିଛି ।

YOJANA (Odia) : Monthly July 2018 RNI No. 57203/93
ISSN 0971-8346
Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ ।

## ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସ୍ଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡ଼ି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

Advertisement & Circulation Manager, YOJANA
Publications Division, Min. of I & B,
Soochna Bhawan, Room 48-53, CGO Complex, Lodi Road, New Delhi - 110003
The subscription may be sent through IPO/MO or Bank Draft in favour of the
"Director, Publications Division, Ministry of Information & Broadcasting, New Delhi

Printed and Published by Dr. (Ms) Sadhana Rout, Director General & Head on behalf of Publication Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: I G Printers Pvt. Ltd., Okhla Industrial Area, New Delhi - 110020
Editor : Dr. Girish Chandra Dash